EKAMAATRA
# ଏକମାତ୍ର
ଅନୁସନ୍ଧାନ ପରେ ଖବର
RNI Regd. No. ODIODI/2017/71524

READ & SHARE
www.ekamaatra.com
ekamaatra@gmail.com
tarakmohanty1970@gmail.com
ekamaatraodia
ekamaatranews



‘ଏକମାତ୍ର’ର ଚତୁର୍ଥ ସ୍ୱନକ୍ଷତ୍ର ଦିବସ ଅବସରରେ ଜଗତରନାଥ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ କୋଟି କୋଟି ପ୍ରଣାମ ଜଣାଇବା ସହିତ ଆମର ଅସଂଖ୍ୟ ପାଠକ/ପାଠିକା, ଶୁଭେଚ୍ଛୁ, ଲେଖକ/ଲେଖିକା, ଖବରଦାତା ଓ ବିଜ୍ଞାପନଦାତାଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛୁ।

– ଏକମାତ୍ର ପରିବାର

ବର୍ଷ-୪ | ସଂଖ୍ୟା-୦୧ | ୧୩ - ୧୯ ଜାନୁଆରୀ, ୨୦୨୦ | ଭୁବନେଶ୍ୱର | Monday Weekly | VOL-4 | ISSUE-01 | 13th - 19th JANUARY, 2020 | BHUBANESWAR | ₹ 5/- (8 Pages)

# ଆତଙ୍କର କଳାବାଦଲ, ଶାନ୍ତି କାହିଁ



ସାମ୍ପ୍ରତିକ ସମୟରେ ବିଶ୍ୱର ସବୁ ରାଷ୍ଟ୍ର ପ୍ରଗତି ପାଇଁ ପ୍ରତିଦ୍ୱନ୍ଦ୍ୱିତାରେ ବ୍ୟସ୍ତ ରହିଥିଲା ବେଳେ ମାନବ କଲ୍ୟାଣ ମୂଳ ମନ୍ତ୍ରଟିକୁ ବୋଧହୁଏ ସମସ୍ତେ ପାଶୋରି ଯାଉଛନ୍ତି। ବିଜ୍ଞାନ ଓ କାରିଗରୀର ଉପଯୋଗିତା ମାଧ୍ୟମରେ ନିଜ ନିଜ ରାଷ୍ଟ୍ରକୁ ଅଧିକ ବିକଶିତ କରିବାର ଯେଉଁ ପ୍ରତିଯୋଗିତା ଚାଲିଛି, ତଦ୍ୱାରା ହୁଏତ ବିଶ୍ୱର ଅନେକ ଲୋକ ଚନ୍ଦ୍ରରେ କିମ୍ବା ମଙ୍ଗଳ ପୃଷ୍ଠରେ ବାସ କରିବାର ସ୍ୱପ୍ନ ଦେଖିପାରନ୍ତି। ମାତ୍ର ବର୍ତ୍ତମାନ ପରିପ୍ରେକ୍ଷୀରେ ପୃଥିବୀରେ ବଞ୍ଚି ରହିବା ସହଜ ମନେ ନହେଉଥିଲା ବେଳେ ଗୋଟେ ନୂଆ ଦୂନିଆଁରେ ଘର କରିବାର ସ୍ୱପ୍ନ କେବେ ଓ କିଭଳି ସାକାର ହେବ ତାହା ଏବେଠାରୁ ଆକଳନ କରିବା ସମ୍ଭବ ନୁହେଁ। ବର୍ତ୍ତମାନ ଦେଖା ଯାଉଥିବା ଯେତେ ଯେତେ ସମସ୍ୟା, ଯନ୍ତ୍ରଣା, ପୀଡନ, ଉତ୍ପୀଡନ ଓ ବ୍ୟଭିଚାରର ବିନାଶ ନଘଟିବା ପର୍ଯ୍ୟନ୍ତ କୌଣସି ରାଷ୍ଟ୍ର ଦାବି କରିପାରିବ ନାହିଁ ଯେ, ସୁଖରେ ବା ଶାନ୍ତିରେ ରହିଛି। ମଣିଷ ପାଇଁ ଖାଦ୍ୟ, ବସ୍ତ୍ର, ବାସଗୃହ ଭଳି ଅନେକ ମୌଳିକ ବିଷୟବସ୍ତୁର ସମାଧାନ ହୋଇପାରୁ ନଥିଲା ବେଳେ ପୃଥିବୀ ପୃଷ୍ଠରେ ଉତ୍ତାପ, ପ୍ରଦୂଷଣ, ଜନସଂଖ୍ୟା ବୃଦ୍ଧି ଭଳି ଅନେକ ଗୁଡିଏ ସମସ୍ୟା ଧରାପୃଷ୍ଠକୁ ଭାରାକ୍ରାନ୍ତ କରିଚାଲିଛି। ଏ ଦିଗରେ ଅନେକ ବିକାଶଶୀଳ ରାଷ୍ଟ୍ର ପ୍ରଚେଷ୍ଟା ଚଳାଇଥିଲେ ବି ଏସବୁର ସ୍ଥାୟୀ ସମାଧାନ ପାଇଁ ସେଭଳି କିଛି ଆଖିଦୃଶିଆ ପଦକ୍ଷେପ ନେଇପାରି ନାହାନ୍ତି। ପରିବେଶର ସୁରକ୍ଷା ସହିତ ଜୀବଜନ୍ତୁ ମାନଙ୍କ ସୁରକ୍ଷା ପାଇଁ ଯେତିକିବି ପଦକ୍ଷେପ ନିଆଯାଇଛି ତାହା ସମୁଦ୍ରକୁ ଶଙ୍ଖେ ଭଳି। ଶତପ୍ରତିଶତ ସଫଳତା ହାସଲ କ୍ଷେତ୍ରରେ ବିଶ୍ୱର କୌଣସି ରାଷ୍ଟ୍ର ନିଜକୁ ଦାବିଦାର ମନେକରିବା ହୁଏତ ହାସ୍ୟାସ୍ପଦ। କାରଣ ସବୁ ରାଷ୍ଟ୍ରରେ କିଛି କିଛି ସମସ୍ୟା ରହିଛି। କେଉଁଠି ଖାଦ୍ୟକୁ ନେଇ ତ ଆଉ କେଉଁଠି ବେକାରୀ ସମସ୍ୟାକୁ ନେଇ। ଅନେକ ରାଷ୍ଟ୍ର ନିଜ ଦେଶର ଲୋକମାନଙ୍କୁ ମୌଳିକ ସୁବିଧା ସୁଯୋଗ ଯୋଗାଇଦେବା କ୍ଷେତ୍ରରେ ମଧ୍ୟ ପଛୁଆ ରହିଛନ୍ତି। ଏହାରି ମଧ୍ୟରେ ଦେଶ ଦେଶ ମଧ୍ୟରେ ଯୁଦ୍ଧର ଘନଘଟା, ଖାଦ୍ୟ ସଙ୍କଟ, ଜଳ ସଙ୍କଟ, ବ୍ୟାଧି ଉପଚାର ସଙ୍କଟ ଭଳି ବହୁ ଭୟାନକ ସମସ୍ୟା ଆଗାମୀ ଦିନରେ ବିଭିନ୍ନ ରାଷ୍ଟ୍ରକୁ ନିମ୍ନଗାମୀ କରିଦେବାର ଆଶଙ୍କା ମଧ୍ୟ ଦେଖାଦେଲାଣି। ଏହା ଭିତରେ ସାଧାରଣ ବର୍ଜ୍ୟଠାରୁ ଆରମ୍ଭ କରି ଇ-ବର୍ଜ୍ୟର କୁପରିଣାମକୁ ନେଇ ବିକଶିତ ରାଷ୍ଟ୍ର ଗୁଡିକ ଯେତିକି ଚିନ୍ତିତ ବିକାଶଶୀଳ ରାଷ୍ଟ୍ର ମଧ୍ୟ ସେତିକି ଚିନ୍ତାରେ ପଡିଛନ୍ତି। ସେହିଭଳି ଆମ ଦେଶ ଭାରତ ମଧ୍ୟ ପଡୋଶୀ ରାଷ୍ଟ୍ର ପାକିସ୍ତାନ ଓ ଚୀନ୍‌କୁ ନେଇ ସେତେ ସେତେ ଆଶଙ୍କାରେ ରହିଛି। ଦେଶ ବାହାର ଶତ୍ରୁଙ୍କ ଅପେକ୍ଷା ଦେଶ ଭିତରେ ଘଟୁଥିବା ଅନେକ ଗୁଡିଏ ଘଟଣା ମଧ୍ୟ କେନ୍ଦ୍ର ସରକାରଙ୍କ ଚିନ୍ତା ବୃଦ୍ଧିର କାରଣ ପାଲଟିଛି। ଏହାରି ମଧ୍ୟରେ ସିଏଏ ଓ ଏନ୍‌ଆରସିକୁ ନେଇ ଦେଶର ବିଭିନ୍ନ ରାଜ୍ୟରେ ଯେଭଳି ବିଦ୍ରୋହ ଦେଖାଦେଇଛି ତାହା ଦେଶ ପାଇଁ ଆଦୌ ଶୁଭଙ୍କର ନୁହେଁ। ସମ୍ବିଧାନ ପ୍ରଦତ୍ତ ଅଧିକାରକୁ ନେଇ ଦେଶର ବହୁ ବୁଦ୍ଧିଜୀବୀ ଯେଭଳି ବାରମ୍ବାର କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରୁଛନ୍ତି ତାହା ଶାସନକୁ ସୁପରିଚାଳନା କରିବା କ୍ଷେତ୍ରରେ ବିଭ୍ରାଟ ସୃଷ୍ଟି କରିବ ନିଶ୍ଚୟ। ବିକାଶ ସେତିକିବେଳେ ହୁଏ ଯେତେବେଳେ ମଣିଷ ମଣିଷ ମଧ୍ୟରେ ଭାଇଚାରା, ପ୍ରେମ ଓ ସମ୍ପର୍କ ବଢ଼େ। ଅନେକ ଗୁଡିଏ ସଙ୍କଟର ସ୍ଥାୟୀ ସମାଧାନ ନ କରି କୌଣସି ଶାସକ ନିଷ୍ଠୁର ଭାବେ ଅନ୍ୟ ଉପରେ ନିଜର ନିଷ୍ପତ୍ତି ଲଦି ଚାଲିଲେ ଏହା ବିରୋଧର ସାମ୍ନାତ କରିବ ନିଶ୍ଚୟ। ତେଣୁ ସ୍ଥିର ଚିତ୍ତରେ ଅନ୍ୟକୁ ବିଶ୍ୱାସକୁ ନେଇ ଆଗକୁ ବଢ଼ିବା ହେଉଛି ଶାନ୍ତିକାମୀ ସ୍ୱପ୍ନ। ଏହି ସ୍ୱପ୍ନ ସାକାର ହେଲେ ମଣିଷ ଓଠରେ ହସ ଫୁଟେ, ଦେଶ ବଢ଼େ ଓ ଜାତି ବଢ଼ିଥାଏ। କଣ୍ଟକିତ ରାସ୍ତାରେ ଆଗକୁ ଚାଲିବା ସହଜ ନହେଲେ ବି ରାସ୍ତା ସଫା କରି ଆଗକୁ ବଢ଼ିବା ପାଇଁ ହିଁ ଧୈର୍ଯ୍ୟର ଆବଶ୍ୟକତା ରହିଛି। ଏହାକୁ ପାଥେୟ କରି ‘ଏକମାତ୍ର’ ଆଜି ଚତୁର୍ଥ ବର୍ଷରେ ପାଦ ଦେଇଛି। ଏହି ଅବସରରେ ସମସ୍ତଙ୍କ ଆଶୀର୍ବାଦ ଓ ଭଲପାଇବା କାମନା କରୁଛି।

ତାରକ ମହାନ୍ତି

# ଅଣ୍ଡା ଦେବାକୁ ସ୍ଥାନ ଅଭାବ; ଅଡୁଆରେ ଅଲିଭ୍ ରିଡ୍‌ଲେ

**ଭୁବନେଶ୍ୱର :** ନଭେମ୍ବର ଆରମ୍ଭରୁ ଓଡ଼ିଶାର ସମୁଦ୍ର ବେଳାଭୂମି ଅଭିମୁଖେ ଆସିଥାନ୍ତି ବିରଳ ପ୍ରଜାତିର ଅଲିଭ୍ ରିଡ୍‌ଲେ କଇଁଛ। ସମୁଦ୍ର ଭିତରେ ନଭେମ୍ବରରୁ ଡିସେମ୍ବର ଭିତରେ କଇଁଛ ମାନଙ୍କ ମିଳନ ପର୍ବ ହୋଇଥାଏ। ଏମାନେ ଜାନୁଆରୀରୁ ଫେବୃଆରୀ ମାସ ଭିତରେ କୂଳକୁ ଆସି ଅଣ୍ଡାଦେବା ଆରମ୍ଭ କରନ୍ତି। ବିଶେଷକରି ଏଥିପାଇଁ ପୁରୀ ଜିଲ୍ଲାର ସମୁଦ୍ର କୂଳିଆ ଅଞ୍ଚଳକୁ କଇଁଛ ମାନେ ପସନ୍ଦ କରିଥାନ୍ତି। ଯାହାଫଳରେ ହଜାର ହଜାର କଇଁଛ ଛୁଆ ଜନ୍ମ ନେଇ ପ୍ରକୃତିର ଶୋଭା ବର୍ଦ୍ଧନ କରିବା ସହିତ ପରିବେଶର ସୁରକ୍ଷା ମଧ୍ୟ କରିଥାନ୍ତି। ସମୁଦ୍ର ଭିତରକୁ ପ୍ରଥମେ ମାଈ ଓ ପରେ ଅଣ୍ଡିରା କଇଁଛଙ୍କ ଆଗମନ ହୋଇଥାଏ। ପ୍ରତିବର୍ଷ କୋଣାର୍କ, ରାମଚଣ୍ଡୀ, ଚନ୍ଦ୍ରଭାଗା ଓ ଅସ୍ତରଙ୍ଗ ବେଳାଭୂମିକୁ ଅଧିକରୁ ଅଧିକ କଇଁଛ ଆସି ଅଣ୍ଡାଦାନ କରିଥାନ୍ତି। ଅଣ୍ଡାରୁ ଛୁଆ ଫୁଟିବା ପରେ ପୁନର୍ବାର ସେମାନେ ସମୁଦ୍ର ଭିତରକୁ ଚାଲି ଯାଇଥାନ୍ତି। ଏଥିପାଇଁ କଇଁଛ ବସା ଗୁଡିକୁ ସୁରକ୍ଷା ଦେବାର ଦାୟିତ୍ୱ ବନବିଭାଗ ଏବଂ ସ୍ଥାନୀୟ ସାମାଜିକ କର୍ମୀମାନେ ନେଇଥାନ୍ତି। କିନ୍ତୁ ଦୁର୍ଭାଗ୍ୟର ବିଷୟ ବେଳେବେଳେ ଏହି କଇଁଛମାନେ ସୁରକ୍ଷା ଅଭାବରୁ ମୃତ୍ୟୁମୁଖରେ ମଧ୍ୟ ପଡିଥାନ୍ତି। ଅତୀତରେ ଦେଖାଯାଇଛି ଯେ, ବହୁ ସଂଖ୍ୟକ ଅଲିଭ୍ ରିଡ୍‌ଲେ କଇଁଛଙ୍କ ମୃତଦେହ ବେଳାଭୂମି ଉପରେ ପଡିଥାଏ ତ ସମୁଦ୍ର ପାଣିରେ ଭାସୁଥାଏ। କଇଁଛଙ୍କ ପାଇଁ ଥିବା ସୁରକ୍ଷିତ ଅଞ୍ଚଳ ଅସୁରକ୍ଷିତ



ହୋଇପଡିଲେ ଗୋଟିଏ ବିରଳ ପ୍ରଜାତିର ବିଲୋପ ଘଟିବ ନିଶ୍ଚୟ। ଦୁର୍ଭାଗ୍ୟର ବିଷୟ ଚଳିତ ବର୍ଷ ରାଜ୍ୟ ସରକାର ଇକୋ ରିଟ୍ରିଟ୍ ଆୟୋଜନ କରି କୋଣାର୍କ ବେଳାଭୂମି ଓ ନିକଟରେ ଥିବା ପ୍ରାକୃତିକ ସମ୍ପଦ ନଷ୍ଟ କରିବା ସହିତ କଇଁଛଙ୍କ ଅଣ୍ଡା ଦେବା ସ୍ଥାନକୁ ବ୍ୟାଘାତ ପହଞ୍ଚାଇଛନ୍ତି ବୋଲି ପରିବେଶବିତ୍‌ମାନେ ଅଭିଯୋଗ କରୁଛନ୍ତି। କାରଣ ଇକୋ ରିଟ୍ରିଟ୍ ଆୟୋଜନ ଫଳରେ ପର୍ଯ୍ୟଟନ ରାଜସ୍ୱ ବୃଦ୍ଧି ପାଇପାରେ। ମାତ୍ର ପ୍ରକୃତିର ଏହି ବିରଳ ଜୀବଙ୍କୁ ସୁରକ୍ଷା ନ ମିଳିଲେ ସେମାନେ ଆଉ ଓଡ଼ିଶା ଉପକୂଳକୁ ପସନ୍ଦ କରିବେ ନାହିଁ ବୋଲି ଆଶଙ୍କା ଦେଖାଦେଇଛି।

# ୩ ବୃହତ୍ ଶିଳ୍ପର ସମ୍ପ୍ରସାରଣକୁ ରାଜ୍ୟ ସରକାରଙ୍କ ଅନୁମୋଦନ

**ଭୁବନେଶ୍ୱର :** ରାଜ୍ୟରେ ଥିବା ୩ଟି ବୃହତ୍ ଶିଳ୍ପର ସମ୍ପ୍ରସାରଣ ପ୍ରସ୍ତାବକୁ ରାଜ୍ୟ ସରକାର ଅନୁମୋଦନ କରିଛନ୍ତି। ଏହି ପ୍ରକଳ୍ପ ଗୁଡିକ ହେଲା ରାୟଗଡାର କଂସାରିଗୁଡା ଠାରେ ହିଣ୍ଡାଲକୋ ୨ ମିଲିୟନ୍ ଟନ୍ କ୍ଷମତା ବିଶିଷ୍ଟ ଆଲୁମିନିୟମ୍ ରିଫାଇନାରୀ ପ୍ଲାଣ୍ଟ, ତାଳଚେର ଠାରେଏନଟିପିସିର ଥର୍ମାଲ ପାୱାର ପ୍ଲାଣ୍ଟ ଏବଂ ସୁନ୍ଦରଗଡ ଜିଲ୍ଲାର କମାଣ୍ଡ ଗ୍ରାମରେ ସମନ୍ୱିତ ଷ୍ଟିଲ୍ ପ୍ଲାଣ୍ଟ। ଏହି ପ୍ରସ୍ତାବିତ ସମ୍ପ୍ରସାରିତ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ୬,୫୩୯ ଜଣ ଲୋକ ନିଯୁକ୍ତି ପାଇବେ। ଏଥିରେ ୧୭,୮୩୩ କୋଟି ଟଙ୍କାର ବିନିଯୋଗ ହେବ ବୋଲି ଶିଳ୍ପ ମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ର ପ୍ରକାଶ କରିଛନ୍ତି। ଖାରବେଳ ଭବନ ଠାରେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଗଠିତ ଉଚ୍ଚସ୍ତରୀୟ କ୍ଲିୟରାନ୍ସ କମିଟିର ୨୧ତମ ବୈଠକରେ ଉପରୋକ୍ତ ୩ ଟି ପ୍ରକଳ୍ପକୁ ଅନୁମୋଦନ କରାଯାଇଛି। ବୈଠକ ପରେ ଶିଳ୍ପ ମନ୍ତ୍ରୀ ଶ୍ରୀ ମିଶ୍ର କହିଥିଲେ ଯେ, କଂସାରିଗୁଡା ଠାରେ ହିଣ୍ଡାଲକୋ ଆଲୁମିନିୟମ୍ ରିଫାଇନାରୀ ପ୍ଲାଣ୍ଟରେ ୮ହଜାର କୋଟି ଟଙ୍କା ବିନିଯୋଗ ହେବ। ଏଥିରେ ୨୪୫୦ ଜଣ ନିଯୁକ୍ତି ପାଇବେ। ସେହିପରି ତାଳଚେର ଏନଟିପିସି ପ୍ରକଳ୍ପରେ ୧୬୦୦ ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦନ ପାଇଁ ୭,୬୯୮.୪୬ କୋଟି ଟଙ୍କା ବିନିଯୋଗ କରାଯିବ। ରୁଙ୍ଗଟା ଶିଳ୍ପ ସଂସ୍ଥାର ସୁନ୍ଦରଗଡ ପ୍ରକଳ୍ପରେ ବାର୍ଷିକ ୦.୨୭ ମେଟ୍ରିକ୍ ଟନ୍ ଷ୍ଟିଲ୍



ଉତ୍ପାଦନ କରୁଥିବା ବେଳେ ଏହା ସମ୍ପ୍ରସାରିତ ହେଲେ ବର୍ଷକୁ ୦.୯ ମେଟ୍ରିକ୍ ଟନ୍ ସମନ୍ୱିତ ଷ୍ଟିଲ୍ ଉତ୍ପାଦନ ହବ। ଏଥିରେ ୨,୧୩୫ କୋଟି ବିନିଯୋଗ ହେବ ଏବଂ ୨,୨୭୯ ଲୋକ ନିଯୁକ୍ତି ପାଇବେ। ଅନ୍ୟପକ୍ଷରେ ନୀଳାଚଳ ଇସ୍ପାତର ସମ୍ପ୍ରସାରଣ ସମ୍ପର୍କିତ ପ୍ରଶ୍ନର ଉତର ଦେଇ ମନ୍ତ୍ରୀ କହିଥିଲେ ଯେ ଏହା ଉପରୁ ପୁଞ୍ଜି ପ୍ରତ୍ୟାହାର ପାଇଁ ରାଜ୍ୟ ସରକାର ସମ୍ମତି ଦେଇଛନ୍ତି। ଯିଏ ଲାଭ ଦାୟକ ଏବଂ କର୍ମଚାରୀଙ୍କ ସ୍ୱାର୍ଥ ରକ୍ଷା କରିବ ଓ ସ୍ଥାନୀୟ ଲୋକଙ୍କ ସୁବିଧା ଦେଖିବ ଉକ୍ତ ସଂସ୍ଥାକୁ କମ୍ପାନୀ ଦିଆଯିବ। ଓଡିଶାରେ ଶିଳ୍ପ ପ୍ରତିଷ୍ଠା ପାଇଁ ଶିଳ୍ପପତିମାନଙ୍କର ଲକ୍ଷ୍ୟସ୍ଥଳ ହୋଇପାରିଛି। ଏଠାରେ ସବୁ ପ୍ରକାର ସକରାତ୍ମକ ପରିବେଶ ରହିଛି।

‘ଏକମାତ୍ର’ର ୪ର୍ଥ ସ୍ୱନକ୍ଷତ୍ର ଅବସରରେ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ।




UDIPTA KUMAR SAHU
KONARK CEMENT PRODUCT *(Propaitor)*
KONARK PIPES *(Managing Partner)*
FORTUNE REALCON PVT. LTD. *(Managing Director)*

‘ଏକମାତ୍ର’ର ୪ର୍ଥ ସ୍ୱନକ୍ଷତ୍ର ଅବସରରେ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ।



ଦାରୁବ୍ରହ୍ମ ଶ୍ରୀଜଗନ୍ନାଥ ସମସ୍ତଙ୍କୁ ସୁଖ ଓ ସ୍ୱାଚ୍ଛନ୍ଦ୍ୟରେ ରଖନ୍ତୁ, ଏହାହିଁ ଜଗତରନାଥ ପ୍ରଭୁ କାଳିଆ ଠାକୁରଙ୍କ ନିକଟରେ ପ୍ରାର୍ଥନା।

ଶ୍ରୀଦାରୁବ୍ରହ୍ମ ଶ୍ରୀଜଗନ୍ନାଥ ଉନ୍ନୟନ ସମିତି
ଦାରୁକ୍ଷେତ୍ର, ଦଧିମାଛଗାଡ଼ିଆ, ଖୋର୍ଦ୍ଧା, ଓଡ଼ିଶା
ଫୋନ୍ : ୯୮୬୧୨୯୧୯୨୩ / ୯୯୩୭୬୧୯୨୦୪

# ବିଶେଷଜ୍ଞଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ପ୍ରାକ୍ ବଜେଟ ବୈଠକ

**ନୂଆଦିଲ୍ଲୀ,(ପିଆଇବି) :** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତକୁ ୫ ଲକ୍ଷ କୋଟି ଡଲାର ଅର୍ଥବ୍ୟବସ୍ଥାରେ ପରିଣତ କରିବାର ଲକ୍ଷ୍ୟ ହାସଲ ନିମନ୍ତେ ସମସ୍ତ ଅଂଶୀଦାରଙ୍କୁ ଲକ୍ଷ୍ୟବଦ୍ଧ ପ୍ରୟାସ କରିବା ଲାଗି ଆହ୍ୱାନ କରିଛନ୍ତି। ପ୍ରଧାନମନ୍ତ୍ରୀ ନୂଆଦିଲ୍ଲୀସ୍ଥିତ ନୀତି ଆୟୋଗରେ ପ୍ରାକ ବଜେଟ ବୈଠକରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ସେ ବରିଷ୍ଠ ଅର୍ଥନୀତିଜ୍ଞ, ଘରୋଇ ଇକ୍ୱିଟି ଓ ଭେଂଚର କ୍ୟାପିଟାଲିଷ୍ଟ, ଉତ୍ପାଦନ, ଭ୍ରମଣ ଓ ପର୍ଯ୍ୟଟନ, ପୋଷାକ ଓ ଏଫଏମସିଜି କ୍ଷେତ୍ରର ବ୍ୟବସାୟ ନେତୃବର୍ଗ, ବିଶ୍ଳେଷକଙ୍କ ସମେତ କୃଷି, ବିଜ୍ଞାନ ଓ ପ୍ରଯୁକ୍ତି ଏବଂ ଅର୍ଥ କ୍ଷେତ୍ରର ବିଶେଷଜ୍ଞମାନଙ୍କ ସହିତ ଆଲୋଚନା କରିଥିଲେ। ତୃଣମୂଳ ସ୍ତରରେ କାର୍ଯ୍ୟ କରୁଥିବା ବିଭିନ୍ନ କ୍ଷେତ୍ରର ବିଶେଷଜ୍ଞମାନେ ପ୍ରାୟ ଦୁଇ ଘଂଟା ଧରି ଚାଲିଥିବା ଆଲୋଚନାରେ ସେମାନଙ୍କ ଅଭିଜ୍ଞତା ଉପସ୍ଥାପନ କରିବା ନେଇ ପ୍ରଧାନମନ୍ତ୍ରୀ ସନ୍ତୋଷ ବ୍ୟକ୍ତ କରିଥିଲେ। ସେ କହିଥିଲେ ଯେ ଏହି ଆଲୋଚନା ଦ୍ୱାରା ନୀତି ନିର୍ମାତା ଏବଂ ବିଭିନ୍ନ ଅଂଶୀଦାରଙ୍କ ମଧ୍ୟରେ ସମନ୍ୱୟ ବୃଦ୍ଧି ପାଇବ। ପ୍ରଧାନମନ୍ତ୍ରୀ କହିଥିଲେ ଯେ ୫ ଲକ୍ଷ କୋଟି ଡଲାର ଅର୍ଥବ୍ୟବସ୍ଥା ଲକ୍ଷ୍ୟ ହାସଲ କରିବାର ବିଚାର ହଠାତ ଆସିନାହିଁ। ଦେଶର ସାମର୍ଥ୍ୟକୁ ଗଭୀର ଭାବେ ବୁଝିବା ପରେ ଏହି ବିଚାର ଆଗକୁ ଆସିଛି। ସେ କହିଥିଲେ ଯେ, ଭାରତୀୟ ଅର୍ଥବ୍ୟବସ୍ଥାର ଦୃଢ଼ ଅବଶୋଷକ କ୍ଷମତା ଏହାର ସୁଦୃଢ଼ ମୂଳଦୁଆ ଏବଂ ପୁନଃ ପ୍ରଗତି ହାସଲ କରିବାର ସାମର୍ଥ୍ୟକୁ ଦର୍ଶାଇଥାଏ। ପ୍ରଧାନମନ୍ତ୍ରୀ କହିଥିଲେ ଯେ, ପର୍ଯ୍ୟଟନ, ସହରୀ ବିକାଶ, ଭିତିଭୂମି ଏବଂ କୃଷିଉଦ୍ୟୋଗ ଭଳି କ୍ଷେତ୍ର ନିକଟରେ ଦେଶର ଅର୍ଥବ୍ୟବସ୍ଥାକୁ ଆଗେଇ ନେବା ଏବଂ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାର ଅପାର ସମ୍ଭାବନା ରହିଛି। ସେ କହିଥିଲେ ଯେ ଏଭଳି ମଞ୍ଚରେ ଖୋଲା ଆଲୋଚନା ଏବଂ ବିଚାରବିମର୍ଶ ଦ୍ୱାରା ପ୍ରସଙ୍ଗକୁ ବୁଝିବା ଏବଂ ସୁସ୍ଥ ବିତର୍କ କରିବା ସମ୍ଭବ ହୋଇପାରିବ। ପ୍ରଧାନମନ୍ତ୍ରୀ କହିଥିଲେ ଯେ ଏହା ମଧ୍ୟ ସମାଜରେ ସକାରାତ୍ମକ ମାନସିକତା ଏବଂ 'କିଛି କରିପାରିବା'ର ଭାବନା ଜାଗ୍ରତ କରିବ। ଭାରତକୁ ଅପାର ସମ୍ଭାବନାର ଭୂମି ଭାବେ ବର୍ଣ୍ଣନା କରି ସେ ସମସ୍ତ ଅଂଶୀଦାରମାନଙ୍କୁ ବାସ୍ତବତା ଏବଂ ଅବଧାରଣା ମଧ୍ୟରେ ରହିଥିବା ଶୂନ୍ୟସ୍ଥାନ ପୂରଣ କରିବାକୁ ଆହ୍ୱାନ କରିଥିଲେ। ସେ କହିଥିଲେ, ଆମ ସମସ୍ତଙ୍କୁ ମିଳିମିଶି କାମ କରିବା ଏବଂ ଏକ ରାଷ୍ଟ୍ର ହିସାବରେ ଚିନ୍ତା କରିବାର ଆବଶ୍ୟକତା ରହିଛି। ଅର୍ଥନୀତିଜ୍ଞ ଶଙ୍କର ଆଚାର୍ଯ୍ୟ, ଆର ନାଗରାଜ, ଫରଜାନା ଆଫ୍ରିଦି, ଭେଞ୍ଚର କ୍ୟାପିଟାଲିଷ୍ଟ ପ୍ରଦୀପ ଶାହ, ଶିଳ୍ପପତି ଆପ୍ପାରାଓ ମାଲାଭରପୁ, ଦୀପ କାଲରା, ପତଞ୍ଜଳି ଗୋବିନ୍ଦ କେଶ୍ୱାନୀ, ଦୀପକ ସେଠ, ଶ୍ରୀକୁମାର ମିଶ୍ର, ବିଷୟ ବିଶେଷଜ୍ଞ ଆଶିଷ ଧୱନ ଏବଂ ଶିବ ଶରିନଙ୍କ ସମେତ ୩୮ଜଣ ପ୍ରତିନିଧି ଏହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ, କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ଏବଂ ଏମଏସଏମଇ ମନ୍ତ୍ରୀ ନୀତୀନ ଗଡ଼କରୀ, ରେଳ ଓ ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋୟଲ, କୃଷି ଓ କୃଷକ କଲ୍ୟାଣ ଏବଂ ଗ୍ରାମୀଣ ବିକାଶ, ପଞ୍ଚାୟତିରାଜ ମନ୍ତ୍ରୀ ନରେନ୍ଦ୍ର ତୋମାର, ବିଭିନ୍ନ ମନ୍ତ୍ରଣାଳୟର ସଚିବ, ନୀତି ଆୟୋଗର ଅଧ୍ୟକ୍ଷ ରାଜୀବ କୁମାର ଏବଂ ସିଇଓ ଅମିତାଭ କାନ୍ତ ମଧ୍ୟ ଏହି ବୈଠକରେ ଯୋଗ ଦେଇଥିଲେ।



# 'ଦେଶ ଏବେ କଷ୍ଟକର ସମୟ ଦେଇ ଗତି କରୁଛି'

**ନୂଆଦିଲ୍ଲୀ :** ବିବାଦୀୟ ନାଗରିକତା ସଂଶୋଧନ ଆଇନ (ସିଏଏ)କୁ ସାମ୍ବିଧାନିକ ଘୋଷଣା କରିବା ପାଇଁ ସୁପ୍ରିମ୍‌କୋର୍ଟରେ ଦାଖଲ ହୋଇଥିବା ଏକ ଆବେଦନ ସମ୍ପର୍କରେ ପ୍ରଧାନ ବିଚାରପତି ଜଷ୍ଟିସ୍ ଏସ୍‌ଏ ବୋବଡେ କହିଛନ୍ତି ଯେ, ଦେଶ ଏବେ କଷ୍ଟକର ସମୟ ଦେଇ ଗତି କରୁଛି। ଦେଶରେ ସିଏଏକୁ ନେଇ ଚାଲିଥିବା ହିଂସାକାଣ୍ଡ ବନ୍ଦ ହେବା ପରେ ଯାଇ କୋର୍ଟ ଏ ସମ୍ପର୍କିତ ମାମଲାର ଶୁଣାଣି କରିବେ। ସେ କହିଛନ୍ତି ଯେ, ଏବେ ଦେଶ ବହୁ କଷ୍ଟ ସମୟ ଦେଇ ଗତି କରୁଛି। ଏହି ସମୟରେ ଏଭଳି ଆବେଦନ ଦାଖଲ କଲେ କୌଣସି ଲାଭ ମିଳିବ ନାହିଁ। ଏହା ସ୍ଥିତିକୁ କେବେ ହେଲେ ଶାନ୍ତ କରିବାରେ ସହଯୋଗ କରିବ ନାହିଁ। ତେଣୁ ଆବେଦନ କଥା ଭୁଲି ଶାନ୍ତି କେମିତି ସ୍ଥାପନ ହେବ, ତା' ଉପରେ ଧ୍ୟାନ ଦିଆଯିବା ଦରକାର ବୋଲି ସେ କହିଛନ୍ତି। ବରିଷ୍ଠ ଆଇନଜୀବୀ ବିନୀତ ଧଣ୍ଡା ସିଏଏକୁ ସାମ୍ବିଧାନିକ ଘୋଷଣା କରିବା ପାଇଁ ଏକ ଆବେଦନ ଦାଖଲ କରିଥିଲେ। ଏଥିସହ ଏହାକୁ ବିରୋଧ କରୁଥିବା ସ୍ୱେଚ୍ଛାସେବୀ ସଂଗଠନ ଓ ରାଜ୍ୟ ସମେତ ସିଏ,କୁ ନେଇ ଭୁଲ ଖବର ପ୍ରସାରଣ କରୁଥିବା ଗଣମାଧ୍ୟମ



ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ତାଙ୍କ ଆବେଦନରେ ଦର୍ଶାଇଛନ୍ତି। ଏ ସମ୍ପର୍କରେ ଜଷ୍ଟିସ ବୋବ୍‌ଡେ କହିଛନ୍ତି ଯେ, ଦେଶ ଏବେ ଏକ କଠିନ ସମୟ ଦେଇ ଗତି କରୁଛି। ଏହି ସମୟରେ ସମସ୍ତଙ୍କ ଲକ୍ଷ୍ୟ କେମିତି ଶାନ୍ତି ସ୍ଥାପନ ହୋଇପାରିବ, ସେ ଉପରେ ରହିବା ଦରକାର। କେବଳ ଆବେଦନ ଦାଖଲ କଲେ କିଛି ବି ଫରକ ପଡିବ ନାହିଁ। ସେହିପରି ଏହି ଆଇନକୁ ସାମ୍ବିଧାନିକ ମାନ୍ୟତା ଦେବା ପାଇଁ ହୋଇଥିବା ଦାବି ସମ୍ପର୍କରେ ପ୍ରଧାନ ବିଚାରପତି କହିଛନ୍ତି ଯେ, ସଂସଦରେ ପାସ୍ ହୋଇଥିବା ଆଇନ ସର୍ବଦା ସାମ୍ବିଧାନିକ ବୋଲି ଅନୁମାନ କରାଯାଏ। ଗୁରୁବାର ସିଏଏ ବିରୋଧଇ ଆବେଦନ ଉପରେ ସୁପ୍ରିମ୍‌କୋର୍ଟ କହିଛନ୍ତି, ସିଏଏ ବିରୋଧରେ ଆଗତ ସମସ୍ତ ମାମଲାର ଶୁଣାଣି କରିବୁ। ହେଲେ ପ୍ରଥମେ ଏହାକୁ ନେଇ ଚାଲିଥିବା ହିଂସାକାଣ୍ଡ ଓ ବିକ୍ଷୋଭ ସମ୍ପୂର୍ଣ୍ଣ ଭାବେ ବନ୍ଦ ହେବା ଦରକାର। ହିଂସା ବନ୍ଦ ହେଲେ ଶୁଣାଣି ଆରମ୍ଭ ହେବ। ଆଜିର ଶୁଣାଣି ବେଳେ ଜଷ୍ଟିସ୍ ବୋବଡେଙ୍କ ସମେତ ଖଣ୍ଡପୀଠରେ ଜଷ୍ଟିସ୍ ବିଆର ଗାଭାଇ ଓ ଜଷ୍ଟିସ୍ ସୂର୍ଯ୍ୟକାନ୍ତ ରହିଥିଲେ। କେନ୍ଦ୍ର ସରକାର ସିଏଏ ବଳରେ ପାକିସ୍ତାନ, ଆଫଗାନିସ୍ତାନ ଓ ବାଂଲାଦେଶରେ ଧାର୍ମିକ ଉତ୍ପୀଡନର ଶିକାର ହେଉଥିବା ସଂଖ୍ୟାଲଘୁ ହିନ୍ଦୁ, ଶିଖ, ପାର୍ସୀ, ଜୈନ, ବୌଦ୍ଧ ଓ ଖ୍ରୀଷ୍ଟିଆନ ସମ୍ପ୍ରଦାୟର ଲୋକଙ୍କୁ ଭାରତର ନାଗରିକତା ଦେବାକୁ ବ୍ୟବସ୍ଥା କରିଛନ୍ତି। ଧର୍ମ ଆଧାରରେ ଏଭଳି ଆଇନ ପ୍ରଣୟନ ହୋଇଥିବା ଏହା ବିରୋଧରେ ଏକାଧିକ ଆବେଦନ ସୁପ୍ରିମ୍‌କୋର୍ଟରେ ଦାଖଲ କରାଯାଇଛି। ତେବେ ସିଏଏ ବିରୋଧରେ ଆନ୍ଦୋଳନ ଚାଲିଥିବାରୁ ସୁପ୍ରିମ୍‌କୋର୍ଟ କୌଣସି ବି ଆବେଦନର ଶୁଣାଣି କରିନାହାନ୍ତି। ହିଂସା କମିଲେ ପରେ ହିଁ କୋର୍ଟ ଏହାର ଶୁଣାଣି କରିବେ ବୋଲି ସର୍ତ୍ତ ରଖିଛନ୍ତି।

# ନୀଳାଚଳ ଇସ୍ପାତ ନିଗମରୁ ପୁଞ୍ଜି ପ୍ରତ୍ୟାହାର

**ନୂଆଦିଲ୍ଲୀ, (ପିଆଇବି):** ନୀଳାଚଳ ଇସ୍ପାତ ନିଗମ ଲିମିଟେଡ (ଏନଆଇଏନଏଲ)ରେ ରହିଥିବା ବିଭିନ୍ନ ରାଷ୍ଟ୍ରାୟତ ଉଦ୍ୟୋଗର ଇକ୍ୱିଟି ଅଂଶଧନରୁ ପୁଞ୍ଜି ପ୍ରତ୍ୟାହାର ଲାଗି କେନ୍ଦ୍ର ସରକାର ନୀତିଗତ ନିଷ୍ପତି ନେଇଛନ୍ତି। ଏହି ରାଷ୍ଟ୍ରାୟତ ଉଦ୍ୟୋଗଗୁଡ଼ିକ ହେଲେ ଖଣିଜ ଓ ଧାତବ ବ୍ୟବସାୟ ନିଗମ ଲିଃ (ଏମଏମଟିସି) (୪୯.୭୮%), ଜାତୀୟ ଖଣିଜ ବିକାଶ ନିଗମ (ଏନଏମଡିସି) (୧୦.୧୦%), ମେକନ (୦.୬୮%) ଏବଂ ଭାରତ ହେଭି ଇଲେକ୍ଟ୍ରିକାଲ୍ସ ଲିମିଟେଡ (ଭେଲ)(୦.୬୮%)। ଏହାଛଡ଼ା ଓଡ଼ିଶା ସରକାରଙ୍କ ଦୁଇଟି ଉଦ୍ୟୋଗ, ଶିଳ୍ପ ପ୍ରୋତ୍ସାହନ ଓ ନିବେଶ ନିଗମ ଲିଃ (ଇପିକଲ)(୧୨.୦୦%) ଏବଂ ଓଡ଼ିଶା ଖଣି ନିଗମ (ଓଏମସି) (୨୦.୪୭%)ର ଇକ୍ୱିଟି ଅଂଶଧନର ମଧ୍ୟ ପୁଞ୍ଜି ପ୍ରତ୍ୟାହାର ହେବ। ଦ୍ୱିସ୍ତରୀୟ ନିଲାମି ପ୍ରକ୍ରିୟା ଜରିଆରେ ଚୟନ କରାଯାଇଥିବା ରଣନୈତିକ କ୍ରେତାଙ୍କୁ ଏହି ପୁଞ୍ଜି ହସ୍ତାନ୍ତରଣ କରାଯିବ। ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆର୍ଥିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ କମିଟି (ସିସିଇଏ) ବୈଠକରେ ଏହି ପ୍ରସ୍ତାବକୁ ମଞ୍ଜୁରି ମିଳିଛି। ନୀଳାଚଳ ଇସ୍ପାତ ନିଗମ ଲିଃ ହେଉଛି ଏକ ଯୌଥ ଉଦ୍ୟୋଗ ଯେଉଁଥିରେ ୪ଟି ରାଷ୍ଟ୍ରାୟତ ଉଦ୍ୟୋଗ ଏମଏମଟିସି, ଏନଏମଡିସି, ଭେଲ ଏବଂ ମେକନ ସହିତ ଓଡ଼ିଶା ସରକାରଙ୍କ ଦୁଇଟି ରାଷ୍ଟ୍ରାୟତ ଉଦ୍ୟୋଗ ଇପିକଲ ଏବଂ ଓଏମସିର ଅଂଶଧନ ରହିଛି। ଏନଆଇଏନଏଲର ଏହି ପ୍ରସ୍ତାବିତ ରଣନୈତିକ ପୁଞ୍ଜି ପ୍ରତ୍ୟାହାର ଫଳରେ ଏଥିରେ ନିଷ୍କ୍ରିୟ ହୋଇପଡ଼ି ରହିଥିବା ସମ୍ବଳ ମୁକ୍ତ ହେବ, ଯାହାର ଉପଯୋଗ ସରକାରଙ୍କ ସାମାଜିକ କ୍ଷେତ୍ର ତଥା ବିକାଶମୂଳକ କାର୍ଯ୍ୟକ୍ରମ ଲାଗି ଅର୍ଥ ଯୋଗାଣ ଉଦ୍ଦେଶ୍ୟରେ କରାଯିବ। ଫଳରେ ସାଧାରଣ ଜନତା ଲାଭାନ୍ୱିତ ହେବେ। ଏହା ମଧ୍ୟ ଆଶା କରାଯାଉଛି ଯେ ସଫଳ ରଣନୈତିକ କ୍ରେତା ଏହି କମ୍ପାନୀର ବିକାଶ ଲାଗି ନୂତନ ପରିଚାଳନା ବ୍ୟବସ୍ଥା ସହିତ ପ୍ରଯୁକ୍ତିର ଉପଯୋଗ କରିପାରିବେ। କମ୍ପାନୀରେ ନୂତନ ନିବେଶ ଲାଗି ସୁଯୋଗ ସୃଷ୍ଟି କରିପାରିବେ। ଏଥିସହିତ କମ୍ପାନୀର ବ୍ୟବସାୟିକ କାରବାର ବିକାଶ ଲାଗି କ୍ରେତା ଅଭିନବ ପଦ୍ଧତିର ଉପଯୋଗ କରିପାରିବେ। ଫଳରେ ଆହୁରି ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ।

# ଦେଶରେ ପ୍ରତିଷ୍ଠା ହେବ ୧,୦୨୩ ଫାଷ୍ଟ ଟ୍ରାକ ସ୍ୱତନ୍ତ୍ର କୋର୍ଟ

**ନୂଆଦିଲ୍ଲୀ :** ୧୨ ବର୍ଷରୁ କମ ବୟସ୍କ ନାବାଳିକାଙ୍କ ସହିତ ଦୁଷ୍କର୍ମ ଏବଂ ଗଣଦୁଷ୍କର୍ମ ତଥା ମହିଳାଙ୍କ ସହ ଏଭଳି ଜଘନ୍ୟ ଅପରାଧ ଘଟଣା ସାରା ଦେଶକୁ ଦୋହଲାଇ ଦେଇଛି। ମହିଳା ଓ ନାବାଳିକାଙ୍କ ସହିତ ହେଉଥିବା ଦୁଷ୍କର୍ମ ଏବଂ ଗଣଦୁଷ୍କର୍ମ ଅପରାଧ ଉପରେ ଅଙ୍କୁଶ ଲଗାଇବା ଲାଗି ଯୌନ ଅପରାଧ ସହ ଜଡ଼ିତ ମାମଲାଗୁଡ଼ିକର ଶୀଘ୍ର ଶୁଣାଣି ନିମନ୍ତେ ପଦକ୍ଷେପ ଗ୍ରହଣ କରାଯାଇଛି। ଏପରି ମାମଲା ସମାଧାନ ଲାଗି ଅଧିକ କଠୋର ଆଇନଗତ ବ୍ୟବସ୍ଥା ଏବଂ ଶୀଘ୍ର ଶୁଣାଣି ନିମନ୍ତେ ଭାରତ ସରକାର ଅପରାଧିକ ଆଇନ (ସଂଶୋଧନ) ଅଧିନିୟମ, ୨୦୧୮ ଲାଗୁ କରିଛନ୍ତି। ଜାତୀୟ ମହିଳା ସୁରକ୍ଷା ମିଶନର ଅଂଶବିଶେଷ ସ୍ୱରୂପ କେନ୍ଦ୍ର ସରକାର ସାରା ଦେଶରେ ୧୦୨୩ଟି ଫାଷ୍ଟଟ୍ରାକ ସ୍ୱତନ୍ତ୍ର ଅଦାଲତ ପ୍ରତିଷ୍ଠା କରିବା ଲାଗି ଯୋଜନା ଆରମ୍ଭ କରିଛନ୍ତି। ଏହା ଅଧୀନରେ ବିଭିନ୍ନ ଉଚ୍ଚ ନ୍ୟାୟାଳୟରେ ପଡ଼ି ରହିଥିବା ମାମଲା (୩୧.୦୩.୨୦୧୮ ସୁଦ୍ଧା ମୋଟ ପଡ଼ି ରହିଥିବା ମାମଲା ସଂଖ୍ୟା ୧,୬୬,୮୮୨)ଗୁଡ଼ିକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ଭାବେ ଦୁଷ୍କର୍ମ ଏବଂ ପୋକ୍ସୋ ଆଇନ ମାମଲାଗୁଡ଼ିକର ଶୀଘ୍ର ଶୁଣାଣି କରାଯିବ। ଆହୁରି ରିଟ ପିଟିସନ (ଅପରାଧିକ) ସଂଖ୍ୟା ୦୧/୨୦୧୯, ତା ୨୫.୦୭.୨୦୧୯ ସଂକ୍ରାନ୍ତରେ ସର୍ବୋଚ୍ଚ ନ୍ୟାୟାଳୟ ଦେଇଥିବା ରାୟ ଅନୁସାରେ ଦେଶରେ ପ୍ରତିଷ୍ଠା ହେବାକୁ ଥିବା ୧୦୨୩ ଫାଷ୍ଟ ଟ୍ରାକ ସ୍ୱତନ୍ତ୍ର ଅଦାଲତ ମଧ୍ୟରୁ କେବଳ ପୋକ୍ସୋ ଆଇନ ଅନ୍ତର୍ଗତ ମାମଲାଗୁଡ଼ିକର ଶୁଣାଣି ଲାଗି ୩୮୯ ଅଦାଲତ ପ୍ରତିଷ୍ଠା କରାଯିବ। ଏସବୁ ସେହି ଜିଲ୍ଲାଗୁଡ଼ିକରେ ଗଠନ କରାଯିବାର ପ୍ରସ୍ତାବ ରହିଛି, ଯେଉଁଠି ଏପରି ୧୦୦ରୁ ଅଧିକ ମାମଲା ପଡ଼ିରହିଛି। ଏହି ଯୋଜନା ସମ୍ପର୍କରେ ସମସ୍ତ ସମ୍ପୃକ୍ତ ରାଜ୍ୟ ସରକାର/କେନ୍ଦ୍ର ଶାସିତ ପ୍ରଦେଶର ପ୍ରଶାସନକୁ ସେପ୍ଟେମ୍ବର ୨୦୧୯ରେ ସୂଚିତ କରି



ଦିଆଯାଇଛି। ସବୁ ରାଜ୍ୟ ଏପରି ଅଦାଲତ ଗଠନ କରିବା ଏବଂ ଯୋଜନାକୁ ପ୍ରଭାବୀ ଢଙ୍ଗରେ କାର୍ଯ୍ୟକାରୀ କରିବା ସହ ଏପରି ଅପରାଧ ନିରାକରଣ ଲାଗି ପଦକ୍ଷେପ ନେବା ପାଇଁ କେନ୍ଦ୍ର ଆଇନ ଏବଂ ନ୍ୟାୟ ମନ୍ତ୍ରୀ ରବି ଶଙ୍କର ପ୍ରସାଦ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି। ୩୫୪ଟି ସ୍ୱତନ୍ତ୍ର ପୋକ୍ସୋ ଅଦାଲତ ସମେତ ୭୯୨ଟି ଫାଷ୍ଟଟ୍ରାକ ସ୍ୱତନ୍ତ୍ର ଅଦାଲତ ପ୍ରତିଷ୍ଠା ଲାଗି ଏହି ଯୋଜନାରେ ବର୍ତମାନ ସୁଦ୍ଧା ୩୧ଟି ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶ ମଧ୍ୟରୁ ୨୪ଟି ସାମିଲ ହୋଇସାରିଲେଣି। ଏସବୁ ରାଜ୍ୟ ହେଲେ ଆନ୍ଧ୍ରପ୍ରଦେଶ, ଆସାମ, ବିହାର, ଛତିଶଗଡ଼, ଗୁଜରାଟ, ହରିୟାଣା, ହିମାଚଳ ପ୍ରଦେଶ, ଝାଡ଼ଖଣ୍ଡ, କର୍ଣ୍ଣାଟକ, କେରଳ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ମଣିପୁର, ଦିଲ୍ଲୀ, ନାଗାଲାଣ୍ଡ, ଓଡ଼ିଶା, ପଞ୍ଜାବ, ରାଜସ୍ଥାନ, ତାମିଲନାଡୁ, ତେଲଙ୍ଗାନା, ତ୍ରିପୁରା, ଚଣ୍ଡିଗଡ଼ କେନ୍ଦ୍ରଶାସିତ ପ୍ରଦେଶ, ଉତରାଖଣ୍ଡ ଏବଂ ଉତରପ୍ରଦେଶ । ଭାରତ ସରକାରଙ୍କ ନ୍ୟାୟ ବିଭାଗ ଏପରି ଅଦାଲତ ଗଠନ କରିବା ଲାଗି ଉଚ୍ଚ ନ୍ୟାୟାଳୟ ଏବଂ ରାଜ୍ୟ ସରକାରଙ୍କୁ ଲଗାତାର ସହାୟତା ପ୍ରଦାନ କରିଆସୁଛନ୍ତି। ଫଳରେ ମହିଳା ଓ ନାବାଳିକାଙ୍କ ପ୍ରତି ହେଉଥିବା ଅପରାଧିକ ମାମଲାର ଶୀଘ୍ର ଶୁଣାଣି ହୋଇପାରିବ ଏବଂ ସେମାନଙ୍କୁ ଦେଶରେ ଏକ ସୁରକ୍ଷିତ ବାତାବରଣ ପ୍ରଦାନ କରାଯାଇପାରିବ। ଏହି ଯୋଜନା ଅନ୍ତର୍ଗତ ବର୍ତମାନ ୧୨ଟି ରାଜ୍ୟରେ ୨୧୬ଟି ପୋକ୍ସୋ ଅଦାଲତ କାର୍ଯ୍ୟକ୍ଷମ ରହିଛି।

## ଅପରାଧ ହାର ୨୦୧୮ରେ ୧.୩% ବୃଦ୍ଧି

**ନୂଆଦିଲ୍ଲୀ :** ଅପରାଧିକ ତାଲିକା ୨୦୧୮ ଅନୁସାରେ ଦେଶରେ ୫୦ ଲକ୍ଷରୁ ଅଧିକ ଜଘନ୍ୟ ଅପରାଧ ମାମଲା ରୁଜୁ କରାଯାଇଛି। ରାଷ୍ଟ୍ରୀୟ ଅପରାଧ ରେକର୍ଡସ୍ ବ୍ୟୁରୋ (ଏନ୍‌ସିଆର୍‌ବି) ତରଫରୁ ପ୍ରକାଶିତ ଅପରାଧିକ ତଥ୍ୟ ଅନୁଯାୟୀ ୨୦୧୭ ତୁଳନାରେ ୨୦୧୮ରେ ଅପରାଧ ହାର ୧.୩% ବୃଦ୍ଧି ପାଇଛି। ତେବେ ପ୍ରତି ଲକ୍ଷେ ଲୋକଙ୍କ ତୁଳନାରେ ୨୦୧୭ରେ ଅପରାଧ ହାର ୩୮୮.୬ ଥିଲାବେଳେ ୨୦୧୮ରେ ତାହା ୩୮୩.୫କୁ କମିଯାଇଛି। ପଞ୍ଜୀକୃତ ୫୦, ୭୪, ୬୩୪ ମାମଲା ଭିତରୁ ଆଇପିସି ଅନ୍ତର୍ଭୁକ୍ତ ମାମଲା ୩୧,୩୨,୯୫୪ ଥିବାବେଳେ ୧୯,୪୧,୬୮୦ ମାମଲା ସ୍ୱତନ୍ତ୍ର ଓ ସ୍ଥାନୀୟ ଆଇନ ପରିସରଭୁକ୍ତ। ମହିଳାଙ୍କ ପ୍ରତି ଅପରାଧ ମାମଲା ସର୍ବାଧିକ ଅଛି। ସ୍ୱାମୀ ଅବା ପରିବାର ଲୋକଙ୍କ ନିର୍ଯାତନାର ଶିକାର ଅଭିଯୋଗରେ ପଞ୍ଜୀକୃତ ମାମଲା ୩୧.୯% ଥିବାବେଳେ ରାସ୍ତାଘାଟ ଅବା କର୍ମକ୍ଷେତ୍ରରେ ମହିଳାଙ୍କ ପ୍ରତି ନିର୍ଯାତନା ମାମଲା ୨୭.୬%, ମହିଳା ଅପହରଣ ମାମଲା ୨୨.୫% ଓ ୧୦.୩% ଦୁଷ୍କର୍ମ ମାମଲା ପଞ୍ଜୀକୃତ ହୋଇଛି।

**୩୦ ଗଣମାଧ୍ୟମ ସଂସ୍ଥାକୁ ପ୍ରଥମ ଆନ୍ତଃରାଷ୍ଟ୍ରୀୟ ଯୋଗ ଦିବସ ମିଡିଆ ସମ୍ମାନ**

# ଓଡ଼ିଶାରୁ ଦୈନିକ 'ଓଡ଼ିଶା ଏକ୍ସପ୍ରେସ' ଏବଂ 'ଓଡ଼ିଶା ଟିଭି ଲିମିଟେଡ' ସମ୍ମାନିତ

**ନୂଆଦିଲ୍ଲୀ :** ନୂଆଦିଲ୍ଲୀସ୍ଥିତ ନ୍ୟାସନାଲ ମିଡିଆ ସେଂଟରରେ ଆୟୋଜିତ ଏକ ଭବ୍ୟ କାର୍ଯ୍ୟକ୍ରମରେ ସୂଚନା ଏବଂ ପ୍ରସାରଣ, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଶ୍ରୀ ପ୍ରକାଶ ଜାଭଡେକର ୩୦ଟି ମନୋନିତ ଗଣମାଧ୍ୟମ ସଂସ୍ଥାକୁ ପ୍ରଥମ ଆନ୍ତଃରାଷ୍ଟ୍ରୀୟ ଯୋଗ ଦିବସ ମିଡିଆ ସମ୍ମାନରେ ପୁରସ୍କୃତ କରିଛନ୍ତି। ଓଡ଼ିଶାରୁ ଛାପା ଗଣମାଧ୍ୟମ ବର୍ଗରେ ଦୈନିକ 'ଓଡ଼ିଶା ଏକ୍ସପ୍ରେସ' ଏବଂ ବୈଦ୍ୟୁତିକ ଗଣମାଧ୍ୟମ ବର୍ଗରେ 'ଓଡ଼ିଶା ଟେଲିଭିଜନ ଲିମିଟେଡ'କୁ ଯୋଗର ପ୍ରଚାରପ୍ରସାର ଲାଗି ପୁରସ୍କୃତ କରାଯାଇଛି। ସମାରୋହକୁ ସମ୍ବୋଧିତ କରି ଶ୍ରୀ ଜାଭଡେକର ଏହି ପୁରସ୍କାର ସମାଜର କଲ୍ୟାଣ ପାଇଁ ଯୋଗର ପ୍ରସାର ଦିଗରେ ପ୍ରମୁଖ ଭୂମିକା ତୁଲାଇଥିବା ଗଣମାଧ୍ୟମ ସଂସ୍ଥା ଲାଗି ଏକ ଅଦ୍ୱିତୀୟ ସମ୍ମାନ ବୋଲି ବର୍ଣ୍ଣନା କରିଥିଲେ। ବିଭିନ୍ନ ଗଣମାଧ୍ୟମ ସଂସ୍ଥାର ପ୍ରୟାସକୁ ପ୍ରଶଂସା କରି ଶ୍ରୀ ଜାଭଡେକର କହିଥିଲେ ଯେ ମନ୍ତ୍ରଣାଳୟ ତରଫରୁ ଏହା ପ୍ରଥମ ଆୟୋଜନ ଯାହାକି ସମାଚାର, ବିଚାର ଏବଂ ବିଜ୍ଞାପନ ଠାରୁ ଊର୍ଦ୍ଧ୍ୱରେ। ଗଣମାଧ୍ୟମ ସଂସ୍ଥାଗୁଡ଼ିକର ପ୍ରୟାସକୁ ମାନ୍ୟତା ଦେବାର ଏକ ନୂତନ ପ୍ରବୃତିକୁ ଏହା ଚିହ୍ନଟ କରୁଛି। ଏମାନେ ସମାଜର ଲାଭ ନିମନ୍ତେ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ନେଇ କାମ କରୁଛନ୍ତି। ଶ୍ରୀ ଜାଭଡେକର ଲୋକମାନ୍ୟ ତିଳକଙ୍କୁ ସ୍ମରଣ କରି କହିଥିଲେ ଯେ ସେ 'ସ୍ୱରାଜ୍ୟ' ପ୍ରତି ସଚେତନତା ସୃଷ୍ଟି କରିବା ଲାଗି 'କେଶରୀ' ସମ୍ବାଦପତ୍ରକୁ ଏକ ମାଧ୍ୟମ ଭାବେ ଉପଯୋଗ କରିଥିଲେ। ସେ କହିଥିଲେ ଯେ ଆଜି ଗଣମାଧ୍ୟମ ସଂସ୍ଥାଗୁଡ଼ିକ 'ସୁରାଜ' ପ୍ରତି ଅଧିକରୁ ଅଧିକ ଜନ ସଚେତନତା ସୃଷ୍ଟି କରୁଛନ୍ତି, ଯେଉଁଠି ସମସ୍ତଙ୍କ ଲାଗି ଭଲ ସ୍ୱାସ୍ଥ୍ୟ ସେବା, ଶିକ୍ଷା ଏବଂ ନାଗରିକ ସୁବିଧା ଉପଲବ୍ଧ ରହିଛି। ସେ ଏହାକୁ ଭାରତର ଦୃଢ଼ ଗଣତନ୍ତ୍ରର ପ୍ରତୀକ ବୋଲି କହିଥିଲେ। ଶ୍ରୀ ଜାଭଡେକର ଯୋଗକୁ ରୋଗମୁକ୍ତ ସ୍ୱାସ୍ଥ୍ୟର ସବୁଠୁ ବଡ଼ ପୁଞ୍ଜି ବୋଲି କହିଥିଲେ। ସେ କହିଥିଲେ ଯେ, ପ୍ରଧାନମନ୍ତ୍ରୀ



ନରେନ୍ଦ୍ର ମୋଦୀଙ୍କ ସଂକଳ୍ପ ଏବଂ ପ୍ରୟାସ କାରଣରୁ ଭାରତର ପରିଚୟ ଯୋଗକୁ ବିଶ୍ୱସ୍ତରରେ ସମ୍ମାନ ମିଳିଛି। ମିଳିତ ଜାତିସଂଘରେ ସ୍ପଷ୍ଟ ବହୁମତ ସହିତ ଭାରତର ଅନ୍ତଃରାଷ୍ଟ୍ରୀୟ ଯୋଗ ଦିବସକୁ ସମର୍ଥନ କରାଯାଇଥିଲା। ସେ ପୁରସ୍କାର ଲାଭ କରିଥିବା ସଂସ୍ଥା ଏବଂ ବିଚାରକ ମଣ୍ଡଳୀର ସଦସ୍ୟମାନଙ୍କୁ ଅଭିନନ୍ଦନ ଏବଂ ଧନ୍ୟବାଦ ଜଣାଇଥିଲେ। ଏହି ଅବସରରେ କେନ୍ଦ୍ର ଆୟୁଷ ରାଷ୍ଟ୍ର ମନ୍ତ୍ରୀ (ସ୍ୱାଧୀନ) ଶ୍ରୀପଦ ୟେସୋ ନାଇକ ଯୋଗ ଦିବସ ମିଡିଆ ସମ୍ମାନର ଏହି ନୂତନ ପ୍ରୟାସର ସଫଳ ଆୟୋଜନ ଲାଗି ସୂଚନା ଏବଂ ପ୍ରସାରଣ ମନ୍ତ୍ରୀ ପ୍ରକାଶ ଜାଭଡେକରଙ୍କୁ ଅଭିନନ୍ଦନ ଜଣାଇଥିଲେ। ସେ ଯୋଗକୁ ଆମ ସଭ୍ୟତାର ଏକ ପ୍ରାଚୀନ ଐତିହ୍ୟ ଭାବେ ବର୍ଣ୍ଣନା କରି କହିଥିଲେ ଯେ ଏହା ମାଧ୍ୟମରେ ବ୍ୟକ୍ତି ମାନସିକ ଏବଂ ଶାରୀରିକ ଭାବେ ସୁଖୀ ହୋଇପାରିବ। ନିଜ ଉଦବୋଧନରେ ବିଚାରକ ମଣ୍ଡଳୀ ତଥା ପ୍ରେସ କାଉନସିଲ ଅଫ ଇଣ୍ଡିଆର ଅଧ୍ୟକ୍ଷ ବିଚାରପତି ସି.କେ ପ୍ରସାଦ ଯୋଗକୁ ବିପଦମୁକ୍ତ ଏବଂ ଗୁରୁତ୍ୱପୂର୍ଣ୍ଣ ଲାଭ ପାଇଁ ନିବେଶ ଭାବେ ବର୍ଣ୍ଣନା କରିଥିଲେ। ଏଥିପୂର୍ବରୁ ନିଜର ସ୍ୱାଗତ ଭାଷଣରେ ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟର ଯୁଗ୍ମ ସଚିବ ଶ୍ରୀ ବିକ୍ରମ ସହାୟ କହିଥିଲେ ଯେ ଏହି ପୁରସ୍କାର ଗଣମାଧ୍ୟମ ସ୍ୱାଧୀନତାରେ ସୁଦୃଢ଼ ବିଶ୍ୱାସ ଏବଂ ସୂଚନା ପ୍ରସାରଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଦର୍ଶାଉଛି। ସେ କହିଥିଲେ ଯେ ଗଣମାଧ୍ୟମ ସାମାଜିକ ଓ ସାର୍ବଜନୀନ ଜୀବନର ବିଭିନ୍ନ ଦିଗ ସମ୍ପର୍କରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିଥାଏ। ଏହି ଅବସରରେ ସୂଚନା ଏବଂ ପ୍ରସାରଣ ସଚିବ ଶ୍ରୀ ରବି ମିତଲ, ଉପସଚିବ ଅତୁଲ ତିୱାରୀ ଓ ବରିଷ୍ଠ ଅଧିକାରୀଗଣଙ୍କ ସମେତ ଆୟୁଷ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## କେମିତି କଟିବ ଏ ସପ୍ତାହ

**ମେଷ** ଧାର୍ମିକ ଓ ଆଧ୍ୟାତ୍ମିକ ସମ୍ବନ୍ଧରେ ରୁଚି ବୃଦ୍ଧି ହେବ। ନୂତନ କର୍ମରେ ଯୋଗ ଦେବେ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ କଳହ ଉପୁଜିପାରେ। ରାଜନୀତିରେ ବିପଦ ବଢ଼ିବ। ବ୍ୟବସାୟରେ ଶୁଭଫଳ ପାଇବେ। ଗୃହରେ ଶାନ୍ତି ବଜାୟ ରହିବ

**ବୃଷ** ଚାକିରିରେ ପଦୋନ୍ନତି ଘଟିବ। ପାରିବାରିକ ଶାନ୍ତି ଅନୁଭବ କରିବେ। ଶାରୀରିକ ଅସୁସ୍ଥତା ଲାଗି ରହିପାରେ। ଅତିଥି ସେବାରେ ସମୟ ଅତିବାହିତ ହେବ। ଆର୍ଥିକ ସ୍ଥିତିରେ ପରିବର୍ତ୍ତନ ଦେଖାଦେବ। ବ୍ୟବସାୟରେ ଉନ୍ନତି ଲାଭ କରିବେ।

**ମିଥୁନ** ସାମାଜିକ କାର୍ଯ୍ୟରେ ଲିପ୍ତ ରହିବେ। କର୍ମକ୍ଷେତ୍ରରେ ପଦୋନ୍ନତି ହେବାର ଅଧିକ ସମ୍ଭାବନା। ବନ୍ଧୁଙ୍କ ଠାରୁ ସହଯୋଗ ପାଇବେ। ଲାଗି ରହିଥିବା ବିବାଦର ସମାଧାନ ହେବ। ତୀର୍ଥଯାତ୍ରା କରିବାର ସୁଯୋଗ ରହିଛି।

**କର୍କଟ** କାର୍ଯ୍ୟକ୍ଷେତ୍ରରେ ତଳିଆ କର୍ମଚାରୀଙ୍କ ସହ ବିବାଦ ଉପୁଜିପାରେ। ପରିବାରରେ ଅଶାନ୍ତି ଦେଖାଦେବ। ଛାତ୍ରଛାତ୍ରୀମାନେ ଅଧିକ ପରିଶ୍ରମ କରି ବିଫଳ ହୋଇପାରନ୍ତି। ରାଜନୈତିକ ବ୍ୟକ୍ତିମାନେ ଶୁଭଫଳ ପାଇବେ।

**ସିଂହ** କଳା ଓ ସାହିତ୍ୟ କ୍ଷେତ୍ରରେ ଆଗକୁ ବଢ଼ିବେ। ଧନପ୍ରାପ୍ତିର ସୁଯୋଗ ଆସିପାରେ। ନୂଆ ଗାଡି କିଣିବା ପାଇଁ ମନ ବଳିବ। ରାଜନୈତିକ ବ୍ୟକ୍ତିମାନେ ଅସଫଳ ହେବେ। ବ୍ୟବସାୟରେ ଉନ୍ନତି ହେବ।

**କନ୍ୟା** ଧନ ବୃଦ୍ଧିର ଶୁଭ ସଙ୍କେତ ମିଳିପାରେ। କର୍ମକ୍ଷେତ୍ରରେ ବଦଳି ହୋଇପାରେ। ଗୃହରେ ମହିଳାଙ୍କ ସ୍ୱାସ୍ଥ୍ୟ ପ୍ରତି ସତର୍କ ରୁହନ୍ତୁ। ବିଦ୍ୟାର୍ଥୀମାନେ ଅଧିକ ଶୁଭଫଳ ପାଇବେ।

**ତୁଳା** ଆର୍ଥିକ ସ୍ୱଚ୍ଛତା ଦେଖାଦେବ। ଛାତ୍ରଛାତ୍ରୀମାନେ ପରୀକ୍ଷାରେ ଅଧିକ ନମ୍ବର ରଖି ପାସ୍ କରିବେ। ଦୀର୍ଘ ଦିନରୁ ଲାଗିରହିଥିବା ବିବାଦ ଲାଗି ରହିବ। ରାଜନୈତିକ ବ୍ୟକ୍ତିଙ୍କର ଭାଗ୍ୟ ଉଜ୍ଜ୍ୱଳ ରହିବ।

**ବିଛା** ଧାର୍ମିକ କାର୍ଯ୍ୟରେ ସମୟ ଅତିବାହିତ ହେବ। ବିଦ୍ୟାର୍ଥୀମାନେ ଅଧିକ ପରିଶ୍ରମ କରି ମଧ୍ୟ କୃତିତ୍ୱ ଅର୍ଜନ କରିବେ। ପରିବାର ସହିତ ଧାର୍ମିକ କାର୍ଯ୍ୟକ୍ରମକୁ ଯାଇପାରନ୍ତି। ଗୃହରେ ଶାନ୍ତି ବଜାୟ ରହିବ।

**ଧନୁ** କର୍ମକ୍ଷେତ୍ରରେ ପଦୋନ୍ନତି ହେବାର ସମ୍ଭାବନା ରହିଛି। ଶାରୀରିକ ସୁସ୍ଥତା ଅନୁଭବ କରିବେ। ଲାଗି ରହିଥିବା ବିବାଦର ସମାଧାନ ହେବ। ଅର୍ଥନୈତିକ ପରିସ୍ଥିତି ସୁଧୁରିବ। ଜମିଜମା ବିବାଦ ଲାଗିରହିବ।

**ମକର** ଆର୍ଥିକ ପରିସ୍ଥିତିରେ ପରିବର୍ତ୍ତନ ଆସିପାରେ। କୋର୍ଟକଚେରୀ ମାମଲାର ସମାଧାନ ହେବ। ଛାତ୍ରଛାତ୍ରୀମାନେ ଶିକ୍ଷାକ୍ଷେତ୍ରରେ ଉନ୍ନତି ଲାଭ କରିବେ। ବ୍ୟବସାୟରେ ଆଶାଠାରୁ ଅଧିକ ଲାଭବାନ ହେବେ।

**କୁମ୍ଭ** କର୍ମକ୍ଷେତ୍ରରେ ଉଚ୍ଚପଦସ୍ଥ କର୍ମଚାରୀଙ୍କଠାରୁ ପ୍ରଶଂସିତ ହେବେ। ପରୀକ୍ଷାରେ ଛାତ୍ରଛାତ୍ରୀଙ୍କୁ ଭଲ ଫଳ ମିଳିବ। ଆର୍ଥିକ ସମସ୍ୟା ଦୂର ହେବ। ଦାମ୍ପତ୍ୟଜୀବନ ସୁଖମୟ ହେବ। ବିଦେଶ ଯାତ୍ରାରୁ ବଞ୍ଚିତ ହେବେ। ବ୍ୟବସାୟରେ ଲାଭବାନ୍ ହେବେ।

**ମୀନ** ଗୃହରେ ବୃଦ୍ଧଙ୍କ ସ୍ୱାସ୍ଥ୍ୟାବସ୍ଥା ସୁଧୁରିବ। ଛାତ୍ରଛାତ୍ରୀମାନେ ଶୁଭଫଳ ପାଇବେ। ରାଜନୀତି କ୍ଷେତ୍ରରେ ବ୍ୟକ୍ତିଙ୍କୁ ଉଚ୍ଚପଦ ମିଳିପାରେ। ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ରହିବ। ବିଦେଶ ଭ୍ରମଣର ସୁଯୋଗ ରହିଛି।



ଚନ୍ଦ୍ରଶେଖର ମିଶ୍ର
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୦୦୬୩୪୧୧

# ୧ ୬ରୁ ବିଦ୍ୟୁତ୍ ବିଚ୍ଛିନ୍ନ ଅଭିଯାନ

**ଭୁବନେଶ୍ୱର :** ଆସନ୍ତା ୧୬ ତାରିଖ ଠାରୁ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ ଅଭିଯାନ କାର୍ଯ୍ୟକ୍ରମ ଆରମ୍ଭ ହେବ। ଦୀର୍ଘଦିନ ଧରି ବିଦ୍ୟୁତ୍ ବିଲ୍ ବାକିଆ ରଖିଥିବା ଗ୍ରାହକମାନଙ୍କୁ ଏଥିପାଇଁ ନୋଟିସ୍ ଜାରି କରାଯାଇଥିଲା ବୋଲି ସେସୁର କର୍ତ୍ତୃପକ୍ଷ ଶ୍ରୀ ଅରୁଣ ବୋଥ୍ରା ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ, ସେସୁ ଅଧିନସ୍ଥ କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଢେଙ୍କାନାଳ, ଅନୁଗୁଳ, ପୁରୀ, ଖୋର୍ଦ୍ଧା, ନୟାଗଡ଼ ଓ ଯାଜପୁର ଜିଲ୍ଲାର ଏକ ଅଂଶ ରହିଛି। ଏହି ସମସ୍ତ ଜିଲ୍ଲା ପାଇଁ ୨୦ଟି ବିଦ୍ୟୁତ୍ ଡିଭିଜନ ରହିଛି। ୧୧,୩୯୭ ଗାଁରେ ବିଦ୍ୟୁତ୍ ସଂଯୋଗ କାଟିବା ପାଇଁ ଚିହ୍ନଟ କରାଯାଇଛି। ସମୁଦାୟ ୮ଲକ୍ଷ ୩୬ହଜାର ବିଦ୍ୟୁତ୍ ଗ୍ରାହକଙ୍କୁ ବାକିଆ ବିଲ୍ ପୈଠକ କରିବା ପାଇଁ ନୋଟିସ୍ ଜାରି

## ଅନ୍ଧକାର ହେବ ୧୧,୩୯୭ ଗାଁ

କରାଯାଇଥିଲା। ସେହିପରି ୫୯ହଜାର ୧୯୦ ବ୍ୟବସାୟୀକ ସଂସ୍ଥାକୁ ଏହି ନୋଟିସ୍ ଦିଆଯାଇଥିଲା। ଏମାନଙ୍କ ଉପରେ ସମୁଦାୟ ୧୪୯୪ କୋଟି ଟଙ୍କା ବାକିଆ ରହିଛି। ସରକାରୀ ଅନୁଷ୍ଠାନ ଉପରେ ୬୪କୋଟି ୩୭ଲକ୍ଷ ଟଙ୍କା ବାକି ରହିଛି। ୫,୯୬୫ ସରକାରୀ ଅନୁଷ୍ଠାନ ଉପରେ ଏହି ବାକିଆ ରହିଛି। ଯେଉଁମାନଙ୍କ ବିଲ୍ ଅଧିକ ରହିଛି ତାକୁ କିସ୍ତି ଆକାରରେ ଦେବାପାଇଁ ବ୍ୟବସ୍ଥା କରାଯାଇଛି। ପ୍ରଥମ କିସ୍ତିରେ ୩୦ ପ୍ରତିଶତ ଏବଂ ପରବର୍ତ୍ତି ୬ଟି କିସ୍ତିରେ ବାକି ୭୦ ପ୍ରତିଶତ ପୈଠ କରିବାର ବ୍ୟବସ୍ଥା ରହିଛି। ଇତିମଧ୍ୟରେ ୧ଲକ୍ଷ ୧୦ହଜାର ଉପଭୋକ୍ତା ବିଦ୍ୟୁତ ବିଲ୍ ପୈଠ କରିଛନ୍ତି। ବିଦ୍ୟୁତ୍ ବିଚ୍ଛିନ୍ନ କରିବା ପାଇଁ ୪୧୩ ସ୍କ୍ୱାର୍ଡ଼ ଗଠନ କରାଯାଇଛି। ପ୍ରତି ସ୍କ୍ୱାର୍ଡ଼ ଦିନରେ ତିନିରୁ ଚାରିଟି ଗାଁରେ ବୁଲି ବିଦ୍ୟୁତ୍ ବିଚ୍ଛିନ୍ନ କରିବେ। ସାମ୍ବାଦିକମାନଙ୍କ ଏକ ପ୍ରଶ୍ନର ଉତର ଦେଇ ସେ କହିଥିଲେ ଯେ, ସରକାର ଜାନୁଆରୀ ୧୫ ତାରିଖ ସୁଦ୍ଧା ବିଦ୍ୟୁତ ବିଲ୍ ବାକିଆ ପୈଠ କରିବା ପାଇଁ ପୂର୍ବରୁ କହିଥିଲେ। ବର୍ତ୍ତମାନ ସୁଦ୍ଧା ବକେୟା ଥିବା ୧୯୭୧କୋଟି ଟଙ୍କାରୁ ମାତ୍ର ୨୧କୋଟି ଟଙ୍କା ଆଦାୟ ହୋଇଛି।

# ୫-ଟି' ଟିମ୍‌ର ଅର୍କକ୍ଷେତ୍ର ପରିଦର୍ଶନ



**କୋଣାର୍କ :** ବିଶ୍ୱ ଐତିହ୍ୟ କୋଣାର୍କ ସୂର୍ଯ୍ୟମନ୍ଦିର ଚତୁଃପାର୍ଶ୍ୱ ସୌନ୍ଦର୍ଯ୍ୟକରଣ ଆରମ୍ଭ ହେବାକୁ ଯାଉଛି । ଗୁରୁବାର ଭୋରରୁ ୫ଟି ସଚିବ ଭିକେ ପାଣ୍ଡିଆନ, ପୂର୍ତ୍ତ ବିଭାଗ ସଚିବ କ୍ରିଷନ କୁମାର,ଜିଲ୍ଲାପାଳ ବଲୱନ୍ତ ସିଂ,ଏଏସଆଇ ସର୍କଲ ସୁପରିଟେଣ୍ଡେଣ୍ଟ ଅରୁଣ କୁମାର ମଲ୍ଲିକ ପ୍ରମୁଖ ପ୍ରଶାସନିକ ଅଧିକାରୀ କୋଣାର୍କରେ ପହଞ୍ଚିଥିଲେ ପ୍ରାୟ ଦୁଇ ଘଣ୍ଟା ରହି କୋଣାର୍କର ବିଭିନ୍ନ ସ୍ଥାନ ବୁଲି ଦେଖିଥିଲେ । ପ୍ରଥମେ ସୂର୍ଯ୍ୟମନ୍ଦିରକୁ ଯାଇ ବିଭିନ୍ନ ସ୍ଥାନ ବୁଲିଥିଲେ । ପରେ ବେଢା ଚତୁଃପାର୍ଶ୍ୱ, ବ୍ୟାଖ୍ୟାନ କେନ୍ଦ୍ର, ଆଇବି ଛକ, ରିଂରୋଡ, ଅର୍ବାନ ହାଟ, ମେଡିକାଲ ଛକ,ଚନ୍ଦ୍ରଭାଗା ବେଳାଭୂମୀ,ମେଳା ପଡିଆ ଆଦି ବିଭିନ୍ନ ଅଂଚଂଳ ପରିଦର୍ଶନ କରିଥିଲେ । ୫ଟି ସଚିବଙ୍କ ଏହି ଗସ୍ତକୁ ନେଇ କୋଣାର୍କ ବାସିନ୍ଦା ଓ ବ୍ୟବସାୟୀ ଚିନ୍ତାରେ ପଡିଯାଇଛନ୍ତି । ସୂର୍ଯ୍ୟମନ୍ଦିର ପରିଦର୍ଶନରେ ଆସୁଥିବା ଦେଶ ବିଦେଶର ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ବିଭିନ୍ନ ଉନ୍ନୟନ କାର୍ଯ୍ୟ ହାତକୁ ନିଆଯିବ । ସୂର୍ଯ୍ୟମନ୍ଦିର ଚତୁଃପାର୍ଶ୍ୱରେ କୌଣସି ଜବରଦଖଲ ରହିବ ନାହିଁ । ଉଚ୍ଛେଦ ପରେ ଥଇଥାନ କରାଯିବ । ସୂଚନା ଥାଉକି ଗତ ୬ତାରିଖରେ ପୂର୍ତ୍ତ ବିଭାଗ ସଚିବ ତଥା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କ୍ରିଷନ କୁମାର,ଜିଲ୍ଲାପାଳ ବଲୱନ୍ତ ସିଂ,ଆଇଓଏଫ ମୁଖ୍ୟ ପରାମର୍ଶଦାତା ସୁବ୍ରତ ବର୍ମା,ଏଏସଆଇ ସର୍କଲ ସୁପରିଟେଡଂଟ ଅରୁଣ କୁମାର ମଲ୍ଲିକ,ଅତିରିକ୍ତ ଜିଲ୍ଲାପାଳ ବିନୟ ଭୂଷଣ ଦାଶ ପ୍ରମୁଖ କୋଣାର୍କର ବିଭିନ୍ନ ସ୍ଥାନ ବୁଲି ଦେଖିଥିଲେ । ୫ଟି ସଚିବଙ୍କ ଏହି ଗସ୍ତ ସମୟରେ ଅନ୍ୟମାନଙ୍କ ମଧ୍ୟରେ ତହସିଲଦାର ପୃଥିରାଜ ମଣ୍ଡଳ,ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ଗିରିଷ ଚନ୍ଦ୍ର ରାୟ,ଆଇଓଏଫ ଅଧିକାରୀ ସନ୍ତୋଷ ଦାଶ,ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଏମ ଶ୍ରୀନିବାସ ପ୍ରମୁଖ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।

# ସଡ଼କ ସୁରକ୍ଷା ଅର୍ଥ; ହିସାବ ଦେଉନି ପୋଲିସ ବିଭାଗ

**ଭୁବନେଶ୍ୱର :** ସଡ଼କ ସୁରକ୍ଷା ଲାଗି ଦିଆଯାଉଥିବା ଅର୍ଥର ହିସାବ ଦେଉନି ପୁଲିସ ବିଭାଗ। କମିଶନରେଟ୍ ପୁଲିସଙ୍କ ଠାରୁ ଆରମ୍ଭ କରି ଜିଲ୍ଲା ପୁଲିସ ଏହି ଅନୁଦାନ ଅର୍ଥର ହିସାବ ପ୍ରଦାନ କରୁନଥିବା ବେଳେ ଦୀର୍ଘଦିନ ହେବ ୟୁସି ଦାଖଲ କରୁନାହାନ୍ତି। କଟକ-ଭୁବନେଶ୍ୱର କମିଶନରେଟ୍ ପୁଲିସ ବର୍ତ୍ତମାନ ପର୍ଯ୍ୟନ୍ତ ୫୬ଲକ୍ଷ ୯୯ହଜାର ୨୮୫ଟଙ୍କାର ହିସାବ ଦେଇନଥିବା ବେଳେ ତୁରନ୍ତ ଏହି ଖର୍ଚ୍ଚର ୟୁସି ଦାଖଲ କରିବା ପାଇଁ ପୁଲିସ କମିଶନରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ସଡ଼କ ସୁରକ୍ଷା ସଚେତନତା ଓ ସରଞ୍ଜାମ କ୍ରୟ ଲାଗି ଗୃହ ବିଭାଗକୁ ୨୦୧୫-୧୬ ବର୍ଷ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୧୦୭କୋଟି ଟଙ୍କା ମଞ୍ଜୁର କରାଯାଇଥିଲା। ମାତ୍ର ଏହି ଟଙ୍କାକୁ କେଉଁ କ୍ଷେତ୍ରରେ ଖର୍ଚ୍ଚ କରାଯାଇଛି ପୁଲିସ ତାହାର ହିସାବ ବର୍ତ୍ତମାନ ପର୍ଯ୍ୟନ୍ତ ଦେଇନାହିଁ କିମ୍ବା ବଳକା ଅର୍ଥ ମଧ ଫେରସ୍ତ କରିନାହିଁ। ଏଥିପାଇଁ ତୁରନ୍ତ ବକେୟା ଟଙ୍କାର ୟୁସି ଦାଖଲ କରିବା ନଚେତ୍ ୧୫ଦିନ ମଧ୍ୟରେ ଏହି ଟଙ୍କାକୁ ଫେରସ୍ତ କରିବା ପାଇଁ ବାଣିଜ୍ୟ ଓ ପରିବହନ କମିଶନର ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟଥା ଏହି ୟୁସି ଦାଖଲ ନକରିବା ପର୍ଯ୍ୟନ୍ତ ଆଉ କୌଣସି ଅନୁଦାନ ପ୍ରଦାନ କରାଯିବ ନାହିଁ ବୋଲି କମିଶନର ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ ପ୍ରଦାନ କରାଯାଇଥିବା ଅନୁଦାନ ଅର୍ଥରୁ ଜିଲ୍ଲାସ୍ତରରେ ୨୦୧୬-୧୭ବର୍ଷରେ କଟକ ଜିଲ୍ଲାରେ ୧ଲକ୍ଷ ଟଙ୍କାର ୟୁସି ବକେୟା ଥିବା ବେଳେ କଳାହାଣ୍ଡି ଜିଲ୍ଲାରେ ୭୫ ହଜାର ଟଙ୍କା, ନୂଆପଡ଼ାରେ ୭୫ ହଜାର ଟଙ୍କା ଫେରସ୍ତ ହୋଇନାହିଁ। ୨୦୧୭-୧୮ ବର୍ଷରେ କେନ୍ଦୁଝର ଜିଲ୍ଲାରେ ୨ ଲକ୍ଷ ଟଙ୍କା, ରାୟଗଡ଼ାରେ ୭୫ ହଜାର ଟଙ୍କାର ୟୁସି ଦାଖଲ କରାଯାଇନାହିଁ। ସେହିପରି ୨୦୧୮-୧୯ ବର୍ଷ ପାଇଁ ମିଳିଥିବା ଅନୁଦାନ ରାଶିରୁ କେନ୍ଦୁଝର ୫ ଲକ୍ଷ ଟଙ୍କାର ୟୁସି ଦାଖଲ କରିନଥିବା ବେଳେ କେନ୍ଦ୍ରାପଡ଼ା ୭୫ ହଜାର ଟଙ୍କା, କଟକ ଏକ ଲକ୍ଷ ଟଙ୍କା, ବ୍ରହ୍ମପୁରରେ ୧ ଲକ୍ଷ ଟଙ୍କା, ଗଜପତି ଜିଲ୍ଲା ୫୦ ହଜାର ଏବଂ କୋରାପୁଟ ଜିଲ୍ଲାକୁ ମିଳିଥିବା ଅନୁଦାନରୁ ୫୦ ହଜାର ଟଙ୍କାର ୟୁସି ଦାଖଲ ହୋଇପାରି ନାହିଁ। ସେହିପରି ସଡ଼କ ସୁରକ୍ଷା ଅଭିଯାନରେ ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କୁ ତୁରନ୍ତ ଚିକିତ୍ସା ଯୋଗାଇବା ଲାଗି ଟ୍ରମା କେୟାର ମ୍ୟାନେଜମେଣ୍ଟ ସମ୍ପର୍କରେ ଆୟୋଜିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଲାଗି ମଧ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗକୁ ୪୮ଲକ୍ଷ ୧୮ହଜାର ୫୦୫ଟଙ୍କା ଅନୁଦାନ ମଞ୍ଜୁର କରାଯାଇଥିଲା। ମାତ୍ର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମଧ ଏହି ଖର୍ଚ୍ଚର ୟୁସି ଦାଖଲ କରାଯାଇ ନାହିଁ। ତେଣୁ ଯେଉଁ ସବୁ ବିଭାଗକୁ ଅର୍ଥ ପ୍ରଦାନ କରାଯାଇଥିଲା ସମ୍ପୃକ୍ତ ବିଭାଗ ପକ୍ଷରୁ ୧୫ଦିନ ମଧ୍ୟରେ ସମ୍ପୂର୍ଣ୍ଣ ଖର୍ଚ୍ଚର ରିପୋର୍ଟ ତଥା ୟୁସି ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ନଚେତ ପରବର୍ତ୍ତୀ ଅନୁଦାନ ରାଶି ପ୍ରଦାନ କରାଯିବ ନାହିଁ ବୋଲି ଜଣାପଡ଼ିଛି।

# ଏପ୍ରିଲ ପହିଲାରୁ +୨ ଖାତାଦେଖା

**ଭୁବନେଶ୍ୱର :** ମାର୍ଚ୍ଚ ୩ରୁ ଆରମ୍ଭ ହେବ ୨୦୨୦ ଯୁକ୍ତଦୁଇ ବିଜ୍ଞାନ, ବାଣିଜ୍ୟ, କଳା ଏବଂ ଧନ୍ଦାମୂଳକର ଥିଓରୀ ପରୀକ୍ଷା। ପରୀକ୍ଷାପରେ ପରୀକ୍ଷା ପରିଚାଳନା ସହ ଫଳ ପ୍ରକାଶ ପର୍ଯ୍ୟନ୍ତ ଏହାକୁ ସୂଚାରୁ ରୂପେ ତୁଲାଇବା ପାଇଁ ଏବେ ପ୍ରକ୍ରିୟା ଆରମ୍ଭ ହୋଇଗଲାଣି। ବିଶେଷକରି ପରୀକ୍ଷାଖାତା ମୂଲ୍ୟାଙ୍କନକୁ ଶିକ୍ଷାବିଭାଗ ଗୁରୁତ୍ୱ ଦେଉଥିବା ବେଳେ ଏହାକୁ ଶତପ୍ରତିଶତ ତ୍ରୁଟି ଶୂନ୍ୟ କରିବା ପାଇଁ ବିଭାଗ ପାଗ ଭିଡ଼ିଛି। ପ୍ରଥମ ପର୍ଯ୍ୟାୟ ଖାତାଦେଖା ପ୍ରକ୍ରିୟା ଏପ୍ରିଲ ପହିଲାରୁ ଆରମ୍ଭ କରିବାକୁ ଲକ୍ଷ୍ୟ ରଖାଯାଇଥିବା ବେଳେ ଖାତାଦେଖା ଲାଗି ୫୮ଟି ମାନୁଆଲ ଏବଂ ୩୩ଟି ଇ-ମୂଲ୍ୟାଙ୍କନ କେନ୍ଦ୍ର କରାଯିବ। ଚଳିତବର୍ଷ ପରୀକ୍ଷାର୍ଥୀଙ୍କ ସଂଖ୍ୟା ଅନୁଯାୟୀ ୨୪ ଲକ୍ଷ ୬୫ ହଜାର ଉତ୍ତରଖାତାର ମୂଲ୍ୟାଙ୍କନ ହେବ। ତେଣୁ ଉତ୍ତରଖାତା ଦେଖିବା ଲାଗି ୧୭ ହଜାର ୩୫୦ଜଣ ଅଧ୍ୟାପକ, ଅଧ୍ୟାପିକାଙ୍କୁ ନିୟୋଜିତ କରାଯିବ। ଏମାନଙ୍କ ମଧ୍ୟରୁ ମୂଲ୍ୟାଙ୍କନ କେନ୍ଦ୍ରଗୁଡ଼ିକରେ ସୁପରିନ୍‌ଟେଣ୍ଡେଣ୍ଟ ଭାବେ ସରକାରୀ କଲେଜର ଅଧ୍ୟାପକଙ୍କୁ ନିଯୁକ୍ତ କରାଯିବା ସହ ଖାତାଦେଖା ପ୍ରକ୍ରିୟାରେ ସରକାରୀ କଲେଜର ବରିଷ୍ଠ ଅଧ୍ୟାପକ, ଅଧ୍ୟାପିକାଙ୍କୁ ଅଧିକ ଗୁରୁତ୍ୱ ଦିଆଯିବ।

# ରାଜ୍ୟରେ ଖୁବଶୀଘ୍ର ଛଅ ଥାକିଆ ଗ୍ରୀନ ଫିଲ୍ଡ ପ୍ରକଳ୍ପ



**ଭୁବନେଶ୍ୱର :** ଓଡ଼ିଶାରେ ଖୁବଶୀଘ୍ର ହେବ ଛଅ ଥାକିଆ ଗ୍ରୀନ ଫିଲ୍ଡ ପ୍ରକଳ୍ପ। ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ପକ୍ଷରୁ ରାୟପୁର - ବିଶାଖା ପାଟଣା ରାସ୍ତାର ପ୍ରସ୍ତାବ ରହିଛି। ଏହି ଜାତୀୟ ରାଜପଥର ପ୍ରାୟ ୨୪୦ କିମି ଓଡିଶା ମଧ ଦେଇ ଗତି କରିବ। ଏହା ମୁଖ୍ୟତଃ ନବରଙ୍ଗପୁର ଏବଂ କୋରାପୁଟ ଜିଲ୍ଲା ମଧ ଦେଇ ଯିବ। ଓଡିଶାରେ ଏହା ଏକ ଛଅ ଥାକିଆ ଗ୍ରୀନ୍ ଫିଲ୍ଡ୍ ପ୍ରକଳ୍ପ ହେବ ବୋଲି ଜାତୀୟ ରାଜପଥ ମୁଖ୍ୟ ପ୍ରବନ୍ଧକ ରାମ ପ୍ରସାଦ ପଣ୍ଡା ସୂଚନା ଦେଇଛନ୍ତି। ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ଜାତୀୟ ରାଜପଥ ପ୍ରଶସ୍ତୀକରଣ ପ୍ରକଳ୍ପ ଗୁଡିକର ତ୍ୱରିତ କାର୍ଯ୍ୟାନ୍ୱୟନ ଉପରେ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ ଗୁରୁତ୍ୱ ଆରୋପ କରିଛନ୍ତି। ଲୋକସେବା ଭବନରେ ଏହି ପ୍ରକଳ୍ପ ଗୁଡିକର ସମୀକ୍ଷା କରି କ୍ଷେତ୍ର ସ୍ତରରେ କାର୍ଯ୍ୟାନ୍ୱୟନ କ୍ଷମତା ବୃଦ୍ଧି ପୂର୍ବକ ନିର୍ଦ୍ଧାରିତ ସମୟ ମଧ୍ୟରେ ପ୍ରକଳ୍ପଗୁଡିକ ପୂର୍ଣ୍ଣାଙ୍ଗ କରିବା ପାଇଁ ଶ୍ରୀ ତ୍ରିପାଠୀ ନିର୍ଦ୍ଦେଶ ଦେଇଥିଲେ। ଜାତୀୟ ରାଜପଥ ମୁଖ୍ୟ ପ୍ରବନ୍ଧକ ରାମ ପ୍ରସାଦ ପଣ୍ଡା ଜଣାଇଥିଲେ ଯେ ପ୍ରକଳ୍ପଗୁଡିକ ବାବଦରେ ରାଜ୍ୟ ସରକାରଙ୍କ ସ୍ତରରେ କୌଣସି ବିଷୟ ପଡି ରହିନାହିଁ। ରାଜ୍ୟ ସରକାରଙ୍କ ତରଫରୁ ସବୁ ପ୍ରକାର ସହଯୋଗ ଯୋଗାଇ ଦିଆଯାଉଛି। ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୨୨ଟି ନବୀକରଣ ଏବଂ ପ୍ରଶସ୍ତୀକରଣ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ଚଳିତ ଆର୍ଥିକ ବର୍ଷରେ ୩୬୬ କିମି ଜାତୀୟ ରାଜପଥକୁ ୪-ଲେନ୍ ଓ ୬-ଲେନ୍ ବିଶିଷ୍ଟ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏହିସବୁ ପ୍ରକଳ୍ପ ପାଇଁ ପ୍ରାୟ ୨୦ ହଜାର କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ବର୍ତ୍ତମାନ ସୁଦ୍ଧା ୧୭୩ କିମିର ନିର୍ମାଣ ପୂର୍ଣ୍ଣାଙ୍ଗ ହୋଇଛି। କ୍ଷେତ୍ରସ୍ତରରେ ଚୁକ୍ତିରାଜିନାମା ପତ୍ରର ନିୟମିତ ଅନୁଧ୍ୟାନ ଓ ଯାଞ୍ଚ ପୂର୍ବକ ନିର୍ମାଣ ତ୍ୱରାନ୍ୱିତ କରିବାକୁ ମୁଖ୍ୟ ଶାସନ ସଚିବ ଶ୍ରୀ ତ୍ରିପାଠୀ ନିର୍ଦ୍ଦେଶ ଦେଇଥିଲେ। ପାଣିକୋଇଲି -ରିମୁଳି ଜାତୀୟ ରାଜପଥ ନମ୍ବର ୨୧୫ (ନୂଆ ନମ୍ବର ୨୦) ବିଷୟରେ ବୈଠକରେ ସବିଶେଷ ଆଲୋଚନା ହୋଇଥିଲା। ମୁଖ୍ୟ ପ୍ରବନ୍ଧକ ଶ୍ରୀ ପଣ୍ଡା ଜଣାଇଥିଲେ ଯେ ଏହି ପ୍ରକଳ୍ପର ପ୍ରାୟ ୯୫ ପ୍ରତିଶତ କାର୍ଯ୍ୟ କରାଯାଇଛି। ସମୁଦାୟ ୧୬୬ କିମି ମଧ୍ୟରୁ ୧୫୨ କିମି ରାସ୍ତାକୁ ୪-ଥାକିଆ ଏବଂ ୧୪ କିମି ରାସ୍ତାକୁ ଦୁଇଥାକିଆ କରାଯାଇଛି। ପ୍ରକଳ୍ପ ପାଇଁ ରାଜ୍ୟ ଏବଂ ଜିଲ୍ଲା ପ୍ରଶାସକଙ୍କ ଠାରୁ ପୂର୍ଣ୍ଣ ସହଯୋଗ ମିଳୁଛି। କେବଳ କଣ୍ଟ୍ରାକ୍ଟ ନେଇଥିବା ସଂସ୍ଥା ସ୍ତରରେ ସମସ୍ୟା ପାଇଁ ନିର୍ମାଣ କାର୍ଯ୍ୟ ବନ୍ଦ ହୋଇଯାଇଛି। ୭ କିମି ବ୍ୟାରେଜ୍ ୱେ, ୩ଟି ପୋଲ, ଗୋଟିଏ ହାତୀଯିବା ଅଣ୍ଡର ପାସ୍ ଏବଂ ୯ କିମି ସର୍ଭିସ ରୋଡ୍ ନିର୍ମାଣ ବାକି ରହିଛି। ଖୁବଶୀଘ୍ର କଣ୍ଟ୍ରାକ୍ଟର ସ୍ତରରେ ସମସ୍ୟା ସମାଧାନ କରି ପ୍ରକଳ୍ପ ପୂର୍ଣ୍ଣାଙ୍ଗ କରାଯିବ ବୋଲି ଜଣାପଡିଛି।

## ସୁପ୍ରିମକୋର୍ଟରେ ଶ୍ରୀମନ୍ଦିର ସଂସ୍କାର ମାମଲା

# ୨ ସପ୍ତାହରେ ସାନି ସତ୍ୟପାଠ ଦାଖଲ ନିର୍ଦ୍ଦେଶ



**ଭୁବନେଶ୍ୱର :** ସୁପ୍ରିମକୋର୍ଟରେ ଶ୍ରୀମନ୍ଦିର ସଂସ୍କାର ମାମଲାରେ ଗୁରୁତ୍ୱପୂର୍ଣ୍ଣ ଶୁଣାଣି ହୋଇଛି। ଶୁଣାଣି ବେଳେ ପରିଚାଳନା କମିଟି ନିଜର ସମ୍ପୂର୍ଣ୍ଣ ତଥ୍ୟ ରଖିପାରିନାହାନ୍ତି। ଶ୍ରୀମନ୍ଦିରର ପଥର କ୍ୱାରୀ କେତେ ଅଛି, ସେଗୁଡ଼ିକ କେମିତି ଚାଲିଛି, ମହାପ୍ରଭୁଙ୍କ ଜମି ରାଜ୍ୟ ଭିତିରେ ଓ ରାଜ୍ୟ ବାହାରେ କେତେ ଅଛି, ଖଣି ଖାଦାନ କେତେ ରହିଛି ତା'ର ସ୍ଥିତି କଣ ଅଛି ଏ ସବୁ ତଥ୍ୟ ରିପୋର୍ଟରେ ଉଲ୍ଲେଖ କରାଯାଇନାହିଁ। ପରିଚାଳନା କମିଟି ପକ୍ଷରୁ ଦାଖଲ ରିପୋର୍ଟରେ ସବିଶେଷ ତଥ୍ୟ ଉଲ୍ଲେଖ ନଥିବାରୁ ପ୍ରଧାନ ବିଚାରପତି ଏସ୍. ଏ ବୋବଡ଼େ, ବିଚାରପତି ବି.ଆଇ ଗାଭାଇ ଓ ବିଚାରପତି ସୂର୍ଯ୍ୟକାନ୍ତଙ୍କୁ ନେଇ ଗଠିତ ଖଣ୍ଡପୀଠ ଏନେଇ ନିଜର ଅସନ୍ତୋଷ ପ୍ରକାଶ କରିଛନ୍ତି। ସବୁ ସମସ୍ତ ଅପୂର୍ଣ୍ଣାଙ୍ଗ ତଥ୍ୟର ତର୍ଜମା କରି ଆସନ୍ତା ୨ ସପ୍ତାହ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ଆମିକସ୍‌କ୍ୟୁରୀ ରଞ୍ଜିତ କୁମାରଙ୍କୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ୪ ସପ୍ତାହ ପରେ ହେବ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ସୂଚନାଯୋଗ୍ୟ ଯେ ପୂର୍ବ ଶୁଣାଣିରେ ଜାରି ହୋଇଥିବା ୨୨ଟି ନିର୍ଦ୍ଦେଶନାମା ଉପରେ ମନ୍ଦିର ପରିଚାଳନା କମିଟି ପକ୍ଷରୁ ରିପୋର୍ଟ ପ୍ରଦାନ କରାଯାଇଥିଲା। ତେବେ ଶୁଣାଣି ବେଳେ ସୁପ୍ରିମକୋର୍ଟରେ ଦାଖଲ ହୋଇଥିବା ଏହି ରିପୋର୍ଟ ଉପରେ ଆମିକସ୍ କ୍ୟୁରୀ ରଞ୍ଜିତ୍ କୁମାର ପ୍ରଶ୍ନ ଉଠାଇଥିଲେ। ରିପୋର୍ଟଟି ଅସମ୍ପୂର୍ଣ୍ଣ ଥିବା ସେ କହିଥିଲେ। ଏପରିକି ଶ୍ରୀମନ୍ଦିର ପାଇଁ ଜଣେ ପୂର୍ଣ୍ଣକାଳୀନ ମୁଖ୍ୟ ପ୍ରଶାସକ ନିଯୁକ୍ତି ପ୍ରସ୍ତାବର ଅନୁପାଳନ ହୋଇନଥିବା ଆମିକସ କ୍ୟୁରୀ ଦର୍ଶାଇଥିଲେ। ଯାହାକୁ ନେଇ ସୁପ୍ରିମକୋର୍ଟ ନିଜର ଅସନ୍ତୋଷ ପ୍ରକାଶ କରିବା ସହ ଆସନ୍ତା ୨ ସପ୍ତାହ ମଧ୍ୟରେ ବିସ୍ତୃତ ରିପୋର୍ଟ ଦାଖଲ କରିବାକୁ ଆମିକସ କ୍ୟୁରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏପଟେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମାମଲା ପରିଚାଳନା କରୁଥିବା ଓକିଲ ଶ୍ୱେତକେନ୍ଦୁ ମିଶ୍ର ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ ମହାପ୍ରଭୁ ଜଗନ୍ନାଥଙ୍କ ଜମି ଓ ଖଣି ଖାଦାନ ସମ୍ପର୍କିତ ବିସ୍ତୃତ ତଥ୍ୟ ଦାଖଲ ହୋଇନାହିଁ। ଓଡ଼ିଶା ବାହାରେ ଥିବା ଜମିର ସବିଶେଷ ହିସାବ ମିଳିପାରିନାହିଁ। ତେବେ ପ୍ରାପ୍ତ ତଥ୍ୟ ଅନୁଯାୟୀ ମନ୍ଦିର ନାମରେ ମୋଟ ୬୦ ହଜାର ଏକର ଜମି ଥିବା ବେଳେ ସେଥିରୁ ୩୪ ହଜାର ଏକର ଜମି ରାଜ୍ୟ ସରକାର ଚିହ୍ନଟ କରିଛନ୍ତି। ତେଣୁ ଆମକୁ ଅଧିକ ସମୟ ଦେବାକୁ ଆମେ ଆଫିଡେଭିଟ୍‌ରେ ଉଲ୍ଲେଖ କରିଛୁ ବୋଲି ଶ୍ରୀ ମିଶ୍ର କହିଛନ୍ତି।

# ଏଣିକି 'ପଦୋନ୍ନତି ଅଦାଲତ'

**ଭୁବନେଶ୍ୱର :** ଯେଉଁ କର୍ମଚାରୀମାନେ ବିଭିନ୍ନ କାରଣରୁ ପଦୋନ୍ନତି ପାଇପାରି ନାହାନ୍ତି, ସେମାନଙ୍କ ପଦୋନ୍ନତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ପଦୋନ୍ନତି ଅଦାଲତ ଗଠନ କରିବା ପାଇଁ ରାଜ୍ୟ ସରକାର ନିଷ୍ପତି ଗ୍ରହଣ କରିଛନ୍ତି । ବିଭିନ୍ନ ବିଭାଗର ପ୍ରଶାସନିକ ଦାୟିତ୍ୱରେ ଥବବା ଅତିରିକ୍ତ ମୁଖ୍ୟ ଶାସନ ସଚିବ ମାନଙ୍କ ଅଧ୍ୟକ୍ଷତାରେ ପଦୋନ୍ନତି ଅଦାଲତ ଗଠନ କରାଯିବ । ପ୍ରତିବର୍ଷ ଜାନୁଆରୀ ମାସ ଚତୁର୍ଥ ସପ୍ତାହରେ ପଦୋନ୍ନତି ଅଦାଲତରେ ବୈଠକ ବସିବ ଏବଂ କୌଣସି କାରଣରୁ ପଦୋନ୍ନତି ପାଇପାରି ନଥିବା କର୍ମଚାରୀ ମାନଙ୍କ ସମସ୍ୟାର ସମାଧାନ ଏହି ଅଦାଲତ ଜରିଆରେ କରାଯିବ । ସୂଚନାଯୋଗ୍ୟ ଯେ, ବିଭିନ୍ନ କାରଣରୁ ପଦୋନ୍ନତି ପାଇପାରି ନ ଥିବା କର୍ମଚାରୀମାନେ ଏଥିପାଇଁ ବିଭିନ୍ନ ସମୟରେ ବିଭିନ୍ନ ଅଦାଲତର ଦ୍ୱାରସ୍ଥ ହୋଇଥାନ୍ତି । ତେଣୁ ଏହି ଅଦାଲତ ଗଠିତ ହେବା ଦ୍ୱାରା କର୍ମଚାରୀମାନେ ଶୀଘ୍ର ନ୍ୟାୟ ପାଇପାରିବେ ବୋଲି ଆଶା କରାଯାଉଛି । ରାଜ୍ୟ ସରକାରଙ୍କ୍ ବିଭିନ୍ନ ବର୍ଗର କର୍ମଚାରୀ ମାନଙ୍କ ପଦୋନ୍ନତିରେ ବିଳମ୍ବ ଦୂରକରି ଉପଯୁକ୍ତ ସମୟରେ ସେମାନେ ଯେପରି ପଦୋନ୍ନତି ପାଇପାରିବେ, ସେଥିପାଇଁ ପ୍ରତିବର୍ଷ ଡିସେମ୍ବର ୩୧ ସୁଦ୍ଧା ପଦୋନ୍ନତି ପ୍ରକ୍ରିୟା ଶେଷ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି । ତଦନୁଯାୟୀ ୨୦୧୯ ଡିସେମ୍ବର ୩୧ ସୁଦ୍ଧା ୩୧୬୬ ଜଣ କର୍ମଚାରୀ ପଦୋନ୍ନତି ପାଇଥିଲେ ।

# ମୟୂରଭଞ୍ଜବାସୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ୫୩.୬ କୋଟି ଭେଟି




**ବାରିପଦା :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦିନିକିଆ ବାରିପଦା ଗସ୍ତରେ ଆସି ବାରିପଦା ବ୍ଲକ ଅଧୀନରେ ଥିବା ବାଙ୍କିଶୋଳଠାରେ ପହଞ୍ଚି ସେଠାରେ ପ୍ରଥମ ପର୍ଯ୍ୟାୟରେ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ମୟୂରଭଞ୍ଜ ଜିଲ୍ଲାର ୧୫ ଶହ ଗରୀବ ଜନଜାତି ଛାତ୍ରଛାତ୍ରୀ ନିଃଶୁଳ୍କ ଭାବେ ରହି ଅଧ୍ୟୟନ କରିବା ନିମନ୍ତେ ଆଦାନୀ ଫାଉଣ୍ଡେସନର ଆର୍ଥିକ ସହାୟତା ଏବଂ କିସର ସହଭାଗିତାରେ କିସ ଜମି ଉପରେ ନବ ନିର୍ମିତ ଆଦାନୀ-କିସ୍ ଆବାସିକ ଜନଜାତି ବିଦ୍ୟାଳୟ ସହ କିସ୍ ପରିସରରେ ଜିଲ୍ଲାବାସୀଙ୍କ ନିମନ୍ତେ ଉଦ୍ଦିଷ୍ଟ ଏକ ୫୦ ଶଯ୍ୟା ବିଶିଷ୍ଟ ଚିକିତ୍ସାଳୟକୁ ଶୁଭ ଉଦଘାଟନ କରିଥିଲେ। ଏଥିସହିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୟୂରଭଞ୍ଜବାସୀଙ୍କୁ ୫୩ କୋଟି ୬୦ ଲକ୍ଷ ଟଙ୍କା ବ୍ୟୟ ବରାଦରେ ନିର୍ମିତବହଳଦା, ରରୁଆଁ, ବିଶୋଇ, କୁସୁମୀ, ରାଇରଙ୍ଗପୁର, ବାରିପଦା, ଶାମାଖୁଣ୍ଟା ଓ ଶୁଳିଆପଦାରେ ୧୮ଟି ପାଇପ୍ ଜଳ ଯୋଗାଣ ପ୍ରକଳ୍ପ ସହ ଠାକୁରମୁଣ୍ଡା, କୁସୁମୀ, ଶୁକ୍ରୁଳି, ସାରସକଣା ଓ ଶୁଳିଆପଦା ବ୍ଲକରେ ୫ଟି ହାଇ ଲେଭଲ ସେତୁ, ବାରିପଦା ସରକାରୀ ମହାବିଦ୍ୟାଳୟ ପରିସରରେ ନିର୍ମିତ ସାଇନ୍ସ ବ୍ଲକ, ମୋରଡ଼ା ବ୍ଲକରେ ନିର୍ମିତ ଭାଲିଆଶୋଳ ଆଦର୍ଶ ବିଦ୍ୟାଳୟ, କୁସୁମୀ ବ୍ଲକର ସାନଞ୍ଜୟଧାନପୋଷି ଓ ବିଜାତୋଳା ବ୍ଲକର ଲୁହାଶିଳାଠାରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରୀ ନିବାସ ଆଦି ପ୍ରକଳ୍ପଗୁଡ଼ିକର ଶୁଭ ଉଦଘାଟନ କରିଥିଲେ । ସେହିପରି ୨ ଶହ କୋଟି ୩୦ ଲକ୍ଷ ଟଙ୍କାରୁ ଅଧିକ ବ୍ୟୟ ଅଟକଳରେ ବାରିପଦା ପୌରବାସୀଙ୍କ ନିମନ୍ତେ ବିଶୁଦ୍ଧ ପାନୀୟ ଜଳଯୋଗାଣ ପ୍ରକଳ୍ପ ସହ ରରୁଆଁ ବ୍ଲକର ଫଗୁ ରାସ୍ତା ଉନ୍ନତିକରଣ ଓ ପ୍ରଶସ୍ତିକରଣ କାର୍ଯ୍ୟ, ବାରିପଦା ପୌରପରିଷଦର ତଖତପୁରଠାରେ ଏମପିସି ସ୍ୱୟଂ ଶାସିତ ମହାବିଦ୍ୟାଳୟ ପରିସରରେ ସ୍ନାତକୋତର କମ୍ପୋଜିଟ୍ ବ୍ଲକ, ସାରସକଣା ଓ ଗୋପବନ୍ଧୁନଗର ବ୍ଲକରେ ୨ଟି ମେଗା ଜଳଯୋଗାଣ ପ୍ରକଳ୍ପ ସହ ରାଇରଙ୍ଗପୁର, ବାଙ୍ଗିରିପୋଷି ଓ ଖୁଣ୍ଟା ବ୍ଲକରେ ୩ଟି ଜଳ ଯୋଗାଣ ପ୍ରକଳ୍ପ, ବଡ଼ସାହି, ଗୋପବନ୍ଧୁନଗର ଓ ଖୁଂଟା ବ୍ଲକରେ ୪ଟି ହାଇ ଲେଭଲ ସେତୁ ନିର୍ମାଣ ପ୍ରକଳ୍ପଗୁଡ଼ିକର ଭିତିପ୍ରସ୍ତର ସ୍ଥାପନ କରିଥିଲେ । ଏହାପରେ ମୁଖ୍ୟମନ୍ତ୍ରୀ ନବୀନ ଆୟୋଜିତ ସାଧାରଣ ସଭାରେ ଜିଲ୍ଲାବାସୀଙ୍କୁ ଉଦବୋଧନ ଦେବା ଅବସରରେ ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦା ଶ୍ରୀଶ୍ରୀହରି ବଳଦେବ ଜୀଉ ମନ୍ଦିରକୁ ୫ କୋଟି ଟଙ୍କାର ଅନୁଦାନ ରାଶି ଯୋଗାଇ ଦେବେ ବୋଲି ଘୋଷଣା କରିଥିଲେ। ଜିଲ୍ଲାର ବିଭିନ୍ନ ବ୍ଲକରୁ ସେମାନଙ୍କ ପ୍ରିୟ ମୁଖ୍ୟମନ୍ତ୍ରୀଙ୍କୁ ଦେଖିବା ନିମନ୍ତେ ସଭାରେ ପ୍ରାୟ ୧୫ରୁ ୨୦ ହଜାର ଜନସମାଗମ ହୋଇଥିବାର ପରିଲକ୍ଷିତ ହୋଇଥିଲା । କିସ କାର୍ଯ୍ୟକ୍ରମରେ ରାଜ୍ୟସଭା ସାଂସଦ ସରୋଜିନୀ ହେମ୍ବ୍ରମଙ୍କ ନାମ ବାଦ ପଡ଼ିଥିଲା, ମାତ୍ର ଗଣମାଧ୍ୟରେ ଖବର ପ୍ରକାଶିତ ହେବା ପରେ କାର୍ଯ୍ୟକ୍ରମରେ ମଞ୍ଚ ଉପରକୁ ଡ଼କା ଯାଇଥିଲା । ସେହିପରି ମଞ୍ଚରେ ବିଜେପି ବିଧାୟକ ପ୍ରକାଶ ସୋରେନ ବିଜେଡ଼ି ସାଂସଦ ତଥା କିସ୍-କିଟ ପ୍ରତିଷ୍ଠାତା ଡ଼ଃ ଅଚ୍ୟୁତ ସାମନ୍ତଙ୍କୁ ଏକ ମହାପୁରୁଷ ଭଳି ଚିତ୍ରଣ କରି ପ୍ରଶଂସାର ପାହାଡ଼ ତାଙ୍କ ଉପରେ ଅଜାଡ଼ି ଦେଇଥିବାର ଦେଖିବାକୁ ମିଳିଥିବା ବେଳେ ପୁଣି ଥରେ ୫-ଟି ସଚିବ ପାଣ୍ଡିଆନଙ୍କ ଇଙ୍ଗିତରେ ମଞ୍ଚ ପରିଚାଳନା ହୋଇଥିଲା ବୋଲି ଉପସ୍ଥିତ ଜନସାଧାରଣରେ ହେଉଥିବା ଚର୍ଚ୍ଚାରୁ ଜଣାପଡ଼ିଥିଲା । ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମରେ ଯୋଗ ଦେବା ନିମନ୍ତେ ବିଜେଡ଼ି ସମର୍ଥକମାନଙ୍କ ପୁଲିସ ସମ୍ମୁଖ ଦେଇ ବିନା ହେଲମେଟରେ ବାଇକ ରାଲି ସହ ଯାତାୟତ କରୁଥିଲେ ମଧ ପୁଲିସ ସେମାନଙ୍କ ନିକଟରୁ କାହିଁକି ଚାଲାଣ କାଟିଲେ ନାହିଁ ତାହାକୁ ନେଇ ସାଧାରଣ ଜନତା ପୁଲିସ ଓ ଆଞ୍ଚଳିକ ପରିବହନ ବିଭାଗ ପ୍ରତି ଅଙ୍ଗୁଳି ଉଠାଇବା ସଂଗେସଂଗେ ତୀବ୍ର ସମାଲୋଚନା ମଧ କରିଛନ୍ତି। ଏହି ସମୟରେ କଳିଙ୍ଗ ଇନଷ୍ଟିଚ୍ୟୁଟ ଅଫ୍ ସୋସିଆଲ ସାଇନସେସ୍(କିସ୍)ର ପ୍ରତିଷ୍ଠାତା ଡ଼ଃ ଅଚ୍ୟୁତ ସାମନ୍ତ, ଆଦାନୀ ଗ୍ରୁପ ଫାଉଣ୍ଡେସନ ଚେୟାରପର୍ସନ ଡ଼ଃ ପ୍ରୀତି. ଜି. ଆଦାନୀ, ଆଦାନୀ ପୋର୍ଟସ ଏବଂ ଏସଇଜେଡ଼ ଲିମିଟେଡ଼ ମୁଖ୍ୟ ପରିଚାଳନା ଅଧିକାରୀ ତଥା ଆଦାନୀ ଏୟାରପୋର୍ଟସ ହୋଲଡ଼ିଂ ଲିମିଟେଡ଼ ନିର୍ଦ୍ଦେଶକ କରଣ ଗୌତମ ଆଦାନୀ ପ୍ରମୁଖଙ୍କ ସମେତ ମନ୍ତ୍ରୀ ସୁଦାମ ମାର୍ଣ୍ଡି, ରାଜ୍ୟ ସଭା ସାଂସଦ ସରୋଜିନୀ ହେମ୍ବ୍ରମ, ଲୋକସଭା ସାଂସଦ ଇଂ ବିଶ୍ୱେଶର ଟୁଡୁ, ବାରିପଦା ବିଧାୟକ ପ୍ରକାଶ ସୋରେନ ଓ ମୟୂରଭଞ୍ଜ ଜିଲ୍ଲାପାଳ ବିନୀତ ଭରଦ୍ୱାଜ ପ୍ରମୁଖ ଉପସ୍ଥିତ ରହିଥିଲେ ।

ସୁଖ ପାଖରେ ଜ୍ଞାନ ନଥାଏ। ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ।



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

# ମହଙ୍ଗା ମନ୍ତବ୍ୟ : ଅଖଣ୍ଡ ଭାରତର ସ୍ୱପ୍ନ



**ଡାକ୍ତର ନୀଳମାଧବ ପୃଷ୍ଟି**

ଆର୍ଯ୍ୟ ସନାତନ ସଂସ୍କୃତିର, ଭାଇଚାରା, ସମଗ୍ର ବିଶ୍ୱବାସୀ ଏକ ପରିବାର ଏହି ଭାବନା ହେଉଛି ମହାନ ଭାରତୀୟ ଚେତନା। ଭାରତ ଏପରି ଏକ ଦେଶ ଯେଉଁଠି ଧର୍ମନିରପେକ୍ଷତା ଓ ଗଣତନ୍ତ୍ର ସହ ଏଠାରେ ସମ୍ବିଧାନ ହେଉଛି ହିଁ ସବୁକିଛି। ଏପରି ଏକ ସମୟରେ ପ୍ରତିଟି ଭାରତୀୟ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଶକ୍ତିଶାଳୀ ନେତୃତ୍ୱ ପ୍ରତି ଦୃଢ଼ ଆସ୍ଥା ଓ ବିଶ୍ୱାସ ଅତୁଟ ରଖିଛନ୍ତି। ଭାଇଚାରର ଶାନ୍ତିପ୍ରିୟ ଦେଶ ହେଉଛି ଆମ ଭାରତ। ସମଗ୍ର ବିଶ୍ୱରେ ଏହି ଦେଶ ଅହିଂସାର ନୀତିକୁ ଯେଉଁପରି ଆପଣାଇଛି ତାହା ଅତ୍ୟନ୍ତ ବିରଳ। କିନ୍ତୁ ଦୁଃଖଦ କଥା ବେଳେ ବେଳେ କିଛି ତଥାକଥିତ ରାଜନେତା ନିଜ ଭାଷାରେ ସଂଯମତା ରଖୁନଥିବାରୁ ଏହା ଦେଶରେ ଭାଇଚାରକୁ କ୍ଷୁର୍ଣ୍ଣ କରିବା ସହ ଅଖଣ୍ଡ ଭାରତ ପ୍ରତି ଶକ୍ତି ଧକ୍କା ପରି ପ୍ରତୀୟମାନ ହେଉଛି। ସତ୍ୟାଗ୍ରହର ମୂର୍ତ୍ତିମନ୍ତ ପୂଜାରୀ ଥିଲେ ଜାତିର ପିତା ମହାତ୍ମା ଗାନ୍ଧୀ। ତାଙ୍କ ଆତ୍ମଜୀବନୀ ସତ୍ୟର ସାକ୍ଷାତକାରରେ ଅହିଂସାର ନୀତି ଓ ଭାତୃତ୍ୱ ବନ୍ଧନକୁ ସିଏ ବିଶେଷ ଭାବେ ଉଲ୍ଲେଖ କରିଛନ୍ତି। ଏବେ ଦେଶର ବିଭିନ୍ନ ଭାଗରେ କିଛି ପ୍ରାୟୋଜିତ ହିଂସାକାଣ୍ଡ ବଢୁଥିବାବେଳେ କିଛି ରାଜନେତାଙ୍କ ଦାୟିତ୍ୱହୀନ ମନ୍ତବ୍ୟ ଗଣତାନ୍ତ୍ରିକ ପଦ୍ଧତିକୁ ଶକ୍ତ ଧକ୍କା ଦେଉଛି। ବିଶ୍ୱର ସର୍ବବୃହତ୍ତ ଗଣତନ୍ତ୍ର ରାଷ୍ଟ୍ର ଭାରତ ତାର କାର୍ଯ୍ୟପାଳିକା, ନ୍ୟାୟପାଳିକା ଓ ବିଧାୟିକାକୁ ନେଇ ତିନୋଟି ତ୍ରିଭୁଜ ସ୍ତମ୍ଭ ଉପରେ ସମ୍ବିଧାନ ପ୍ରତିଷ୍ଠା ହୋଇଛି। ଏଠାରେ ସୂଚନା ଦେଉକି ଯେ, କଂଗ୍ରେସର ଯୁବରାଜ କୁହାଯାଉଥିବା ରାହୁଲ ଗାନ୍ଧୀ ସର୍ବସାଧାରଣରେ 'ପ୍ରଧାନମନ୍ତ୍ରୀ ଚୋର ହେଁ' ବୋଲି ଆକ୍ଷେପ କରି ସବୁ ମହଲରୁ ସମାଲୋଚିତ ହୋଇଥିଲେ। ସମସ୍ତେ ମନେରଖିବା ଉଚିତ ଯେ ପ୍ରଧାନମନ୍ତ୍ରୀ କୌଣସି ଦଳର ନେତା ବା କର୍ମୀ ହୋଇପାରନ୍ତି କିନ୍ତୁ ଦେଶର ସର୍ବୋଚ୍ଚ ସମ୍ମାନନୀୟ ଶାସନକର୍ତ୍ତା ହୋଇଥିବାରୁ ସେ ସ୍ୱୟଂ ଜଣେ ମର୍ଯ୍ୟାଦାଜନକ ଅନୁଷ୍ଠାନ କହିଲେ ଅତ୍ୟୁକ୍ତି ହେବନାହିଁ। ସେହିପରି ଜାମ୍ମୁ-କାଶ୍ମୀରରୁ ୩୭୦ଧାରା ଓ ୩୫(କ)କୁ ଉଚ୍ଛେଦ କରିବା ବେଳେ ପୂର୍ବତନ ମୁଖ୍ୟମନ୍ତ୍ରୀ ଅବଦୁଲ୍ଲା ଏହାର କାର୍ଯ୍ୟକାରିତାକୁ ବିରୋଧ କରି କାଶ୍ମୀରରେ ନିଆଁ ଲାଗିବ ବୋଲି ପ୍ରକାଶରେ ଧମକ ଦେଇଥିଲେ। ସେହିପରି ନିକଟରେ ନାଗରିକତା ସଂଶୋଧନତା ବିଲ୍‌କୁ ମୁସଲମାନ ବିରୋଧୀ ବୋଲି ଆକ୍ଷେପ କରାଯାଇ ଏକ ଭୁଲ ବାର୍ତ୍ତା ଦିଆଯାଉଛି। ଓଡ଼ିଶାର ମହାମହିମ ଗଜପତି ଦିବ୍ୟସିଂହଙ୍କ ପ୍ରତି ନିନ୍ଦାଜନକ ମନ୍ତବ୍ୟ ଦେଇଥିବା ଜଣେ ସାମାଜିକକର୍ମୀ କିଛି ଦିନ ତଳେ ଗିରଫ ହୋଇ ଦଣ୍ଡବିଧାନକୁ ସାମ୍ନା କରିଥିଲେ। କିନ୍ତୁ ନିକଟରେ ଯୁବରାଜ ରାହୁଲଙ୍କ ଖାସ କୋଟେରୀର କହି ଢୋଲ ପିଟୁଥିବା ପ୍ରଦୀପ ମାଝିଙ୍କ ଏକ ବୟାନ ସମଗ୍ର ରାଜ୍ୟରେ ନୁହେଁ ଭାରତର ଗଣମାଧ୍ୟମରେ ପ୍ରମୁଖ ଖବରଭାବେ ଚର୍ଚ୍ଚିତ ହୋଇଛି।

ଓଡ଼ିଶା କଂଗ୍ରେସର ପୂର୍ବତନ ସାଂସଦ ପ୍ରଦୀପ ମାଝି ନବରଙ୍ଗପୁର ବନ୍ଦ ବେଳେ ଯେଉଁପରି ନିଆଁଲଗା ଡାକରା ଦେଇଛନ୍ତି ତାହା କେବଳ ରାଜନୈତିକ ମହଲକୁ ନୁହେଁ ସମଗ୍ର ଓଡ଼ିଶାବାସୀଙ୍କୁ ବ୍ୟଥିତ କରିଛି। ସେ ଆହୁରି ମଧ୍ୟ କହିଛନ୍ତି ଯେ, ଏବେ ଆଉ ମହାତ୍ମା ଗାନ୍ଧୀଙ୍କ ପନ୍ଥା ନୁହେଁ ସୁବାଷ ବୋଷଙ୍କ ପନ୍ଥାରେ ହିଂସାକାଣ୍ଡ କରାଯିବ। କେବଳ ଏଥିରେ ମତ ନସାରି ସେ ଚୁଡ଼ି ପିନ୍ଧି ନାହାନ୍ତି ବୋଲି ମଧ୍ୟ ମତ ଦେଇ ଆଇନକୁ ନିଜ ହାତକୁ ନେବା ପରି ବାର୍ତ୍ତା ଦେଇଛନ୍ତି। କାରଣ ତାଙ୍କ ନିଆଁଲଗା ଆହ୍ୱାନ ପରେ ପରେ କଂଗ୍ରେସକର୍ମୀମାନେ ଏକ କାରକୁ ଜାଳିଦେଇଥିଲେ। ପରିଶେଷରେ ପୋଲିସ ନିଜ ଆଡୁ ମାମଲା ଦାଏର କରିଛି। ଯଦିଓ ଓଡ଼ିଶା କଂଗ୍ରେସ ମୁଖିଆ ନିରଞ୍ଜନ ପଟ୍ଟନାୟକ ଏହା କଂଗ୍ରେସର ମନ୍ତବ୍ୟ ନୁହେଁ ବୋଲି କହି ନିଜକୁ ଦୂରେଇଛନ୍ତି ତଥାପି ଏହି ପ୍ରସଙ୍ଗ ଏବେ ଆଗକୁ କେଉଁ ମୋଡ଼ ଯେ ନ ନେବ କହିବା ମୁସ୍କିଲ। କଂଗ୍ରେସ ନେତାଙ୍କ ଏହି ନିଆଁଲଗା ମନ୍ତବ୍ୟ ପରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ, କଂଗ୍ରେସ ନେତାଙ୍କ ମଧ୍ୟରେ ଚେତନା ଶକ୍ତି ଲୋପ ପାଇଗଲା ଭଳି ତାଙ୍କ ଦଳର ନେତାମାନେ ପୋଡ଼ାଜଳା ଭଳି ଆହ୍ୱାନ ଦେବା ଦେଶପାଇଁ ଶୁଭଙ୍କର ନୁହେଁ। ସରକାରୀ ସମ୍ପତ୍ତି, ସର୍ବସାଧାରଣଙ୍କ ଜନଜୀବନ ନଷ୍ଟ କରିବା ପଛରେ କଂଗ୍ରେସର ହାତ ଥିବା ସବୁଠି ଚର୍ଚ୍ଚା ହେଉଛି। ତେବେ ପ୍ରଦୀପ ମାଝିଙ୍କ ଏହି ଦାୟିତ୍ୱହୀନ ଓ ନିନ୍ଦନୀୟ ମନ୍ତବ୍ୟ ପାଇଁ ତାଙ୍କ ଦଳର କୌଣସି ନେତା ସମର୍ଥନ ଦେବାକୁ ଆଗେଇ ଆସିନାହାନ୍ତି। ବର୍ଷ ବର୍ଷ ଧରି ଶାସନ ଗାଦି ଠାରୁ ଦୂରେଇ ରହିବାପରେ କିଛି ନେତାଙ୍କ ଏହା ବାଚଳାମୀ ବୋଲି ରାଜନୈତିଜ୍ଞମହଲ ମତ ରଖୁଥିବାବେଳେ ଭାରତରେ କଂଗ୍ରେସମୁକ୍ତ ଆଗେଇ ନେବା ପାଇଁ ଏପରି ମନ୍ତବ୍ୟ ଯଥେଷ୍ଟ ବୋଲି କେହି କେହି ମତ ଦିଅନ୍ତି। ଅନେକ ସମୟରେ ରାହୁଲ ଗାନ୍ଧୀ ଓ ପ୍ରିୟଙ୍କା ଗାନ୍ଧୀ ଆଇନକୁ ହାତକୁ ନେବା ପରି ସମ୍ବିଧାନ ଓ ଆଇନ ବିରୋଧୀ ମନ୍ତବ୍ୟ ଦେଉଛନ୍ତି। ଯେ କୌଣସି ରାଜନୈତିକ ଦଳ ବା ବ୍ୟକ୍ତି ପ୍ରାସଙ୍ଗିକ ଭାବେ ପ୍ରତିବାଦ, ହରତାଳ, ଆନ୍ଦୋଳନ କରିବାର ସାମ୍ବିଧାନିକ ଅଧିକାର ରହିଛି କିନ୍ତୁ କୌଣସି କ୍ଷେତ୍ରରେ ଆଇନକୁ ହାତକୁ ନେବା ଲାଗି ସେମାନଙ୍କୁ ଅଧିକାର କିଏ ଦେଲା? ନିକଟରେ ଜାମିଆମିଲିଆ ଛାତ୍ରଙ୍କ ପୋଡ଼ାଜଳା ଘଟଣାରେ ମାନବ୍ୟର ସୁପ୍ରିମକୋର୍ଟ ହିଂସାକାଣ୍ଡରେ ଲିପ୍ତ ଉପଦ୍ରବକାରୀଙ୍କୁ ଭତ୍ସନା କରି ଆଇନକୁ ନିଜ ହାତକୁ ନେଇପାରିବେ ନାହିଁ ବୋଲି ମତ ଦେଇଥିଲେ। ପ୍ରଥମେ ହିଂସାକାଣ୍ଡରୁ ନିବୃତ୍ତ ରହିଲେ ହିଁ ସେମାନଙ୍କ ଅଭିଯୋଗ ବା ମାମଲା ଶୁଣାଯିବ ବୋଲି ମଧ୍ୟ ସୁପ୍ରିମକୋର୍ଟ କଠୋର ମତ ଦେବା ପରେ ଏହି ହିଂସାକାଣ୍ଡକାରୀ ଚୁପ୍ ରହିବାକୁ ବାଧ୍ୟ ହୋଇଥିଲେ। ଜନ ଅସନ୍ତୋଷ ପ୍ରସଙ୍ଗରୁ କଂଗ୍ରେସର ବନ୍ଦ ଡାକରା ଭୁଲ ନୁହେଁ କିନ୍ତୁ ପୋଡ଼ାଜଳା କରିବା ପାଇଁ ଡିଜେଲ, ପେଟ୍ରୋଲ ଧରି ଡାକରାକୁ ଅପେକ୍ଷା କରିବାକୁ ଏପରି ନେତାଙ୍କ କହିବା ପଣକୁ କିଏ ଅଧିକାର ଦେଇଛି ବୋଲି ସତ ପ୍ରଶ୍ନ ଉଠୁଛି। ଅନେକ କହୁଛନ୍ତି ଯେ ପ୍ରଦୀପ ମାଝି ପରାଜୟ ହୋଇ ରାଜ୍ୟରେ ଶାସକ ବିଜେଡ଼ି ଉପରେ ରାଗ ସୁଝାଇବାକୁ ହତାଶ ହୋଇ ସରକାରୀ ସମ୍ପତି ନଷ୍ଟ କରିବାକୁ ଉସକାଉଛନ୍ତି। ସେହିପରି ସରକାର ମଧ୍ୟ ଏପରି ମାମଲାକୁ ଗୁରୁତର ସହ ବିଚାର କରି ତୁରନ୍ତ ପଦକ୍ଷେପ ବାଞ୍ଛନୀୟ। କାରଣ ଦେଶର ସୁରକ୍ଷା, ଦେଶବାସୀଙ୍କ ସୁରକ୍ଷା ଓ ଅଖଣ୍ଡ ଭାରତର ସମ୍ମାନ, ଆଦର୍ଶ ବଜାୟ ରଖିବା ଦାୟିତ୍ୱ ଆମପରି ପ୍ରତିଟି ଭାରତୀୟଙ୍କର ରହିଛି।

*ପାଣିକୋଇଲି, ଯାଜପୁର*
*ଦୂରଭାଷ : ୯୪୩୯୪୮୨୫୨୬*

## ଯୋଗାଯୋଗ ଠିକଣା

ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ଅପସଂସ୍କାର : ଦୁଷ୍କର୍ମର ଆଦ୍ୟଶତ୍ରୁ



**ନାରାୟଣ ଚନ୍ଦ୍ର ବିଶ୍ୱାଳ**

ଶେଷରେ ଉତ୍ତରପ୍ରଦେଶର ଚତୁର୍ଥଥର ଏମ୍‌ଏଲଏ ଏବଂ ବଳାତ୍କାରୀ କୁଳଦୀପ ସେନଗରଙ୍କର ଆଜୀବନ ଜେଲ ଆଦେଶ ଆସିବାପରେ ଉନ୍ନାଓର ଦିବଂଗତ ପୀଡ଼ିତା (ବୀରାଙ୍ଗନା)ଙ୍କର ଆତ୍ମା ଶାନ୍ତି ପାଇଥିବ ବୋଲି ମୋର ବିଶ୍ୱାସ। ବୀରାଙ୍ଗନା ଏଥିପାଇଁ କହି କି ଯେ ସେ ନିଜର ତଥା ନାରୀ ଜାତିର ଆତ୍ମ ସମ୍ମାନ ପାଇଁ ଏକ ଲମ୍ବା ଲଢ଼ାଇ ଲଢ଼ି ଚାଲିଗଲେ। ମଣିଷ ସମାଜ ଥିବା ଯାଏ ଭବିଷ୍ୟତରେ ଊଣା ଅଧିକ ଏ ଖବର ଆମକୁ ଶୁଣିବାକୁ ଏବଂ ଦେଖିବାକୁ ମିଳିବ। କାରଣ ୧୦୦% ପୁରୁଷଙ୍କ ଠାରୁ ସଂସ୍କାର ତାହା ପୁଣି ମାତୃଜାତି ପାଇଁ ଆଶା କରିବା ବୃଥା। ଦ୍ୱିତୀୟତଃ ମାନସିକ ବିକାରଗ୍ରସ୍ତ ଲୋକଙ୍କର ଆଗକୁ ସମାଜରେ ଅଭାବ ନଥିବ। ତୃତୀୟତଃ ନିଶାଗ୍ରସ୍ତ ପୁରୁଷ ବି ଗଣ୍ଡା ଗଣ୍ଡା ବୁଲୁଥିବେ ଯେଉଁମାନଙ୍କର ନିଜ ମା-ଭଉଣୀଙ୍କୁ ବି ସମ୍ମାନ ନଥିବ। ଲେଖୁ ଲେଖୁ ମୁଁ ଦୁଷ୍କର୍ମର ମୁଖ୍ୟ ତିନଟି କାରଣ ମୁଁ ଲେଖିଦେଲି। ବେଳେ ବେଳେ ପ୍ରତିହିଂସା ପରାୟଣ ହୋଇ ମଧ୍ୟ ଏହି କାର୍ଯ୍ୟ କରାଯିବାର ଦୃଷ୍ଟାନ୍ତ ଅଛି। ଏସବୁର ଉପଚାର ପୋକ୍ସୋ ଆଇନ ବଳରେ ଜେଲ ବା ଫାଶି ଦେଲେ ହେବନାହିଁ। ପୀଡ଼ିତା ତ ଫେରିବନାହିଁ ବରଂ ପାଶୀ ବା ଜେଲ ଆଳରେ ଆଉ ଗୋଟେ ଜୀବନ ସହ ତାର ପରିବାର କ୍ଷତିଗ୍ରସ୍ତ ହେବେ। ତାହାଛଡ଼ା ଫାଶୀ ଭୟରେ ଦୁଷ୍କର୍ମକାରୀମାନେ ଅପରାଧ ଘଟାଇ ସାରି ଇଚ୍ଛା ନଥିଲେ ବି ପ୍ରମାଣ ନଷ୍ଟ ପାଇଁ ପୀଡ଼ିତାକୁ ହତ୍ୟା କରିବାକୁ ପଛଘୁଞ୍ଚା ଦେଉନାହିଁ। ତେଣୁ 'ପ୍ରିଭେନ୍‌ସନ ଇଜ୍ ବେଟର ଦ୍ୟାନ କିୟୋର' ନ୍ୟାୟରେ ଏହି ଅପରାଧ ସଂଗଠିତ ନ ହେଲେ ଭଲ। ନିକଟରେ ଦୈନିକ ସମ୍ବାଦରେ ହାଇଦ୍ରାବାଦ ଏନ୍‌କାଉଣ୍ଟର ଉପରେ ସମାଜର ବିଭିନ୍ନ ବର୍ଗର ମହିଳା ମାନଙ୍କର ପ୍ରତିକ୍ରିୟା ସହ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜର ଡିନ୍ ପ୍ରଫେସର ଡା. ଜୟଶ୍ରୀ ମହାନ୍ତି ଏବଂ ସେହି ଅନୁଷ୍ଠାନର ମାନସିକ ରୋଗ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଡା. ସିମା ପରୀଜାଙ୍କର ପ୍ରତିକ୍ରିୟା ଦେଖିଲି। ଉପରୋକ୍ତ ଦୁଇଜଣ ଡାକ୍ତରାଣୀଙ୍କର ବିବୃତି ଯୁଗୋପଯୋଗୀ ଏବଂ ଅଭିନନ୍ଦନୀୟ। ଡା. ମହାନ୍ତିଙ୍କ ଭାଷାରେ ଏହି ଦୁଷ୍କର୍ମକାରୀ ବ୍ୟକ୍ତିଙ୍କୁ ଚିହ୍ନଟ କରିବାଛଡ଼ା ସେମାନଙ୍କର ମାନସିକ ଚିକିତ୍ସା ଦରକାର। ଏହାଛଡ଼ା ଡ୍ରଗ ଆଡିକ୍ଟ ଏବଂ ମଦ୍ୟପ ମାନଙ୍କୁ ଠାବ କରି କାଉନସେଲିଂ କରିବା ଜରୁରୀ। ଡାକ୍ତର ପରିଜାଙ୍କର ମୁଖ୍ୟ ଉପଦେଶ ଥିଲା ପିଲା ସମୟରୁ ପୁଅ ମାନଙ୍କୁ ଘରେ ବାପ-ମା'ମାନେ ଝିଅଙ୍କୁ ସମ୍ମାନ ଦେବା ସଂପର୍କରେ ଶିକ୍ଷା ଦେବା ଉଚିତ ଇତ୍ୟାଦି। ଏଠରେ ସେ ସଂସ୍କାରର କଥା ଉଠାଇଛନ୍ତି। କଥାରେ ଅଛି 'ନା ରହେଗା ବାଂଶ ନା ବଜେଗା ବାଂଶୁରୀ' ଏହି ନ୍ୟାୟରେ ଡା.ପରିଜାଙ୍କର ବିବୃତ୍ତି ବିଶେଷତ୍ୱ ରଖେ। ଆସନ୍ତୁ ଏ ବିଷୟରେ ବିସ୍ତୃତ ଆଲୋଚନା କରିବା।

କୁହାଯାଏ, 'ଯାହା ନାହିଁ ବାଳକାଳେ ତାହା ନାହିଁ କାଳେ କାଳେ'। ଖୁବ୍ କମ ବୟସରୁ ପିଲାର ଦୋଷ ଦୁର୍ବଳତା ଠାବ କରି ଉପଯୁକ୍ତ ସଂସ୍କାର ଦେବା ସଙ୍ଗେ ସଙ୍ଗେ କାଉନ୍‌ସେଲିଂ ଏବଂ ଉପଚାର ମାଧ୍ୟମରେ ସମାଧାନ କରାଯାଇ ପାରିବ। ଝିଅ-ପୁଅ ସମସ୍ତଙ୍କ ପାଇଁ ଏହା ପ୍ରଯୁଜ୍ୟ। ଏହା ଏକ ଟିମ୍ ଆପ୍ରୋଚ୍ ଦ୍ୱାରା ସମ୍ଭବ। ଏହି ଟିମ୍‌ରେ ବାପା, ମାଆ, ଶିକ୍ଷକ, ମନସ୍ତତ୍ତ୍ୱବିତ୍ ଏବଂ ମାନସିକ ରୋଗ ବିଶେଷଜ୍ଞ ରହିବେ। ଶିଶୁ ମନୋବିଜ୍ଞାନୀଙ୍କ ଭାଷାର ପ୍ରାୟ ଆଠ ବର୍ଷ ବେଳକୁ ପିଲାର ବ୍ୟକ୍ତିତ୍ୱର ବିକାଶ ହୋଇସାରିଥାଏ। ଏହି ସମୟ ମଧ୍ୟରେ ପିଲାମାନଙ୍କର ଦାୟିତ୍ୱ ଦେବା ମୂଲ୍ୟବାନ। ପିଲାର ସବୁ ପ୍ରଶ୍ନର ଉତ୍ତର ଗଠନ ମୂଳକ ହେବା ସଙ୍ଗେ ସଙ୍ଗେ ସଂସ୍କାରଧର୍ମୀ ହେବା ଉଚିତ ନହେଲେ ଆଠ ବର୍ଷ ପରେ ଶିଶୁ ଅସ୍ୱାଭାବିକ ବ୍ୟବହାର ପ୍ରଦର୍ଶନ କରେ। ନଅ ବର୍ଷ ବୟସରୁ ଅଠର ବର୍ଷ ବୟସ ପର୍ଯ୍ୟନ୍ତ ଆମ ପାଖରେ ଦଶବର୍ଷ ସମୟ ଥାଏ ତାର ବ୍ୟକ୍ତିତ୍ୱରେ ପରିବର୍ତ୍ତନ ଆଣିବା ପାଇଁ। ସେଥିପାଇଁ ଅଭିଭାବକ, ଶିକ୍ଷକ ଏବଂ ରାଜନୈତିକ ଇଚ୍ଛାଶକ୍ତିର ଆବଶ୍ୟକତା ରହିଛି। ଏହି ଦଶ ବର୍ଷ ଭିତରେ ଆତ୍ମ ସଂଯମତା ରକ୍ଷା କରି ସମ୍ୟକ ଦଣ୍ଡ ଦେଲେ ପିଲାର ବ୍ୟବହାରରେ ପରିବର୍ତ୍ତନ ହୋଇଥାଏ। ପିଲାକୁ ଶାରୀରିକ, ମାନସିକ କ୍ଷତି ପହଞ୍ଚାଇଲେ ଲାଭ ଅପେକ୍ଷା କ୍ଷତି ହୋଇଥାଏ। ଏହାଛଡ଼ା ଏହି ବୟସରେ ପାଠସହ ଖେଳକୁଦ, ନାଚଗୀତ, ଲେଖାଲେଖି ଆଦି ସର୍ବବିଧ ଭଲ କାମ ପାଇଁ ପିଲାକୁ ପ୍ରୋତ୍ସାହନ ଫଳପ୍ରଦ ହୋଇଥାଏ। ମାତ୍ର ଖରାପ କାମ ପାଇଁ ଅନ୍ତର୍ଜାତୀୟ ଶିଶୁ ଅଧିକାର ଆଇନ ବଳରେ ଯଦି ଦଣ୍ଡ ନଦିଆଯାଏ ତାହା ଆଗକୁ ପିଲାର ଭବିଷ୍ୟତ ଅନ୍ଧାରକୁ ଠେଲି ଦେଇପାରେ। ସରକାରୀ ଆଇନ କାନୁନ୍ ଭିତରେ ରହି ପିତାମାତା ଯଦି ଏଥିରେ ଅବହେଳା କରନ୍ତି ତାହାହେଲେ ଦିନ ଆସିବ ସେହି ପିଲା ଅଠର ବର୍ଷରୁ ଉର୍ଦ୍ଧ୍ୱ ହୋଇ କୌଣସି ଅପକର୍ମରେ ଲିପ୍ତ ରହିଲେ ଯେଉଁ ଆଇନ ତାକୁ ସୁରକ୍ଷା ଦେଉଛି ସେହି ଆଇନ ତାକୁ ଫାଶୀଖୁଣ୍ଟରେ ଝୁଲାଇ ଦେବାକୁ ପଛଘୁଞ୍ଚା ଦେବନାହିଁ। ତେଣୁ ପିତାମାତା ଆଗପଛ ବିଚାରି ବେଳ ଥାଉ ଥାଉ ଉଚିତ ସଂସ୍କାର ପ୍ରଦାନ କରି ସେମାନଙ୍କୁ ସଦାଚାର ଓ ନୈତିକମୂଲ୍ୟବୋଧର ଶିକ୍ଷା ଦେଇ ପିଲାମାନଙ୍କର ଭବିଷ୍ୟତ ସ୍ଥିର କରିନେବା ଉଚିତ। ସ୍କୁଲରେ ଶେଷ ପାଞ୍ଚବର୍ଷ ବେଳକୁ ପିଲାର ଦେହ ଏବଂ ମନରେ ବୈପ୍ଳବୀକ ପରିବର୍ତ୍ତନ ଆସେ। ଯୌନ ସମ୍ବନ୍ଧୀୟ ଅନିସଂଦିତ୍ସା ବଢ଼ିଯାଇଥାଏ। ଏହି ସମୟରେ ଯୌନ ଶିକ୍ଷା ଦ୍ୱାରା ପିଲା ମନରେ ଥିବା ପ୍ରଶ୍ନର ଉଚିତ ଉତ୍ତର ମିଳିବା ସଙ୍ଗେ ସଙ୍ଗେ ସେ ବିଭିନ୍ନ ପରିବେଶ ପରିସ୍ଥିତିକୁ ସମ୍ମୁଖୀନ ହୋଇପାରିବ। ଆବଶ୍ୟକ ହେଲେ ଶ୍ରେଣୀ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ପାଖରେ ସେ ସମ୍ବନ୍ଧରେ ମନଖୋଲା କହି ପାରିବ ଏବଂ ପରାମର୍ଶ ନେଇ ପାରିବ ଯାହା ଏବେ ବି ଆମ ସମାଜରେ ଟାବୁ ବା ଅପସଂସ୍କୃତି। ଶିକ୍ଷାବିଜ୍ଞାନୀମାନେ ଏ ସମ୍ବନ୍ଧରେ ଦ୍ୱିମତ ହୋଇପାରନ୍ତି। ଏହାଛଡ଼ା ପିଲାର ସ୍କୁଲରେ ବ୍ୟବହୃତ ସ୍ୱାସ୍ଥ୍ୟକାର୍ଡ଼ ପରି ଅପରାଧ ପ୍ରବଣତା ସମ୍ବନ୍ଧୀୟ ଏକ ସୂଚନା ଚରିତ୍ର ପଞ୍ଜିକା ଗୁପ୍ତରେ ରଖି ଏହାକୁ ଚତୁର୍ଥ ଶ୍ରେଣୀରୁ +୨ ପର୍ଯ୍ୟନ୍ତ ପ୍ରତିବର୍ଷ ତର୍ଜମା କରାଯିବା ଉଚିତ ଏବଂ ଆବଶ୍ୟକ ପଡ଼ିଲେ ଶିଶୁମନୋବିଜ୍ଞାନୀ ଏବଂ ମାନସିକ ରୋଗ ବିଶେଷଜ୍ଞଙ୍କର ପରାମର୍ଶ ନିଆଯାଇପାରେ। ଆଜିକାଲି ଆମ ପିଲା ଉପରେ ପଡ଼ିଶା ଲୋକଙ୍କର ଟିକା ଟିପ୍ପଣୀ ଆମକୁ ଅସହ୍ୟ ହେଉଛି ଯାହା ଆଗେ ନଥିଲା। ଏହି ଟିପ୍ପଣୀକୁ ବି ତର୍ଜମା କରନ୍ତୁ। ଅଯଥା ଆପଣଙ୍କ ପିଲାର କୁକମକୁ ଘୋଡାଇବାକୁ ଯାଇ ପଡ଼େଶୀ ସହ ସମ୍ପର୍କ ଖରାପ କରନ୍ତୁ ନାହିଁ। ଏକ ଏବଂ ଅଭିନ୍ନ ପରିବାର ପିଲାକୁ ସଂସ୍କାରୀ କରାଇଥାଏ। ଏହାଛଡ଼ା ପିଲାକୁ ହଷ୍ଟେଲରେ ଅଥବା ସଂପର୍କୀୟଙ୍କ ଘରେ ରଖି ପାଠ ନପଢ଼ାଇ ନିଜ ପାଖରେ ରଖି ପଢ଼ାଇବା ଜରୁରୀ। ଶେଷରେ ଏକ ନିଶାମୁକ୍ତ ସମାଜ ଗଠନ ଆମର ଧ୍ୟେୟ ହେବା ଉଚିତ। ଏହାଦ୍ୱାରା ଏହି ଦୁଷ୍କର୍ମ ପୀଡ଼ିତା ମାନଙ୍କୁ ଶ୍ରଦ୍ଧାଞ୍ଜଳୀ ହେବା ସଙ୍ଗେ ସଙ୍ଗେ ସମାଜର ଅନ୍ୟାନ୍ୟ ଅପରାଧ ମଧ୍ୟ ରୋକାଯାଇପାରିବ।

*କଟିକଟା, ମଙ୍ଗଳପୁର, ଯାଜପୁର*
*ଦୂରଭାଷ : ୯୪୩୮୨୭୬୭୬୦*

# ଦରଦହୀନ ଦାରୋଗା !

**ଚିରଞ୍ଜୀବୀ**

ଘୁଷୁରୀ ବେକଷଣ୍ଢାକୁ ମାଡି ବସି କେହି ପାଚିଲା କଦଳୀ ଖୋଇଲେ ବି ସିଏ ବାନ୍ତି ହିଁ କରିବ । ଏଇଟା ଘୁଷୁରୀର ଭାଗ୍ୟ କହିପାରନ୍ତି କିମ୍ବା ଦୁର୍ଭାଗ୍ୟ ! ଏବେ ଆମ ଦେଶର ସରକାରୀ ବ୍ୟବସ୍ଥାରେ ସଂସ୍କାର ଆଣିବାକୁ ବଡ ଓ ସାନ ବାବୁଙ୍କୁ ସରକାର ଯେତେ ପ୍ରକାର ମନ୍ତ୍ର ଫୁଙ୍କିଲେ ବି ସବୁ ପ୍ରଭାବହୀନ । ନାଳରେ ଗଂଗାଜଳ ଢାଳିଲା ପରି । ପୁଲିସ ବ୍ୟବସ୍ଥା କଥା ଯଦି କୁହାଯାଏ, ତେବେ ସାଧାରଣ ଲୋକଙ୍କ ସହିତ ପ୍ରତ୍ୟେକ ଦିନ ଯୋଗାଯୋଗରେ ଆସୁଥିବା ପୁଲିସ ବା ଦାରୋଗା ବାବୁ କିଭଳି ଲୋକଙ୍କ ଅଧିକ ନିକଟତର ଓ ବିଶ୍ୱାସଭାଜନ ହୋଇପାରିବ, ସେଥିପାଇଁ 'ଆମ ପୁଲିସ' ଭଳି ଲୋକାଭିମୁଖୀ କାମ ହାତକୁ ନିଆଯାଇଛି । ଏକୁଟିଆ ରହୁଥିବା ବରିଷ୍ଠ ନାଗରିକଙ୍କ ଭଲ ମନ୍ଦ ପଚାରି ବୁଝିବା ପାଇଁ 'ବରିଷ୍ଠ ନାଗରିକ ସେଲ୍' ଖୋଲାଯାଇଛି । ସେହିପରି ଶୋଷଣର ଶିକାର ହେଉଥିବା ମହିଳା ଓ ଶିଶୁଙ୍କୁ ତ୍ୱରିତ ନ୍ୟାୟ ପାଇଁ 'ମହିଳା ଓ ଶିଶୁ ଡେସ୍କ', 'ମାଧ୍ୟମ' କେନ୍ଦ୍ର ଭଳି କାର୍ଯ୍ୟକ୍ରମ ପୁଲିସ ବିଭାଗ ହାତକୁ ନେଇଛି । ତଥାପି ଆମ ପୁଲିସ ବାବୁଙ୍କ ମନ ଭିତରେ ଥିବା ଆସୁରିକ ପ୍ରକୃତି ହଠାତ୍ କେମିତି ସକ୍ରିୟ ହୋଇ ଉଠେ ବୁଝାପଡେନି । ଏଠାରେ କେନ୍ଦ୍ରାପଡା ଓ ହାଇଦ୍ରାବାଦ୍‌ରେ ଘଟିଥିବା ଦୁଇଟି ଘଟଣାର ବ୍ୟବଚ୍ଛେଦ ପୂର୍ବରୁ ସିଆର୍‌ପିସିର ଧାରା ୧୫୪ ସମ୍ପର୍କ ଆଲୋଚନା କରିବା ଯଥାର୍ଥ ହେବ । ଧାରା ୧୫୪ କହୁଛି ଯେ, ଧର୍ତବ୍ୟ ଅପରାଧ ଘଟିଲେ ଅଭିଯୋଗକାରୀ କିମ୍ବା ଅଭିଯୋଗକାରିଣୀଙ୍କ ଏତଲା ତୁରନ୍ତ ପୁଲିସ ବାବୁ ରୁଜୁ କରିବାକୁ ବାଧ୍ୟ । ବିନା ରୁଜୁରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଥାନାରୁ ଫେରାଇ ପାରିବେ ନାହିଁ । କିନ୍ତୁ ଘଟଣାଟି ଥାନାର ଭୌଗଳିକ ସୀମା ଭିତରେ ନଘଟିଥିଲେ ଅନେକ ଗୁରୁତ୍ୱପୂର୍ଣ୍ଣ ଘଟଣାରେ ଥାନାରୁ ଗାଳି ଗୁଳଜ କରି ରାତି ଅଧରେ ପୁଲିସ ତଡିଦେବା ଭଳି କଦର୍ଯ୍ୟ ଘଟଣା ବିଗତ ଦିନଗୁଡିକରେ ଓଡିଶାରେ ଏତେ ଘଟିଛି ଯେ ଲଜ୍ଜିତ ହେବାକୁ ପଡିଛି ବିଭାଗକୁ । ଥାନାର ଭୌଗଳିକ ସୀମାକୁ ନେଇ ସିଆର୍‌ପିସିରେ କୌଣସି ସ୍ୱଷ୍ଟତା ନଥିବାରୁ ପୁଲିସ ବାବୁ ଏହି ଆଳ ଦେଖାଇ ଅନେକ ସମୟରେ ଖସିଯିବାକୁ ସୁଯୋଗ ସୃଷ୍ଟି କରିପାରୁଥିଲେ । ଏ ପ୍ରକାର ପରିସ୍ଥିତିକୁ ଦୃଷ୍ଟିରେ ରଖି ମାନ୍ୟବର ସୁପ୍ରିମକୋର୍ଟ ତାଙ୍କର ବିଭିନ୍ନ ଜଜମେଂଟରେ କହିଛନ୍ତି ଯେ ଗୋଟିଏ ଥାନା ଅଧିନରେ ଘଟଣା ଘଟିନଥିଲେ ସୁଦ୍ଧା ପୁଲିସ ବାବୁ ମାମଲା ଗ୍ରହଣ କରିବାକୁ ବାଧ୍ୟ । ନିଜ ଥାନାରେ ମାମଲା ରୁଜୁ କରି ଘଟଣା ଘଟିଥିବା ଥାନାକୁ ପୁଲିସ କର୍ମଚାରୀଙ୍କ ମାଧ୍ୟମରେ କିମ୍ବା ଡାକ ଯୋଗେ ରୁଜୁ ହୋଇଥିବା ଏତଲା ପଠାଇବା ଦାୟିତ୍ୱ ମୂଳ ଥାନା ପୁଲିସ ବାବୁଙ୍କର । ଗୁରୁତ୍ୱପୂର୍ଣ୍ଣ ମାମଲାରେ ଫୋନ ଯୋଗେ ଘଟଣା ଘଟିଥିବା ଅଂଚଳର ଥାନାକୁ ଆଗୁଆ ଘଟଣା ସମ୍ପର୍କରେ ଅବଗତ କରି ଅପରାଧକୁ ରୋକିବା ଏବଂ ଅପରାଧୀକୁ କାବୁ କରିବା କ୍ଷେତ୍ରରେ ମଧ୍ୟ ପଦକ୍ଷେପ ପୁଲିସ ବାବୁ ନେଇପାରିବେ । ଗୋଟିଏ ଅପରାଧର ତଦନ୍ତ ଦାୟିତ୍ୱ କେବଳ ପୁଲିସ ବାବୁଙ୍କର ନୁହେଁ, ଅପରାଧ ଘଟିବା ପୂର୍ବରୁ ଏହାକୁ ଦମନ କରିବା କିମ୍ବା ପ୍ରତିଶେଧ ମୂଳକ ପଦକ୍ଷେପ ନେବା ପ୍ରଧାନ ଦାୟିତ୍ୱ କୁହାଯିବ । ଏହି ଧାଡିକୁ ଦୃଷ୍ଟିରେ ରଖି ବୋଧହୁଏ ମାନ୍ୟବର ସୁପ୍ରିମକୋର୍ଟ ଉପରୋକ୍ତ କଥା କହିଥାଇପାରନ୍ତି ।

ଏବେ ଦୁଇଟି ଘଟଣାର ଚିତ୍ର ଏଠାରେ ଚର୍ଚ୍ଚା, ଆଲୋଚନା କରାଯାଇପାରେ । ପ୍ରଥମ ଘଟଣା ଘଟିଛି କେନ୍ଦ୍ରାପଡା ଜିଲ୍ଲା ରାଜନଗର ଥାନା ଅଂଚଳରେ । ରାଜନଗର ବ୍ଲକ ଡାଙ୍ଗମାଳ ପଂଚାୟତର ସାରଦାପ୍ରସାଦ ଗାଁର ସୁବ୍ରତ ଗିରିଙ୍କ ୪ ବର୍ଷର ଝିଅ ଶୁଭଲକ୍ଷ୍ମୀ ୨୦୧୯ ନଭେମ୍ବର ୨୩ ତାରିଖ ସକାଳେ ଅସାବଧାନତା ବଶତଃ ପୋଖରୀରେ ଖସି ପଡିଥିଲା । ତାଙ୍କୁ ଉଦ୍ଧାର କରି ପ୍ରଥମେ ଡାଂଗମାଳସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା । କିନ୍ତୁ ସେଠାରେ ତାଲା ଝୁଲୁଥିଲା । ଜଣେ ଏଏନ୍‌ଏମ୍ ଦିଦି କ୍ୱାର୍ଟର୍‌ରେ ରହୁଥିଲେ । ପରିବାର ଲୋକେ ତାଙ୍କୁ ଡାକିବାରୁ ସେ ଜଣେ କ୍ୱାକ୍‌ଙ୍କ ପାଖକୁ ଯିବାକୁ କହିଥିଲେ । ବାଧ୍ୟ ହେଇ କ୍ୱାକ୍‌ଙ୍କ ପାଖକୁ ନେଇଥିଲେ ଅସହାୟ ପରିବାର । କ୍ୱାକ୍‌ଙ୍କ ଚିକିତ୍ସା ପରେ ଶିଶୁ ଅଧିକ ଗୁରୁତର ହୋଇପଡିଥିଲେ । ସେଠାରୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ଶିଶୁର ମୃତ୍ୟୁ ହୋଇଥିବା ଡାକ୍ତର ଘୋଷଣା କରିଥିଲେ । ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ଶବ ବ୍ୟବଚ୍ଛେଦ ପାଇଁ ନିକଟସ୍ଥ ରାଜନଗର ଥାନାକୁ ଖବର ଦିଆଯାଇଥିଲା । ରାଜନଗର ଡାକ୍ତର ମୃତ ଘୋଷଣା କରିଥିବାରୁ ନିୟମ କହୁଛି, ରାଜନଗର ଥାନା ପୁଲିସ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରିବ । କିନ୍ତୁ ରାଜନଗର ପୁଲିସ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରିବା ବଦଳରେ ମୃତକଙ୍କ ଘର ତାଳଚୁଆ ସାମୁଦ୍ରିକ ଥାନା ଅଂଚଳରେ ହୋଇଥିବାରୁ ସେଠାକୁ ଯିବାକୁ କହି ଥାନାରୁ ତଡି ଦେଇଥିଲେ । ଗୋଟିଏ ୪ ବର୍ଷର ଶିଶୁର ଶବ ପରିବାର ଲୋକେ ଧରି ୪୦ କିମି ଦୂର ସାମୁଦ୍ରିକ ଥାନାକୁ ଯାଇ ଏତଲା କରାଇଲେ । ସେହି ଅଂଚଳରେ ଥିବା ହସପିଟାଲ୍‌ରେ ବ୍ୟବଚ୍ଛେଦର ସୁବିଧା ନଥିବାରୁ ଏତଲା ରୁଜୁ ପରେ ପୁଣି ଶବ ବ୍ୟବଚ୍ଛେଦ ପାଇଁ ୮୦ କିମି ଦୂର ଆଳି ଥାନା ଅଧିନରେ ଥିବା ମେଡିକାଲ୍‌କୁ ଶବ ବ୍ୟବଚ୍ଛେଦ କରିବା ପାଇଁ ପରିବାର ଲୋକେ ଯାଇଥିଲେ । ଜିଲ୍ଲାରେ ଆଳି ହସପିଟାଲକୁ ମିଶାଇ ମାତ୍ର ଦୁଇଟି ହସପିଟାଲରେ ବ୍ୟବଚ୍ଛେଦ କରାଯାଏ । ଏଠି ୪ ବର୍ଷର ଝିଅର ଚିକିତ୍ସା ନମିଳିବାରୁ ମୃତ୍ୟୁ ହେବା ଓ ଏ ଥାନାରୁ ସେ ଥାନାକୁ ଦୌଡିବା କେତେ ଯେ ଯନ୍ତ୍ରଣାଦାୟକ, ଏକଥା କୋମଳମତି ଝିଅର ଶବ ଧରି ନିଜେ ଶବ ପାଲଟିଥିବା ବାପାଙ୍କଠାରୁ ଅଧିକ କେହି ବୋଧହୁଏ ବୁଝିପାରିବେ ନାହିଁ ।

ସମାନ ଧରଣର ଆଉ ଏକ ଘଟଣା ତେଲେଙ୍ଗାନାର ହାଇଦରାବାଦରେ ଘଟିଛି । ୨୦୧୯ ନଭେମ୍ବର ୨୭ ତାରିଖରେ ପ୍ରାଣୀ ଚିକିତ୍ସକ ରାତିରେ ଘରକୁ ଫେରୁଥିବା ବେଳେ ତାଙ୍କୁ ରାସ୍ତାରୁ ଅପହରଣ ଓ ଗଣଦୁଷ୍କର୍ମ କରି ଜାଳି ଦିଆଗଲା । ସେଦିନ ରାତି ପ୍ରାୟ ୧୦ଟା ବେଳେ ସାନ ଭଉଣୀଙ୍କ ସହିତ ଶେଷ ଥର ପାଇଁ ଫୋନରେ ଯୋଗାଯୋଗ କରିଥିଲେ । ଟୋଣ୍ଡାପାଲ୍ଲି ଟୋଲ ପ୍ଲାଜା ନିକଟରେ ପ୍ରାଣୀ ଚିକିତ୍ସକ ଥିବା ଶେଷ ଥର ତାଙ୍କ ଭଉଣୀଙ୍କୁ କହିଥିଲେ । ପରେ ସାନ ଭଉଣୀ ଯୋଗାଯୋଗ କରିଥିଲେ ମଧ୍ୟ ସମ୍ଭବପର ହୋଇନଥିଲା । ପ୍ରଥମେ ଆରଜିଏଆଇ ଥାନାକୁ ଯାଇ ଘଟଣା ସମ୍ପର୍କରେ ଜଣାଇଥିଲେ । କିନ୍ତୁ ଟୋଲ୍ ପ୍ଲାଜା ଉକ୍ତ ଥାନା ଅଂଚଳରେ ଆସୁନଥିବାରୁ ଅଭିଯୋଗ ପତ୍ର ଗ୍ରହଣ କଲା ନାହିଁ ପୁଲିସ । ଟୋଲପ୍ଲାଜା ଆସୁଥିବା ସାମସାବାଦ ଥାନାକୁ ଯାଇ ଅଭିଯୋଗ କରିଥିଲେ । ଏ ଥାନାରୁ ସେ ଥାନାକୁ ଦୌଡି ଏତଲା ଦେଲା ବେଳକୁ ଅସାମାଜିକ ଲୋକମାନେ ବିଳମ୍ବିତ ରାତିରେ ଡାକ୍ତରାଣୀଙ୍କୁ ଗଣଦୁଷ୍କର୍ମ କରି ଜାଳି ଦେଇଥିଲେ । ହୁଏତ ଆରଜିଏଆଇ ଥାନା ପୁଲିସ ଏତଲା ଗ୍ରହଣ କରି ସାମସାବାଦ ଥାନାକୁ ଖବର ଦେଇଥିଲେ ପୁଲିସ ତୁରନ୍ତ ଖୋଜାଖୋଜି ଆରମ୍ଭ କରିଥାନ୍ତା । ଡାକ୍ତରାଣୀଙ୍କ ମୋବାଇଲ ନମ୍ବର ଟ୍ରାକ୍ କରି ଶେଷ ଲୋକସେନ୍ ଠାବ କରିପାରିଥାନ୍ତା । ତାଙ୍କ ମୋବାଇଲ ଆଖପାଖରେ ଆଉ କେଉଁ ମୋବାଇଲ୍ ଆକ୍ଟିଭ୍ ଥିଲା, ତାକୁ ଠାବ କରି ପୁଲିସ ହତ୍ୟାକାରୀଙ୍କ ନିକଟରେ ପହଂଚିବାର ଯାନ୍ତ୍ରୀକ କୌଶଳ ରହିଛି । ଏସବୁକୁ ପୁଲିସ ସହଜରେ ବ୍ୟବହାର କରିପାରିଥାନ୍ତା । କିନ୍ତୁ ପୁଲିସ ସେଭଳି କିଛି କରିବାକୁ ଉଚିତ ମନେ କଲା ନାହିଁ । ସତେଯେମିତି ଗଣଧର୍ଷଣ ଓ ପୋଡି ମାରିବା ପାଇଁ ସେଦିନ ରାତିରେ ପୁଲିସ ସେମାନଙ୍କୁ ଖୋଲା ଛାଡିଦେଇଥିଲା । କେନ୍ଦ୍ରାପଡାରେ ଜଣେ ବାପା ଶବ ଧରି ୧୨୦ କିମି ଯିବା କିମ୍ବା ହାଇଦ୍ରାବାଦରେ ପୁଲିସ ଅଭିଯୋଗ ନଶୁଣିବା ପାଇଁ କି ପ୍ରକାର ଦଣ୍ଡ ଅଛି ? ଏ ପ୍ରଶ୍ନ ଉଭୟ ରାଜ୍ୟର ପୁଲିସ ବିଭାଗରେ ସବୁଠାରୁ ଉଚ୍ଚ ପଦବିରେ ଥିବା ସାହେବଙ୍କ ପାଇଁ ଛାଡିଯାଉଛି । ଠାକୁରେ କରନ୍ତୁ, ସାହାଯ୍ୟ ପାଇଁ ବିକଳ ହେଉଥିବା ଲୋକଗୁଡାଙ୍କର ପୁଞ୍ଜୀଭୂତ ରାଗ ଭବିଷ୍ୟତରେ ଅଭିଶାପ ହେଇ ଦାରୋଗା ବାବୁଙ୍କ ପରିବାର ଉପରେ ନପଡୁ ! ପୃଥିବୀ ଘୁରୁଛି ଯେ !

*ଯାଜପୁର*
*ଦୂରଭାଷ: ୭୮୯୪୦୮୫୩୫୩*

**ଆର୍ଜବମ (ନମ୍ରତା) –**

ବ୍ୟକ୍ତି ଯେତେବେଳେ କପଟ ଅଥବା କୁଟିଳ ବ୍ୟବହାର କରିଥାଏ ସେତେବେଳେ ସେହି ଅସତ୍ୟ ଛଳ କପଟକୁ ଢାଙ୍କିବା ପାଇଁ ଅଗଣିତ ମିଥ୍ୟାର ଆଶ୍ରୟ ନେବା ପାଇଁ ବାଧ ହୋଇଥାଏ। ଥରେ ଜଣେ ପୋଲିସ ଅଧିକାରୀ ସ୍ୱାମିଜୀଙ୍କୁ କହିଲେ କିଏ ସତ କହୁଛି କିଏ ମିଥ୍ୟା କହୁଛି ଏହା ତୁରନ୍ତ ଜାଣି ହୋଇଥାଏ। ଯେ ସତ କହିଥାଏ ତା'ର ବୟାନ ପାଞ୍ଚମିନିଟ୍‌ରେ ସରିଯାଇଥାଏ ଆଉ ମିଛ କହିବା ବାଲା ବୁଲେଇ ବଙ୍କେଇ ସେ କଥାକୁ ଘଣ୍ଟା ନେଇଥାଏ। ସରଳତା ବହୁତ ବଡ ଗୁଣ ଅଟେ। ବଡ ତୋଫାନ ସମୟରେ ଆମ୍ବ ଗଛର କ୍ଷତି ହୋଇ ନଥାଏ। ୟୁକେଲ ପଟାସ ଗଛ ଭାଙ୍ଗି ପଡିଥାଏ। ମରିବା ପର୍ଯ୍ୟନ୍ତ ଜିଭ ରହିଥାଏ କିନ୍ତୁ ଦାନ୍ତ ସବୁ ଭାଙ୍ଗି ଯାଇଥାଏ। ତେଣୁ ସଦୈବ ସରଳ ରହିବା ଉଚିତ୍। ଦମ୍ଭ, ଦର୍ପ, ଜିଦି କେବେ ନ ରଖିବା ଭଲ। ଦମ୍ଭୀ, ଛଳକପଟ ବ୍ୟକ୍ତି ହିଁ ଆଡମ୍ବର ଦେଖାଇଥାଏ। ଜଣେ ସଂସ୍କୃତ ବିଦ୍ୱାନ କହିଛନ୍ତି- 'ଅଜାଯୁଦ୍ଧେ ଋଷି ଶ୍ରାଦ୍ଧେ ପ୍ରଭାତେ ମେଘାଡମ୍ବରମ। ଦମ୍ପତ୍ତି କଳହୌଶ୍ରେବ ବହୁ ଆଡମ୍ବର ଲଘୁକ୍ରିୟା'। ଅର୍ଥାତ୍ ସାମନା ସାମନି ହୋଇ ମୁଣ୍ଡ ଲଢ଼ାଇ କରୁଥିବା ଦୁଇଟି ଛେଳିଙ୍କୁ ଦେଖି ବୁଝିବା ଜରୁରୀ ନୁହେଁ କି ସେମାନେ ଯୁଦ୍ଧରେ ପାରଙ୍ଗମ କିମ୍ବା ଜଣେ ଅନ୍ୟକୁ ହରାଇବା ପାଇଁ ଲଢ଼ାଇ କରୁଛନ୍ତି। ସେଭଳି ଋଷି ମାନଙ୍କର ଶ୍ରାଦ୍ଧରେ ଝାଡୁ ଲଗାଅ, ପୋଛା ମାର, ଗଙ୍ଗାଜଳ ଛାଟ ଗେରୁରଙ୍ଗ ପଟି ଲଗାଅ, କଦଳୀ ପତ୍ର ରଖ, ଆମ୍ବ ପତ୍ର, ଦୂବ ଲାଲ, ହଳଦୀ, ଧଳା ଫୁଲ ଓ ବସ୍ତ୍ର, ଚନ୍ଦନ, କେଶର ଇତ୍ୟାଦି କେତେ ବିଧିର ତାଲିକା କିନ୍ତୁ ଶାସ୍ତ୍ରୋକ୍ତ ବିଧି କମ ତେବେ କୌଣସି ଲାଭ ନାହିଁ। ବୁଝିବା ଉଚିତ ନୁହେଁ କି ବହୁତ ବଡ ଋଷି ଶ୍ରାଦ୍ଧ ଚାଲିଛି। ନିରାଡମ୍ବର ଓ ସରଳ ହେବାକୁ ପ୍ରୟାସ କରିବା ଉଚିତ୍।



ମୂଳ ଗୁଜୁରାଟୀ- ସ୍ୱାମୀ ଶ୍ରୀ ଆଧାମ୍ନାନନ୍ଦ ସରସ୍ୱତୀ ମହାରାଜ

## ଦୈବୀ ସମ୍ପଦା

ଅନୁବାଦ- ଉପାଳୀ ଦାଶ



ପାହାଡିଆ ରାସ୍ତାରେ ଗାଡି ଚଳାଇବା ବହୁ କଷ୍ଟ। କାରଣ ଉଚ୍ଚ, ନିଚ୍ଚ, ଗୋଡି, ପଥରରେ ଗାଡି ଭଲ ଭାବେ ଯାଇପାରେନାହିଁ। ସିଧା ରାସ୍ତାରେ ଗାଡି ଦ୍ରୁତ ଗତିରେ ସହଜରେ ଚଳାଇ ହୋଇଥାଏ। ଠିକ୍ ଏଭଳି ଆମ ଜୀବନର ଗତିପଥ। ଆମେ ଯଦି ଜୀବନରେ କହିବା ଓ କରିବାରେ ଏବଂ ବିଚାରଧାରାରେ ସିଧା ଓ ସରଳ ହେବା ତେବେ ଆମ ଜୀବନ ସୁଖମୟ ହୋଇପାରିବ। ଯେଉଁମାନଙ୍କ ଜୀବନ ଯେତେ ସରଳ ସେମାନଙ୍କର ଆଧାତ୍ମିକ ଉନ୍ନତି ସେତେ ଅଧିକ। ଯେଉଁମାନେ ଜଟିଳ ଓ ଗୋଳମାଳ କରନ୍ତି ବୁଢ଼ିଆଣୀ ଭଳି ନିଜ ଜାଲରେ ନିଜେ ଛନ୍ଦି ହୋଇଥାନ୍ତି। ତେଣୁ ବାଳକ ପରି ସରଳ ହୁଅ। ହଁ ମନେ ରଖିବା ଉଚିତ ଯେ ବାଳକ ପରି ମନକୁ ସରଳ ରଖିବି କିନ୍ତୁ ବାଳକ ପଣିଆ ଦେଖାଇବି ନାହିଁ।

(କ୍ରମଶଃ)

# କାଷ୍ଟ ସାର୍ଟିଫିକେଟ

**ବିନୟ ଭୂଷଣ ପାଣିଗ୍ରାହୀ**






ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ପଦ ପାଇଁ ମୌଖିକ ପରୀକ୍ଷା ନିମନ୍ତେ ସାକ୍ଷାତକାର ଆରମ୍ଭ ହେଲା ସାଢ଼େ ଦଶଟାରେ। ଖାଲିଥିବା ପଦବୀ ସଂଖ୍ୟା ଷାଠିଏ। ଲିଖିତ ପରୀକ୍ଷାରେ କୃତକାର୍ଯ୍ୟ ପ୍ରାର୍ଥୀ ଓ ପ୍ରାର୍ଥୀନୀଙ୍କ ସଂଖ୍ୟା ମିଶି ଶହେ କୋଡିଏ। ହଲ ବାହାରର ସୀମିତ ଛିଡା ହେବାକୁ ଜାଗା ମିଳିବା ସହଜ ନଥିଲେ ମଧ୍ୟ ଛିଡାହୋଇ ରହିବାକୁ ବାଧ୍ୟ ଥିଲା ରାକେଶ। ଇଣ୍ଟରଭ୍ୟୁ ହଲ ସାମ୍ନା ନୋଟିସ ବୋର୍ଡରେ ଲାଗିଥିବା ପ୍ରାର୍ଥୀ ତାଲିକା ଅନୁଯାୟୀ ତିନିଜଣଙ୍କ ପରେ ଚତୁର୍ଥରେ ନାଁ ଥିଲା ତାର। ଲିଖିତ ପରୀକ୍ଷାରେ ଅଶୀ ପ୍ରତିଶତ ମାର୍କ ରଖିଥିବା ରାକେଶ ପଣ୍ଡା ମାଟ୍ରିକ ଓ ଯୁକ୍ତ ଦୁଇ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେବା ସହିତ ସାର୍ଟିଫାଏଡ ଟିଚରସ ଟ୍ରେନିଂ ପରୀକ୍ଷାରେ ଅଲ ଓଡ଼ିଶା ଟପ୍ପର ଥିଲା। ଇଣ୍ଟରଭ୍ୟୁକୁ ଆସିବା ପୂର୍ବରୁ ସେ ନିଜକୁ ସଫଳତା ପାଇଁ ଏକ ପ୍ରକାର ଅଗ୍ରୀମ ବଧାଇ ଜଣେଇ ଦେଇ ସାରିଥିଲା। ଦିନ ଦୁଇଟାରେ ପରୀକ୍ଷକ ମାନଙ୍କ ପାଇଁ ମଧ୍ୟାହ୍ନ ଭୋଜନ ବିରତି ହେଲା ବେଳକୁ ଅଶି ନମ୍ବର ପ୍ରାର୍ଥୀର ଇଣ୍ଟରଭ୍ୟୁ ସରିଥିଲା। ଅଶି ନମ୍ବର ପିଲା ହଲକୁ ଡକାଯିବା ଭିତରେ କେବଳ ରାକେଶ ନୁହେଁ, ଅଶି ନମ୍ବର ପୂର୍ବରୁ ନାମ ଥିବା ଆଉ ଚାରି ପାଞ୍ଚଜଣ ପିଲାଙ୍କୁ ମଧ୍ୟ ଡକାଯାଇ ନଥିଲା। ତେଣୁ ରାକେଶ ବ୍ୟସ୍ତ ହେଉଥିଲା ମାତ୍ର ହତୋତ୍ସାହିତ ହେଇ ନଥିଲା। ଅଶି ନମ୍ବର କ୍ୟାଣ୍ଡିଡେଟ୍ ହଲରୁ ବାହାରିବା ପରେ ଅତ୍ୟନ୍ତ ପ୍ରସନ୍ନଚିତ୍ତ ଥିବା ଦେଖି ରାକେଶ ତା ପାଖକୁ ଯାଇ ବଡ ଆଗ୍ରହର ସହ ପଚାରିଲା, ଇଣ୍ଟରଭ୍ୟୁ କେମିତି ହେଲା?

-ଭଲ ହେଲା।

-ସିଲେକଟେଡ ହେଇଗଲ?

-ହଁ।

-କଂଗ୍ରାଚୁଲେସନ୍ସ, ନାଁ କଣ?

-ଭଗବାନ।

-ଭଗବାନ!

-ଭଗବାନ ସେଠୀ।

-କ'ଣ ସବୁ ପଚାରିଲେ କହିବ?

-ବେଶି କିଛି ନୁହେଁ, ସାର୍ଟିଫିକେଟ୍ ଚେକ କରିବା ପରେ ନାଁ, ଗାଁ, ବାପାଙ୍କ ନାଁ ଆଉ ଇତିହାସ ଓ ସାହିତ୍ୟରୁ ଗୋଟେ ଦୁଇଟା ପ୍ରଶ୍ନ ପଚାରିଲେ। ଇଜି କ୍ୱେସଚେନ୍ସ।

-ତଥାପି...।

-ଦ୍ୱିତୀୟ ବିଶ୍ୱଯୁଦ୍ଧ କେତେ ମସିହାରେ ହୋଇଥିଲା? ମୋତେ କହିବାକୁ ପଡିଲାନି, ସିଏ ନିଜେ ହିଁ କହିଦେଲେ।

-ସେ ନିଜେ କହିଦେଲେ! ତା'ହେଲେ ତ ତମେ ସିଲେକ୍ଟ ହେଇ ନଥିବ।

-ମୁଁ ଏସ୍‌ସି କ୍ୟାଣ୍ଡିଡେଟ୍, ମିନିଷ୍ଟରଙ୍କ ରେଫରେନ୍ସ ମଧ୍ୟ ଅଛି, ରେଜିଷ୍ଟରରେ ଖାଲି ସାଇନ କରିବାକୁ ଥିଲା। ତମର ହେଲା ନା ନାହିଁ?

-ନାଁ, ମୁଁ ଭିତରକୁ ଯାଇନାହିଁ, ଯିବି।

-ସିରିଏଲ୍?

-ଫୋର।

-ଲେଟରେ ଆସି ପହଞ୍ଚିଲ କି?

-ନା, ସମସ୍ତଙ୍କ ଆଗରୁ ଆସିଛି ହେଲେ ମୋ ନାଁ ଡକା ଯାଇନାହିଁ, ଅପେକ୍ଷା କରୁଛି।

-ତା'ହେଲେ ତମେ ସ୍କ୍ରୁଟିନିରେ କଟି ସାରିଛି, ଅପେକ୍ଷା କରି ଲାଭ ନାହିଁ। ପଚାରି ଦେଇ ଘରକୁ ପଳେଇ ଯିବା ଠିକ ହେବ। ମୁଁ ଆସୁଛି।

ଅନ୍ୟ ପିଲାମାନେ ଟିଫିନ କରିବା ପାଇଁ କିଏ କୁଆଡେ ଚାଲି ଯାଇଥିଲେ। ରାକେଶ କାଉଣ୍ଟର ପାଖକୁ ଯାଇ ଭିତରକୁ ଉଣ୍ଡିଲା। ପିଅନ ପଚାରିଲା, କ'ଣ ହେଲା? ଲଞ୍ଚ ଆୱାର ପରେ ଆସ।

-ଭାଇ, ମୋ ନାଁ ସିରିଏଲ ଚାରିରେ ଥିଲା। ପ୍ରଥମେ ଆସିଥିଲି, ଏଯାଏ ମୋ ପାଳି ପଡିନାହିଁ। ଟିକେ ଦେଖିବେ ପ୍ଲିଜ୍।

ରେଜିଷ୍ଟର ଓଲଟେଇ ଦେଖି ସାରିଲା ପରେ ପିଅନ କହିଲେ, ତମେ ତ ଡିସ୍‌କ୍ୱାଲିଫାଏଡ ହେଇ ସାରିଛି।

-ହେଲେ ମୁଁ ତ ଇଣ୍ଟରଭ୍ୟୁ ଦେଇନାହିଁ ଏପର୍ଯ୍ୟନ୍ତ! ଫାଷ୍ଟକ୍ଲାସ କ୍ୟାରିୟର, ସି.ଟି. ଟପ୍ପର। ରିଟେନ ପରୀକ୍ଷାରେ ଅଶୀ ପ୍ରତିଶତ ସ୍କୋର କରିଛି।

-ଆରେ ବାବୁ, ମାଷ୍ଟର ଚାକିରି କରିବା ଏତେ ସହଜ କଥା ନୁହେଁ। ମାର୍କରୁ କ'ଣ ମିଳିବ? ଜେନେରାଲ କାଷ୍ଟ, ରିଜରଭେସନ ନାହିଁ, ରେଫେରେନ୍ସ ନାହିଁ, କିଛି ନାହିଁ କହୁଛ କ'ଣ ନା ମାଷ୍ଟର ହେବ। ଚାଲ ଭାଇ ଚାଲ, ତମ ପାଇଁ ମୁଁ ପୁଣି ଅଡୁଆରେ ପଡିବି। ରାକେଶ

ବାରଣ୍ଡା ଦଳକୁ ଓହ୍ଲେଇ ଗେଟ ବାହାରକୁ ଆସିଲଣ ବେଳେ ମନକୁ ମନ କହିଲା, ଆରେ ସତରେ ତ, ମୋର କାଷ୍ଟ ସାର୍ଟିଫିକେଟ୍ କାହିଁ? ଉଇଦାଉଟ ଏ କାଷ୍ଟ ସାର୍ଟିଫିକେଟ୍ ହାଓ ଆଇ କାନ ବି ଏ ଟିଚର।

*ହରସିଂହପୁର, ପିରହାଟ ବଜାର, ଭଦ୍ରକ*
*ଦୂରଭାଷ : ୯୯୩୭୫୪୮୧୩୧*

# ନୂଆବର୍ଷ

**କମଳ ମହାନ୍ତି**





ଏ ବେଳାରେ ଆଉ ଆସନାହିଁ ନୂଆବର୍ଷ
ଏଠି ସମ୍ପର୍କ ସବୁ ଏକ ଘରକିଆ
ବନ୍ଧୁତାର ଭାବଡୋର ନହନହକା
ପ୍ରେମର ଆରୋହ ଅବରୋହରେ
ହିଂସ୍ରତାର କଳା ଭଉଁରୀ
ସୁଖ ଆଉ ହସଖୁସିର ବସାଘରେ
ମସ୍ତବଡ଼ ଗୋଟେ ତାଲା ଝୁଲୁଛି
ପଡୋଶୀ ଘରେ ପୋଡପିଠା ଖିରିପୁରି,
ମୋ' ଘରେ ଈର୍ଷାଳୁ ସକାଳଟା
ଡୋଲୁଛି ପାଚେରୀ।

ହସିବା ଆଉ ଖୁସି ମନାଇବାକୁ ବି
କାତର ବନ୍ଧୁପରିଜନ, ଅଫିସ୍ ଦପ୍ତର
କିନ୍ତୁ ବର୍ଷପାଳିବାର ଆୟୋଜନ ରହିଛି ଜାରି
ଚା' ଦୋକାନ ଚୁଲି ଉପରେ ମୁହଁ ଶୁଖେଇ ବସିଛନ୍ତି
ଆଲୁମିନିୟମର ଅଇଁଠା କେଟଲି ଓ କପ୍
ଆଜିପରା ଅଲଗା କିଛି ପାନୀୟ
ପିଇବାରେ ଅଛି ବାହାଦୁରୀ
ଛକରେ ବାସିଫୁଲର ମହକ ବାଣ୍ଟୁଛି ମାଳି
ତାକୁ ମହର୍ଗରେ କିଣି ଆଘ୍ରାଣ ନେଉଛି ଗରାଖ
କ୍ଲବ ଘରେ ଅଳସ ଭାଙ୍ଗୁଛି ଗୋଟିଏ
ମଦିରାମସ୍ତ ସକାଳ।

ବାହାରେ କୋଳାହଳ ଆଉ ନାରାବାଜିରେ
ହୁଲସ୍ଥୁଲ ରାସ୍ତାଘାଟ, ସମ୍ମିଳନୀ କକ୍ଷ
ଏଣେ ମନ ଚାହୁଁଛି ଫୁଲତୋଡା ଦେଇ କାଟିଦେବ
ପୁରୁଣା ଗୁମାନ, ମାନ ମନାନ୍ତର
ଅଣାୟତ୍ତ କ୍ରୋଧ, ଅଭିମାନକୁ ବିସ୍ମୃତିରେ
କବର ଦେଇ ପାଳିବ ନୂଆବର୍ଷ।

କେଉଁଠି ଅହଂକାରର ପର୍ବ ପାଳିବାରେ
ପ୍ରସ୍ତୁତି ଅସୁମାରି
କେଉଁଠି ଖିଆଲି ତାରୁଣ୍ୟର ଧା' ଦଉଡରେ
ଗହଳଚହଳ ଜାରି।

ମୁଁ କିନ୍ତୁ ପୁରୁଣା ବର୍ଷରେ
ଯେମିତି ଥିଲି
ଅବିକଳ ସେମିତି ଅଛି
ଏବେ ବି ରଚନା ରଚୁଛି ବିବିଧ
ଦୃଶ୍ୟ ଓ ଦର୍ଶନର ଆଇନା ଧରି
ମୋ' ସାଦା କାଗଜ ଉପରେ
ଶବ୍ଦ ଓ ଭାବ ଚରି ଯାଉଚନ୍ତି ଆଗପରି।

*ଆରସା, ଭଦ୍ରକ*
*ଦୂରଭାଷ : ୮୨୪୯୩୩୬୫୮୭*

# ପ୍ଲାଷ୍ଟିକ୍ ବ୍ୟାନ

**ରଞ୍ଜନ ମିଶ୍ର**





ପିଲାଦିନୁ ଧନଟା ଭାରି ଜିଦିଆ। ଯାହା ସେ କହିବ, ପାଇଗଲା ତ ଭଲ ନହେଲେ ଭଙ୍ଗାରୁଜା, ଗଣ୍ଡଗୋଳ ଆରମ୍ଭ କରିଦେବ। ଆଜି ସକାଳୁ ଜିଦ୍ଦି କରିଛି ବାପାଙ୍କ ଠାରୁ ପାଞ୍ଚ ଟଙ୍କା ନେଇ ବୁଲୁ ଦୋକାନରୁ ମୋଟୁ ପତଲୁ କୁରୁକୁରା ଖାଇବ। ଯେତେ ବୁଝେଇଲେ ବି ଫଳ ଶୁନ୍। ବାଧ୍ୟ ହୋଇ ଧନଞ୍ଜୟ ପକେଟରୁ ପାଞ୍ଚ ଟଙ୍କା ବାହାର କରିଦେଲେ। ମହାଆନନ୍ଦରେ ଧନ ଚାଲିଲା କୁରୁକୁରା ଆଣିବା ପାଇଁ। ଧନଞ୍ଜୟ ବି ଗାଧୋଇ ଅଫିସ୍ ଯିବା ପାଇଁ ପ୍ରସ୍ତୁତ ହେଉଥାନ୍ତି।

ହଠାତ୍ କିଛି ସମୟ ପରେ ଧନ ଦୌଡି ଦୌଡି ଆସି ଘରେ ପହଞ୍ଚି କହିଲା- " ବାପା ବୁଲୁ ଦୋକାନ ଆଗରେ ଅନେକ ସରକାରୀ କର୍ମଚାରୀମାନେ ଛିଡା ହୋଇଛନ୍ତି। ତା ଦୋକାନରେ ଥିବା ସମସ୍ତ ପ୍ରକାର ଥରେ ବ୍ୟବହାର କରାଯାଉଥିବା ପ୍ଲାଷ୍ଟିକ୍ ଯଥା: ପଲିଥିନି, ପ୍ଲାଷ୍ଟିକ୍ ଥାଳି, ଦୁନା, ପ୍ଲେଟ୍, ଷ୍ଟ୍ର, ଚାମଚ, ପାଣି ବୋତଲ, ପାଉଚ୍ ଇତ୍ୟାଦିକୁ ସିଜ୍ କରିଛନ୍ତି। ମୁଁ ଏହା ଦେଖି ଦଉଡି ପଳାଇଆସିଲି। ବାପା ପ୍ଲାଷ୍ଟିକ୍ କୁ କ'ଣ ପାଇଁ ବ୍ୟାନ କରାଯାଇଛି?"

ଧନଞ୍ଜୟ ପୁଅକୁ ପାଖକୁ ଡାକି କୋଳରେ ବସାଇ କହିଲେ- " ବୁଝିଲ ବାବା ଏହି ପ୍ଲାଷ୍ଟିକ୍ ସାମଗ୍ରୀ ଗୁଡିକ ପେଟ୍ରୋଲିୟମ ଆଧାରିତ ଉତ୍ପାଦ ଅଟେ। ଏହାର ଉତ୍ପାଦନରେ ବହୁତ କମ ଖର୍ଚ୍ଚ ହୋଇଥାଏ। ଏଥିପାଇଁ ପ୍ରତ୍ୟେକଦିନ ବେପାର ଓ କଳକାରଖାନାରେ ଏହା ବହୁଳ ବ୍ୟବହାର ହୋଇଥାଏ। ଏହିଭଳି ପ୍ଲାଷ୍ଟିକ୍ ଭିତରେ ଯେଉଁ ରାସାୟନ ଥାଏ ତାହାର ପ୍ରଭାବରେ ପରିବେଶ ଏବଂ ମନୁଷ୍ୟ ଉପରେ ବହୁତ ଖରାପ ପ୍ରଭାବ ପଡିଥାଏ। ଏହି ପ୍ଲାଷ୍ଟିକ୍ ମାଟିର ଉର୍ବରତା କମାଇଦିଏ। ଏହାର ବହୁଳ ବ୍ୟବହାର ଯୋଗୁଁ ଖତରନାକ ରୋଗ ମଧ୍ୟ ସୃଷ୍ଟି ହୋଇଥାଏ। ସେଇଥିପାଇଁପରା ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀରେ ସାରାଦେଶକୁ ପ୍ଲାଷ୍ଟିକ୍ ମୁକ୍ତ କରିବା ପାଇଁ ଯୋଜନା ହୋଇଛି। ପ୍ଲାଷ୍ଟିକ୍ ବଦଳରେ କପଡା ବ୍ୟାଗ ବ୍ୟବହାର କରିବା ପାଇଁ ଜନସଚେତନତା ମଧ୍ୟ ସୃଷ୍ଟି କରାଯାଉଛି। ଯିଏ ନିୟମ ଉଲ୍ଲଂଘନ କରିବ ତାହା ଉପରେ କଡା ଫାଇନ୍ କଟାଯିବ। ଯେମିତି ନୂଆ ମଟର ଯାନ ଆଇନ୍‌ରେ ଫାଇନ୍ କଟାଯାଉଥିଲା।"

ହାତ ଘଣ୍ଟା ଦେଖି ଅଫିସ୍ ଡେରି ହେଉଥିବାରୁ ଧନଞ୍ଜୟ ନିଜ ବାଇକ୍ ଷ୍ଟାର୍ଟ କରି ବାହାରିଲେ ଅଫିସ୍। ପୁଅକୁ ହାତହଲାଇ ବିଦାୟ ନେବାବେଳେ ପୁଅ ଘର ଭିତରୁ କହିଲା "ବାପା' ତୁମେ ଆଜି ପୁଣି ହେଲ୍‌ମେଟ୍ ନେବାକୁ ଭୁଲିଗଲ"। ଧନ ଘର ଭିତରୁ ହେଲ୍‌ମେଟ ନେଇ ବାପାଙ୍କୁ ଦେଲା। ଧନଞ୍ଜୟ ପୁଅକୁ ଗେହ୍ଲା କରି ଚାଲିଗଲେ ଅଫିସ୍।

ଧନ କିନ୍ତୁ ଏକଲୟରେ ଆକାଶକୁ ଚାହିଁ ଭାବୁଥାଏ ମଟରଯାନ ଆଇନ୍ ଏତେ କଡାକଡି ହେବା ପରେବି ଯେଉଁଠି ଲୋକମାନେ ହେଲ୍‌ମେଟ ନେବାକୁ ଭୁଲିଯାଉଛନ୍ତି। ତେବେ ନିତ୍ୟବ୍ୟବହାର ପ୍ଲାଷ୍ଟିକ୍ ବା ପଲିଥିନିକୁ କେମିତି ଛାଡିବେ? ଦେଶରେ ପ୍ଲାଷ୍ଟିକ୍ ବ୍ୟାନ ହେବା ସତ ନା ସ୍ୱପ୍ନ?

*ପୀରହାଟ ବଜାର, ଭଦ୍ରକ*
*ମୋ- ୯୪୩୭୬୯୭୨୯୨*

# କିଏ ଜଣେ ଆସୁଛି

**ସୁଧାଂଶୁ ଶେଖର ଦ୍ୱିବେଦୀ**





କିଏ ଜଣେ ଆସୁଛି ବୋଲି
ସବୁଠି ତୋରଣ, ଝାଲର ଓ
ରଙ୍ଗ-ବେରଙ୍ଗରେ ସଜିଲ
ସମସ୍ତଙ୍କଠି ତତ୍ପରତା
ସବୁଠି ଏକ ନିଆରା ଚରିତ୍ରର ପରିଚୟ
ଆଉ ଚରିତ୍ରମାନଙ୍କର
ଅଧର୍ମ-ଅତ୍ୟାଚାର
ଭଲ-ଖରାପର ଅନ୍ତେଷ୍ଟିକ୍ରିୟା।
ହୁଏତ କିଛି ସମୟର ବ୍ୟବଧାନ
ପୁଣି କୁଆଁ-କୁଆଁ ଶବ୍ଦ
ଏନ୍ତୁଡ଼ିଶାଳର ପ୍ରାରମ୍ଭ।
ସୁନା ରଙ୍ଗ ସୂର୍ଯ୍ୟରେ,
ନୀଳ ଆକାଶ ଚନ୍ଦ୍ରରେ,
ସାତରଙ୍ଗ ଫୁଲ ସମ୍ଭାରରେ,
ଥରଥର ଶୀତ ରାତିରେ,
କାକର ଭିଜା ଘାସ ଗାଲିଚାରେ
ଓ
ନିଜ ହୃଦକନ୍ଦରରେ
ଏମିତିକି
କୀଟରୁ ପତଙ୍ଗ
ଜୀବରୁ ଜଗତ
ଭୂମିରୁ ଭୂମା
ସଚରାଚର ଶୁଭୁଛି
ସେଇ ଗୋଟିଏ ଶବ୍ଦ
କିଏ ଜଣେ ଆସୁଛି!
କିଏ ଜଣେ ଆସୁଛି!
କିଏ ଜଣେ ଆସୁଛି!

*ବିସି-୭୪, ସେକ୍ଟର-୧*
*ସଲଟ ଲେକ, କୋଲକାତା-୬୪*

# ଜେଜୀ

**ବିକେଶ ସାହୁ**







ମୁହଁରେ ବୟସର ଦାଗ
ଦେଇ ସାରିଲାଣି ସମୟ।

ଏବେ ଆଉ ସେ ଆଗ ଭଳି
ଧରାକୁ ସରାମଣୁନି
କି ଘରଟଶରେ ନିଜର ମୁରବୀପଣ
ସାବ୍ୟସ୍ତ କରିପାରୁନି।

ସମୟ ଯେତକ ଦେଇଥିଲା
ସେତକ ଏବେ ସେ ନେଇ ସାରିଲାଣି।

ଏବେ ସେ ଆଉ ଆଗଭଳି ନାହିଁ
ତା ଦେହର ମାଂସପେଶୀ ସବୁ ଶଙ୍କୁଡି ଗଲାଣି
ମୁଣ୍ଡର ବାଳ ସବୁ ପାଚି ଗଲାଣି
ଠିକ୍‌ରେ ଆଉ ସେ ଆଗଭଳି ଚାଲିବି ପାରୁନି।

ତଥାପି ଏଯାଏଁ ମରିନି ତା' ମନର ସରାଗ
ସମସ୍ତଙ୍କୁ ଆପଣେଇ ନେବାର
ଗୋଟେ ନିଆରା ନିରୁତା ଭାବ।

ଆଜି ବି ତା' ହୃଦୟରେ ଭରପୁର
ସମୁଦ୍ରେ ସ୍ନେହ
ଆଉ ଆକାଶ ପରି ଅସୀମ ମମତ୍ୱ।

ଆଉ କାହା ପାଇଁ
ସେ ହେଇପାରେ ଶୂନ୍ୟହସ୍ତ
ହେଲେ ମୋ ପାଇଁ
ସେ ଗୋଟେ ଅଯାଚିତ କଳ୍ପବୃକ୍ଷ
ଯିଏ ସବୁଥର ତା'ପଣତ ଉହାଡୁ
ବଢ଼େଇ ଦେଇଛି
ମୋ କଳ୍ପିତ ଇପ୍ସିତ।

ଜେଜୀ ମୋ ପାଇଁ
ମୋ ହୃଦୟରେ ବିରାଜିତ
ସ୍ନେହ ଆଉ ମମତାର ଭିନ୍ନ ଏକ ଦେବୀ ରୂପ।

*ସ୍ନାତକୋତ୍ତର ଓଡ଼ିଆ ବିଭାଗ*
*ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ*
*ଦୂରଭାଷ : ୯୩୩୭୧୬୬୧୭୨*

# ସମ୍ପର୍କର କେଇ ପଦ

**ସଞ୍ଜୀବ କୁମାର ଦାସ**



ଏଠି ସମ୍ପର୍କକୁ ନେଇ ନିତି ଚାଲେ କଥା କଟାକଟି,
କିଏ କେତେ କାହାକୁ ଦେଇଛି ନିକିତିରେ ତଉଲାଯାଏ ମଣିଷପଣିଆ।
ସେ ସମ୍ପର୍କ ରକତର ହୋଇଥିଲେ ବି ଏ ନିଉଛୁଣା ମଣିଷଟା କାହିଁକି କେଜାଣି
ଅଡିବସେ ସବୁ ସେ ହିଁ କରିଛି।

ଦୁରାରୋଗ୍ୟ କର୍କଟରେ ଜର୍ଜରିତ ଭାଇଟି ତାକୁ କିଛି ମାଗିବାକୁ ଚାହୁଁନଥିଲେ ବି
ସେ ଇତଃସ୍ତତଃ ନଜର ପକାଏ ତାକୁ
ଯିଏ ତାର ଅତି ଆପଣାର,
ଏକ ମା ଉଦରରୁ ଭୂମିଷ୍ଠ ସେମାନେ।

ସବୁ କାମ ତାର ଏଯାଏ ସରିନି
ବାକି କେତେ କ'ଅଣ!
ସାରିବ କିଏ ତାର ରହିଯାଇଥିବା କାମ?
ସେ ତା ବୁଝିପାରେନା।
ବୁଝିବାକୁ ଆଉ ସମୟ ଅଛି ଯେ?
ନିଷ୍ପ୍ରଭ ନୟନଯୁଗଳ ତା'ର ଦେଉଛି ସଂକେତ
'ମୋ ପରେ ସାଉଁଟିଥିବା ଏ କୁନିଟିକୁ
କେହି କରିବେନି ହତାଦର'।

ମୁଁ ବୁଝିଥିଲି ଏକ ଝଟକାରେ
ସବୁ କଥା, କାରଣ,
ଲହୁର କଥା ଲୁହ ଠିକ କହେ।
ରକତର କଥା ରକତ ବୁଝେ।
ଯାହା ସେ କରିଛି ଏଣୁତେଣୁ ଯଦି
ପ୍ରାୟଶ୍ଚିତ କରିବ ସିଏ,
ଏଠି ନୁହେଁ, ଆରପାରିରେ।
ହେଲେ ଦେବାନେବାରେ
ତୌଲତଉଲି କ'ଅଣ ସେ ଦେଖିପାରିବ?

*ସିଡିଏ, କଟକ-୭୫୩୦୧୪*









**ସାନ୍‌ଭି ସାହୁ**
ଷ୍ଟାଣ୍ଡାର୍ଡ- ୩
କେମ୍ବ୍ରିଜ୍ ସ୍କୁଲ, ମୁମ୍ବାଇ





**ଆୟୁଶୀ ଶ୍ରୀଚନ୍ଦନ**
ଷ୍ଟାଣ୍ଡାର୍ଡ-୫
କେନ୍ଦ୍ରୀୟ ବିଦ୍ୟାଳୟ-୪
ଭୁବନେଶ୍ୱର




# ସମସ୍ୟାଘେରରେ ଆଗରପଡ଼ା ମହିଳା କଲେଜ



**ବନ୍ତ :** ୧୯୯୨ ମସିହାରେ ପ୍ରତିଷ୍ଠିତ ଆଗରପଡ଼ା ମହିଳା କଲେଜଟି ନାନାଦି ସମସ୍ୟା ମଧ୍ୟଦେଇ ଗତି କରୁଥିଲେ ସୁଦ୍ଧା ଏହାର ସୁଧାର ଆଣିବା ପାଇଁ ପ୍ରଶାସନିକ ଅଧିକାରୀଙ୍କ ଠାରୁ ଆରମ୍ଭ କରି ଲୋକପ୍ରତିନିଧିମାନଙ୍କ ପର୍ଯ୍ୟନ୍ତ କେହି ଦୃଷ୍ଟି ନଦେବା ଦୁଃଖ ଓ ଅନୁତାପର ବିଷୟ ଅଟେ । ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଏହି କଲେଜକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ ଓ ତତ୍କାଳୀନ ବିଧାୟକ ପ୍ରଫୁଲ୍ଲ ଜେନାଙ୍କ ପ୍ରଚେଷ୍ଟାରେ ଏହା ପ୍ରତିଷ୍ଠା ହୋଇଥିଲା । କଲେଜ ପ୍ରତିଷ୍ଠା ହେବାର ଇତି ମଧ୍ୟରେ ୨୭ ବର୍ଷ ଅତିକ୍ରମ କରିଥିଲେ ସୁଦ୍ଧା ଏହି ଶିକ୍ଷାନୁଷ୍ଠାନ ପରିସରକୁ ଯିବା ପାଇଁ ଭଲ ରାସ୍ତାଟିଏ ନାହିଁ । ଏହା ପରିସରରେ ନାନଦି କଣ୍ଟା ଗୁଳ୍ମ ଗଛ ଆଦି ମୁଣ୍ଡଟେକି ଜଙ୍ଗଲ ପରିବେଶ ସୃଷ୍ଟି କରିଛି । ଏହା ମଧ୍ୟରେ ନାନାଦି କୀଟ, ସାପ ଆଦି ବିଷାକ୍ତ ଜୀବ ଛାତ୍ରୀ ଓ କର୍ମଚାରୀମାନଙ୍କ ପାଇଁ ବିପଦ ସୃଷ୍ଟି କରୁଛନ୍ତି । ଭଙ୍ଗା ପାଚେରୀ ଶୈକ୍ଷିକ ପରିବେଶକୁ ନଷ୍ଟ କରିବା ସହ ଏହା ପରିସରକୁ ବୁଲା ଗୋରୁଗାଈ ଓ ଅସାମାଜିକ ଲୋକମାନଙ୍କର ଅବାଧ ପ୍ରବେଶ ଘଟୁଛି । ସାଇକେଲ ଷ୍ଟାଣ୍ଡ ସହ ତତ୍କାଳୀନ ରାଜ୍ୟସଭା ସଦସ୍ୟ ବୈଷ୍ଣବ ପରିଡ଼ାଙ୍କ ପାଣ୍ଠିରୁ ମଂଜୁରୀ ଗୃହ ଅଧାପନ୍ତରିଆ ଅବସ୍ଥାରେ ରହିଛି । ଅନୁରୂପଭାବେ ତାଙ୍କ ଅନୁଦାନରୁ କଂପ୍ୟୁଟର ମିଳିଥିଲେ ସୁଦ୍ଧା ସେଥିପାଇଁ ଆଜି ପର୍ଯ୍ୟନ୍ତ ଲାବ(କଂପ୍ୟୁଟର) ଗୃହଟିଏ ନିର୍ମିତ ହୋଇପାରି ନାହିଁ । ଏଠାରେ କେଉଁଝର, ବାଲେଶ୍ୱର, ମୟୁରଭଂଜ ପରି ଜିଲ୍ଲା ମାନଙ୍କରୁ ଆସି ଛାତ୍ରୀମାନେ ଅଧ୍ୟୟନ କରୁଛନ୍ତି । ଛାତ୍ରୀ ନିବାସ ନଥିବାରୁ ବାହାରେ ରହି ଅଧ୍ୟୟନ କରିବାରେ ନାନାଦି ସମସ୍ୟାମାନ ସୃଷ୍ଟି ହେଉଛି । ୧୯୯୬-୯୭ ଶିକ୍ଷାବର୍ଷରେ +୨ ବିଜ୍ଞାନ ଶ୍ରେଣୀ ଓ ୧୯୯୪-୯୫ ଶିକ୍ଷାବର୍ଷରେ +୩ ଶ୍ରେଣୀ ଖୋଲିଥିଲେ ସୁଦ୍ଧା ସରକାରୀ ସ୍ତରରେ ଏହାକୁ ବନ୍ଦ କରି ଦିଆଯାଇଥିଲା । ମହିଳା କଲେଜଟିରେ ଲାଗି ରହିଥିବା ଏହିପରି ନାନାଦି ସମସ୍ୟାର ସମାଧାନ ପାଇଁ ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

# ଓଡିଶା ସିଭିଲ ସର୍ଭିସ ପରୀକ୍ଷାରେ ଜନ୍‌ଙ୍କ କୃତିତ୍ୱ



**ପାରାଦୀପ :** ଓଡିଶା ସିଭିଲ୍ ସର୍ଭିସ୍ ପରୀକ୍ଷା ଫଳ ପ୍ରକାଶିତ ହେବାପରେ କୁଜଙ୍ଗ ଅଞ୍ଚଳରେ ଖୁସିର ଲହରୀ ଖେଳି ଯାଇଛି । କୁଜଙ୍ଗ ଅନ୍ତର୍ଗତ ବାଲିଆ ଗ୍ରାମର ମାନସରଞ୍ଜନ ଦଳାଇ ଓ ରାଗିଣୀ ମହାପାତ୍ର ଙ୍କ ପୁଅ ଜନ୍ ମେଜର ଦଳାଇ ୧୩୯ତମ ସ୍ଥାନ ହାସଲ କରିଛନ୍ତି । ବିଲରେ ଚାଷ କରି ବାପା ମାନସ ପୁଅକୁ ବଡ ପୋଲିସ ଅଧିକାରୀ କରିବା ର ଲକ୍ଷ୍ୟ ରଖିଥିଲେ । ହେଲେ ଜନ ଜଣେ ସର୍ବଭାରତୀୟ ପ୍ରଶାସନିକ ଅଧିକାରୀ ପାଇଁ ଚେଷ୍ଟା କରିଥିଲେ । ଆଇଏଏସ୍ ପରୀକ୍ଷା ର ପ୍ରିଲିମିନାରୀ ରେ ସଫଳ ହୋଇ ଭାୟାବସ୍ ରେ ବିଫଳ ହୋଇ ଜନ୍ ଭାଙ୍ଗି ପଡିନଥିଲେ । ଗାଁ ସ୍କୁଲରୁ ହାଇସ୍କୁଲ ପାଠ ଶେଷ ପରେ ଜଗତସିଂହପୁର କଲେଜ ଓ ହାଇଦ୍ରାବାଦ ବିଶ୍ୱବିଦ୍ୟାଳୟରୁ ପଦାର୍ଥ ବିଜ୍ଞାନରେ ସ୍ନାତକୋତର ର ପାଠ ଶେଷ କରିଥିଲେ । ବାଲିଆ ଗାଁ ର ଏକ ନୂଆଣିଆ ଚାଳ ଘରୁ ଓଡିଶା ପ୍ରଶାସନିକ ସେବା ପରୀକ୍ଷାରେ କୃତ କାର୍ଯ୍ୟ ହାସଲ ପଛରେ ଭଉଣୀ ସଂଘମିତ୍ରା ମାମୁଁ ବିଜୟ କେତନ ମହାପାତ୍ର, ଦାଦା ଆଇନ୍‌ଜୀବୀ ତପନ କୁମାର ଦାସ ଓ ଖୁଡି ଚିନ୍ମୟୀ ମହାପାତ୍ରଙ୍କ ପ୍ରେରଣା ରହିଥିଲା । ଏହି ଖବର ପାଇ ସମାଜ ସେବୀ ତାମିଲ ପ୍ରଧାନଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ବାଲିଆରେ ପହଞ୍ଚି ଜନ୍‌ଙ୍କ ସମେତ ତାଙ୍କ ପରିବାର କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ ।

# ୫ଥର ଟେଣ୍ଡର ବାତିଲ

## ଇନ୍ଦ୍ରାବତୀ ରାଇଟ୍ କେନାଲ ମରାମତି କେବେ ?

**ଜୁନାଗଡ଼, (ଶରତ ସାହୁ) :** ମୁଖିଗୁଡା ଠାରୁ ଜାରିଙ୍ଗ ପର୍ଯ୍ୟନ୍ତ ପ୍ରାୟ ୮୩ କିଲୋମିଟର ଦୈର୍ଘ୍ୟ ଇନ୍ଦ୍ରାବତୀ ରାଇଟ କେନାଲ ମରାମତି ଅଭାବରୁ ପୋତି ହୋଇଗଲାଣି । ଏହି କେନାଲର ଅଧିକାଂଶ ସ୍ଥାନରେ ବର୍ତ୍ତମାନ ୪ ରୁ ୫ ଫୁଟ ମାଟି ଜମି ରହିବା ଫଳରେ କେନାଲଟି ଜଳଧାରଣ କ୍ଷମତା ହରାଇବାକୁ ବସିଛି । କେନାଲରୁ ମାଟି ଖୋଳି ବାହାର କରିବା ପାଇଁ ବିଭାଗୀୟ ଯନ୍ତ୍ରୀ ଅର୍ଥ ଅଭାବ ଦର୍ଶାଇ ବାରମ୍ବାର ଟେଣ୍ଡର ବାତିଲ କରୁଛନ୍ତି । ଆଗକୁ ଖରିଫ ଚାଷ ଆରମ୍ଭ ହେବ । କେନାଲ ମରାମତି ନହେଲେ ତଳମୁଣ୍ଡକୁ ଆଦୌ ପାଣି ଆସିବନାହିଁ । ତେଣୁ ତଳମୁଣ୍ଡରେ ଖରିଫ ଚାଷ ଅପେକ୍ଷାରେ ଥିବା ଚାଷୀମାନେ ଏହାକୁ ନେଇ ଚିନ୍ତାରେ ପଡିଛନ୍ତି । ବିଶେଷକରି ଜୁନାଗଡ, କଲେଇ ଗାଁ, ନାନ୍ଦୋଲ ପ୍ରଭୃତି ଅଞ୍ଚଳର ଚାଷୀ କେନାଲ ମରାମତି ନହେବାକୁ ନେଇ ଘୋର ଅସନ୍ତୋଷ ବ୍ୟକ୍ତ କରିବା ସହିତ ଆଗାମୀ ଦିନରେ ଏହାକୁ ନେଇ ଆନ୍ଦୋଳନ ତେଜିବ ବୋଲି ମଧ୍ୟ ଚେତାବନୀ ଦେଇଛନ୍ତି । ସୂଚନାଯୋଗ୍ୟ, ଇନ୍ଦ୍ରାବତୀ ରାଇଟ କେନାଲ ମରାମତି ପାଇଁ ପୂର୍ବରୁ ୫ଥର ଟେଣ୍ଡର ଡକାଯାଇ ବାତିଲ କରାଯାଇଛି । ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

# ୧୯ରୁ ଭୁବନେଶ୍ୱରରେ ପଲସ୍ ପୋଲିଓ ଟୀକାକରଣ

**ଭୁବନେଶ୍ୱର :** ଭୁବନେଶ୍ୱରରେ ଆସନ୍ତା ଜାନୁଆରୀ ୧୯, ୨୦ ଓ ୨୧ ତାରିଖରେ ପଲସ୍ ପୋଲିଓ ଟୀକାକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ୨୪୯ଟି ବୁଥ୍‌ରେ ୪୯୮ଟି ଦଳ ଅନ୍ତର୍ଭୁକ୍ତ ୯୯୬ଟି ଟୀକାଦାନକାରୀ ଏହି ବ୍ୟାପକ କାର୍ଯ୍ୟକ୍ରମକୁ ପରିଚାଳନା କରିବେ । ରେଲୱେ ଷ୍ଟେସନ୍, ବସ୍‌ଷ୍ଟାଣ୍ଡ ଓ ହାଟ ପ୍ରଭୃତି ଗହଳି ସ୍ଥାନ ମାନଙ୍କରେ ବହିରାଗତ ଶିଶୁମାନଙ୍କୁ ପୋଲିଓ ଟୀକା ଦେବା ପାଇଁ ୩୦ଟି ଅସ୍ଥାୟୀ ଦଳ ଗଠନ କରାଯାଇଛି । ୫ଟି ଭ୍ରମ୍ୟମାଣ ଦଳ ମୁତୟନ ହୋଇ ସମସ୍ତ ନିର୍ମାଣାଧିନ ସ୍ଥଳୀଗୁଡ଼ିକରେ ପଲସ୍ ପୋଲିଓ ଟୀକାକରଣ କାର୍ଯ୍ୟକ୍ରମ ସମାହିତ ହେବ । ଏହି ବିଶାଳ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ପଲସ୍ ପୋଲିଓ ଟୀକାକରଣ-୨୦୨୦ର ସିଟି ଟାସ୍କଫୋର୍ସ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଅଧ୍ୟକ୍ଷତା କରି ଭୁବନେଶ୍ୱର ମ୍ୟୁନିସିପାଲ କର୍ପୋରେସନର୍ କମିଶନର ଶ୍ରୀ ପ୍ରେମଚନ୍ଦ୍ର ଚୌଧୁରୀ କହିଲେ ଯେ, ୫ ବର୍ଷରୁ କମ୍ ସମସ୍ତ ଶିଶୁଙ୍କୁ ଏହି ପଲସ୍ ପୋଲିଓ ଟୀକାକରଣ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯିବା ଜରୁରୀ । ଏଥିନିମନ୍ତେ ଆଶା ଓ ଅଙ୍ଗନୱାଡ଼ି କର୍ମୀମାନେ ରାଜଧାନୀର ପ୍ରତ୍ୟେକ ଘର ବୁଲି ସୂଚନା ଦେବା ଓ ସଚେତନତାର ପ୍ରସାର କରାଇବା ଆବଶ୍ୟକ । ରାଜଧାନୀର ବିଭିନ୍ନ ବସ୍ତିରେ ରହୁଥିବା ପରିବାରଗୁଡ଼ିକର ୫ବର୍ଷରୁ କମ୍ ସମସ୍ତ ଶିଶୁ ଯେପରି ଏହି ପୋଲିଓ ଟୀକାକରଣ ସୁଯୋଗ ନେଇପାରିବେ ସେ ଦିଗରେ ସମସ୍ତ ଉଦ୍ୟମ କରିବାକୁ ଶ୍ରୀ ଚୌଧୁରୀ ପରାମର୍ଶ ଦେଇଥିଲେ । କେଉଁ ଅଂଚଳରେ କେଉଁଠି ବୁଥ୍ ହୋଇଛି, ସେ ସମ୍ବନ୍ଧରେ ଜାଣିବା ପାଇଁ ଭୁବନେଶ୍ୱର ମ୍ୟୁନିସିପାଲ କର୍ପୋରେସନ ୱେବ୍‌ସାଇଟ୍‌ରେ ଲିଙ୍କ୍ ଦିଆଯିବ । ଭୁବନେଶ୍ୱର ଡଟ୍ ମି ରେ ମଧ୍ୟ ଏ ସମ୍ବନ୍ଧୀୟ ପୂର୍ଣ୍ଣାଙ୍ଗ ତଥ୍ୟ ରହିବ । ନିକୋ ପାର୍କ ଓ ଅନ୍ୟାନ୍ୟ ପାର୍କରେ କେତେଗୁଡ଼ିଏ ମଡ଼େଲ ଟୀକାକରଣ ବୁଥ୍ କରାଯାଇ ଶିଶୁମାନଙ୍କ ପାଇଁ ଟୀକାଦାନ ସଙ୍ଗେ ସଙ୍ଗେ ଖେଳିବାର ବ୍ୟବସ୍ଥା ମଧ୍ୟ କରାଯିବାକୁ ଶ୍ରୀ ଚୌଧୁରୀ ନିର୍ଦ୍ଦେଶ ଦେଇଛନ୍ତି । ଏଠାରେ ସୂଚନାଯୋଗ୍ୟ ଯେ ୨୦୦୯ ମସିହାରେ ଆମ ଦେଶରେ ବିଶ୍ୱର ୫୦ ପ୍ରତିଶତରୁ ଅଧିକ ପୋଲିଓ ରୋଗୀ ଥିଲେ, ୨୦୧୪ ମାର୍ଚ୍ଚ ମାସରେ ଭାରତକୁ ପୋଲିଓମୁକ୍ତ ଦେଶଭାବେ ଘୋଷଣା କରାଯାଇପାରିଛି । ବ୍ୟାପକ ଟୀକାକରଣ ଯୋଗୁଁ ଏହା ସମ୍ଭବ ହୋଇପାରିଛି । ତେବେ ୨୦୨୩ ମସିହା ସୁଦ୍ଧା ସାରା ବିଶ୍ୱର ଶିଶୁମାନଙ୍କୁ ପାଟିରେ ପୋଲିଓ ଟୀକାର ବୁନ୍ଦା ଦେବା ବନ୍ଦ କରାଯିବ ।

# ଖୋର୍ଦ୍ଧା ଗୁରୁଜଙ୍ଗ ନନ୍ଦ ସଙ୍ଗୀତ କଳା କେନ୍ଦ୍ରର କଳାକାର ଉତ୍ତରପ୍ରଦେଶରେ ପୁରସ୍କୃତ



**ଖୋର୍ଦ୍ଧା :** ଉତ୍ତର ପ୍ରଦେଶରେ ଆଜମଗଡ଼ ଜିଲ୍ଲାର ଆଜମଗଡ଼ ସହରର ଭେସଲି ଇଣ୍ଟରକଲେଜ ଚୌକ ପରିଷରରେ ସବୁ ବର୍ଷ ପରି ଚଳିତ ବର୍ଷ ହନୁର ରଙ୍ଗ ମହୋତ୍ସବରେ ଖୋର୍ଦ୍ଧା ଗୁରୁଜଙ୍ଗ ନନ୍ଦ ସଙ୍ଗୀତ କଳା କେନ୍ଦ୍ରର କଳାକାରମାନେ ନୃତ୍ୟ ପରିବେଷଣ କରି ଉଚ୍ଚପ୍ରଂଶସିତ ହୋଇଛନ୍ତି । ଆଜମଗଡ଼ ଜିଲ୍ଲାପାଳ ଏନ.ପି.ସିଂହ ଏହି ଉତ୍ସବକୁ ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରିଥିଲେ । ଏହି ଉତ୍ସବକୁ ଭାରତର ବିଭିନ୍ନ ରାଜ୍ୟର କଳାକାରମାନେ ଆସି ନିଜ ରାଜ୍ୟର କଳାକୃତିକୁ ପରିବେଷଣ କରିଥାନ୍ତି । ଏହି ଉତ୍ସବରେ ଖୋର୍ଦ୍ଧା ଗୁରୁଜଙ୍ଗ ନନ୍ଦ ସଙ୍ଗୀତ କଳା କେନ୍ଦ୍ରର ଜିତେନ୍ଦ୍ର କୁମାର ସାହୁ ମ୍ୟାଜିକ୍‌ସିଆନ୍ ଲକ୍ଷ୍ମୀଧର ସାହୁ, ଗୋପାଳକୃଷ୍ଣ ପ୍ରଧାନ ଓ ସୂର୍ଯ୍ୟକାନ୍ତ ସାମନ୍ତରାୟଙ୍କ ପ୍ରଚେଷ୍ଟାରେ କଳାକାରମାନେ ସୌରିବନ୍ଧୁ ଜେନା ଓ ସାଥୀଙ୍କ ଚଇତି ଘୋଡ଼ା, ଲୋକନୃତ୍ୟ ସୁଧିର କୁମାର ନାୟକ ଓ ସୋମନାଥ ରଥଙ୍କ ସମ୍ବଲପୁରୀ ନୃତ୍ୟ ସଦାଶିବ ମହାରଣାଙ୍କ ଓଡ଼ିଶି ନୃତ୍ୟ, ଦର୍ଶକମାନଙ୍କ ମନ ମୋହିଥିଲା । ସେହିପରି ଓଡ଼ିଶାର ଲୋକ କଳା ମଧ୍ୟରେ ଗାୟକ ଚକ୍ରଧର ଦେବତା ଓ ସାଥୀ ଚକ୍ରଧର ମହାପାତ୍ରଙ୍କ ଜୟ ଜଗନ୍ନାଥ ଧ୍ୱନିରୁ ଦାଶକାଠିଆ ପରିବେଷଣରେ ଦର୍ଶକମାନେ ବିମୋହିତ ହୋଇପଡ଼ିଥିଲେ । ଏହି ରଙ୍ଗ ମହୋତ୍ସବରେ ଖୋର୍ଦ୍ଧା ଗୁରୁଜଙ୍ଗ ନନ୍ଦ ସଙ୍ଗୀତ କଳା କେନ୍ଦ୍ରର କଳାକାରମାନଙ୍କ ଦ୍ୱାରା ସମ୍ବଲପୁରୀ ଓ ଘୋଡ଼ାନୃତ୍ୟକୁ ଜିଲ୍ଲାପାଳ ଏନ.ପି.ସିଂହ ଓ ଆୟୋଜକ ସଂସ୍ଥାର ସମ୍ପାଦକ ସୁନିଲ ଦତ୍ତ ବିଶ୍ୱକର୍ମା ପୁରସ୍କୃତ କରିଥିଲେ ।

## ୬ଟି ଜିଲ୍ଲାର ସହରାଞ୍ଚଳରେ ବର୍ଜ୍ୟବସ୍ତୁ ପରିଚାଳନା

**ଭୁବନେଶ୍ୱର :** ସହରାଞ୍ଚଳରେ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ବର୍ଜ୍ୟବସ୍ତୁ ପରିଚାଳନା ବ୍ୟବସ୍ଥା କରିବାକୁ ଗୃହ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବ ଜି.ମାଥିଭାଥନନ୍ ପରାମର୍ଶ ଦେଇଛନ୍ତି । ଗୁରୁବାର ବଲାଙ୍ଗିରଠାରେ ୬ ଟି ଜିଲ୍ଲାର ସହରାଞ୍ଚଳରେ ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ସେହି ଜିଲ୍ଲାଗୁଡ଼ିକ ହେଉଛି ବଲାଙ୍ଗିର, କଳାହାଣ୍ଡି, ସୋନପୁର, ନୂଆପଡ଼ା,ବରଗଡ଼ ଓ ବୌଦ୍ଧ । ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ ନିୟମନୁଯାୟୀ, ସମସ୍ତ ସହରାଞ୍ଚଳମାନଙ୍କରେ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ବର୍ଜ୍ୟବସ୍ତୁ ପରିଚାଳନା ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବା ପରିପ୍ରେକ୍ଷୀରେ ଉକ୍ତ ସମୀକ୍ଷା କରାଯାଇଛି । ନିର୍ଦ୍ଧାରିତ ସମୟସୀମାରେ ସମସ୍ତ ପୌର ପରିଷଦ ଉକ୍ତ ବ୍ୟବସ୍ଥା କାର୍ଯ୍ୟ କରିବାକୁ କୁହାଯାଇଛି ।

# 'ମୋ ସରକାର'ରେ ଗୃହ ଓ ନଗର ଉନ୍ନୟନ ବିଭାଗ

**ଭୁବନେଶ୍ୱର :** 'ମୋ ସରକାର' ଅଧୀନରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ (ୟୁଡି) ବିଧିବଦ୍ଧ ଭାବେ ସାମିଲ ହୋଇଛି । ଏହି ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ହିତାଧିକାରୀଙ୍କ ସହ ସିଧାସଳଖ କଥା ହେବେ ସରକାର । ଶୁକ୍ରବାର ଲୋକସେବା ଭବନରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟ ନାୟକ ଏହା ବିଧିବଦ୍ଧ ଘୋଷଣା କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆସନ୍ତା ମାର୍ଚ୍ଚ ୩୧ ସୁଦ୍ଧା ରାଜ୍ୟ ସରକାରଙ୍କ ସମସ୍ତ ବିଭାଗ ମୋ ସରକାର ଅଧିନକୁ ଆସିବାକୁ ଥିବା ବେଳେ ଆଜି ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ମୋ ସରକାରରେ ସାମିଲ୍ ହୋଇଥିବାରୁ ସେ ଅତ୍ୟନ୍ତ ଖୁସି । ଦ୍ରୁତ ନଗରୀକରଣ ଏବଂ ଆଧୁନିକ ଭିତ୍ତିଭୂମି ଚାହିଦା ବୃଦ୍ଧି ଦୃଷ୍ଟିରୁ ଉପଯୁକ୍ତ ସୁବିଧା ପ୍ରଦାନ କ୍ଷେତ୍ରରେ ଏହା ସରକାରଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ଶାଖା । ସମସ୍ତ ସହରାଞ୍ଚଳରେ ବସବାସ କରୁଥିବା ପ୍ରତ୍ୟେକ ଘରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବାକୁ ପ୍ରକ୍ରିୟା ଜାରି ରହିଛି । ସେହିପରି ଜାଗା ମିଶନ ଜରିଆରେ ସହରାଞ୍ଚଳର ଗରିବଙ୍କୁ ସର୍ବନିମ୍ନ ଅଧିକାର ପ୍ରଦାନ କରାଯାଉଛି । ନିକଟରେ ୫୦ ହଜାରରୁ ଉର୍ଦ୍ଧ୍ୱ ସହରାଞ୍ଚଳ ଗରିବ ପରିବାରଙ୍କୁ ଭୂମି ଅଧିକାର ପ୍ରଦାନ କରିଥିବାରୁ ଜାଗା ମିଶନ୍‌କୁ ୱାର୍ଲ୍ଡ ହାବିଟେଟ୍ ପୁରସ୍କାର ମିଳିଛି । ମୋ ସରକାରର ମୂଳ ଉଦ୍ଦେଶ୍ୟ ହେଲା, ପ୍ରତ୍ୟେକ ସରକାରୀ କର୍ମଚାରୀ ଜାଣି ରଖିବା ଉଚିତ୍ ଯେ ନାରଗିକ ହେଉଛନ୍ତି ଗଣତନ୍ତ୍ରର ମାଲିକ । ନାଗରିକଙ୍କୁ ସେବା ପ୍ରଦାନ କରିବା ପାଇଁ ସରକାରୀ କର୍ମଚାରୀ ଏଠାରେ ଅଛନ୍ତି । ତେଣୁ ପ୍ରତ୍ୟେକ ସରକାରୀ କର୍ମଚାରୀ ସମ୍ମାନର ସହ ନାଗରିକଙ୍କୁ ସେବା ଯୋଗାଇବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଗୃହ ଓ ନଗର ଉନ୍ନୟନ ବିଭାଗ ମୋ ସରକାର କାର୍ଯ୍ୟକ୍ରମକୁ ଅତ୍ୟନ୍ତ ସଫଳତାର ସହ କାର୍ଯ୍ୟକାରୀ କରିବ ଏବଂ ଲୋକଙ୍କ ଆକାଂକ୍ଷା ପୂର୍ଣ୍ଣ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି । ବିଭାଗୀୟ ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି, ମୋ ସରକାର ଅଧିନରେ ଲୋକଙ୍କୁ ଉତ୍ତମ ସେବା ଯୋଗାଇବା କ୍ଷେତ୍ରରେ ରହିଥିବା ସମସ୍ତ ଆହ୍ୱାନକୁ ମୁକାବିଲା କରିବା ପାଇଁ ତାଙ୍କ ବିଭାଗ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି । ଏହି ପଦକ୍ଷେପକୁ ଅଧିକ ସୁଗମ କରିବା ପାଇଁ ବିଭାଗ ପକ୍ଷରୁ ମୋ ସରକାର ସେଲ୍ ଖୋଲାଯାଇଛି । ମୁଖ୍ୟ ସଚିବ ଅସିତ୍ ତ୍ରିପାଠୀ କହିଛନ୍ତି ଯେ ସହରାଞ୍ଚଳର ଲୋକଙ୍କୁ ସେବା ପ୍ରଦାନ କରିବା ଏକ କଠିନ ଦାୟିତ୍ୱ ।

# ଆର୍‌ଡିସି ଯୋଗଦେଲେ, ଆହାର ଖାଇଲେ

**ସମ୍ବଲପୁର, (ଦାମୋଦର ପଣ୍ଡା) :** ଦୀର୍ଘ ୮ମାସ ପଦବୀ ଖାଲି ରହିବା ପରେ ବରିଷ୍ଠ ପ୍ରଶାସନିକ ଅଧିକାରୀ ନିରଞ୍ଜନ ସାହୁ ଉତ୍ତରାଞ୍ଚଳ ଡିଭିଜନ ଆରଡିସି ଭାବେ ଯୋଗ ଦେଇଛନ୍ତି । ଯୋଗଦାନ ପରେ ଜେଲଖାନା ଛକ, ଲକ୍ଷ୍ମୀ ଟକିଜ ଛକ ତଥା ହସ୍ପିଟାଲ ସ୍ଥିତ ଆହାର କେନ୍ଦ୍ର ପରିଦର୍ଶନ କରି ଗୋଟିଏ କେନ୍ଦ୍ରରେ ନିଜେ ଆହାର ଖାଇ ମାନ ପରୀକ୍ଷା କରିଥିଲେ । ଏହି ପରିଦର୍ଶନ ସମୟରେ ଅତିରିକ୍ତ ଜିଲ୍ଲାପାଳ ଲିଙ୍ଗରାଜ ପଣ୍ଡା, ମହାନଗର ନିଗମ ଅଧିକାରୀ ଶୁଭଙ୍କର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ଓ ସେମାନେ ମଧ୍ୟ ଆହାର ଖାଇଥିଲେ ।

# ୯୮ଟି ପୁଞ୍ଜିନିବେଶ ପ୍ରକଳ୍ପ ପାଇଁ ଜମି ଆବଣ୍ଟନ ତ୍ୱରାନ୍ୱିତ

**ଭୁବନେଶ୍ୱର :** ଦ୍ରୁତ ଶିଳ୍ପାୟନ ମାଧ୍ୟମରେ ନିଯୁକ୍ତି ସୁଯୋଗ ସୃଷ୍ଟି ଦିଗରେ ଅନ୍ୟ ଏକ ପଦକ୍ଷେପ ସ୍ୱରୂପ ରାଜ୍ୟରେ ୯୮ଟି ପୁଞ୍ଜିନିବେଶ ପ୍ରକଳ୍ପ ନିମନ୍ତେ ଜମି ଆବଣ୍ଟନ ପ୍ରକ୍ରିୟାକୁ ସରକାର ତ୍ୱରାନ୍ୱିତ କରିଛନ୍ତି । ଏଥିନିମନ୍ତେ ଗୁରୁବାର ମୁଖ୍ୟ ଶାସନ ସଚିବ ଅସିତ୍ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଶିଳ୍ପ ପାଇଁ ଜମି ସୁପାରିଶର ଉଚ୍ଚସ୍ତରୀୟ ସୁପାରିଶ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା । ରାଜ୍ୟ ଲୋକସେବା ଭବନଠାରେ ଅନୁଷ୍ଠିତ ଏହି ବୈଠକରେ ପ୍ରମୁଖ ଶାସନ ସଚିବ ତଥା ଇଡ୍‌କୋର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ସଂଜୟ କୁମାର ସିଂ ରାଜ୍ୟ ପାଇଁ ପ୍ରକଳ୍ପ ଗୁଡିକର ପ୍ରୟୋଜନିୟତା, ବୈଷୟିକ ଓ ଆର୍ଥିକ ବିଷୟ ଆଲୋଚନା ନିମନ୍ତେ ଉପସ୍ଥାପନ କରିଥିଲେ । ପ୍ରସ୍ତାବ ଗୁଡିକର ସବିଶେଷ ଆଲୋଚନା କରି ଜମି ଆବଣ୍ଟନ ପାଇଁ କମିଟି ସରକାରଙ୍କୁ ସୁପାରିଶ କରିଥିଲେ । କେଉଁ ପ୍ରକାର ଶିଳ୍ପ ନିମନ୍ତେ କେତେ ଜମି ଆବଶ୍ୟକ ତାହାର ସଠିକ୍ ଅନୁଧ୍ୟାନ କରି ଏକ ନମୁନା ତାଲିକା ପ୍ରସ୍ତୁତ କରିବା ପାଇଁ ମୁଖ୍ୟ ଶାସନ ସଚିବ ଶ୍ରୀ ତ୍ରିପାଠୀ ଇଡ୍‌କୋଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଆବଣ୍ଟନ କରାଯାଉଥିବା ଜମିର ଶତ ପ୍ରତିଶତ ଉପଯୁକ୍ତ ବ୍ୟବହାର ଉପରେ ଗୁରୁତ୍ୱ ଆରୋପ କରି ଏହା ନିଶ୍ଚିତ କରାଇବାକୁ ମଧ୍ୟ ଶ୍ରୀ ତ୍ରିପାଠୀ ନିର୍ଦ୍ଦେଶ ଦେଇଥିଲେ । ବୈଠକପରେ ଗଣମାଧ୍ୟମ ପ୍ରଶ୍ନର ଉତ୍ତର ଦେଇ ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଶ୍ରୀ ସିଂ କହିଥିଲେ ଯେ, ଏହି ପ୍ରକଳ୍ପ ଗୁଡିକ ମୁଖ୍ୟତଃ ଖାଦ୍ୟ ପ୍ରକ୍ରିୟାକରଣ, ଲଜିଷ୍ଟିକ୍ ପାର୍କ, ପଦାର୍ଥ ଉତ୍ପାଦନ (ମାନୁଫାକ୍‌ଚରିଂ), ସବୁଜ ଶକ୍ତି ସମ୍ବନ୍ଧିତ ଶିଳ୍ପ ଏମାନେ ପ୍ରାୟତଃ ମଧ୍ୟମ ଓ କ୍ଷୁଦ୍ର ଶିଳ୍ପ ହୋଇଥିବାରୁ ସେସବୁରେ ଅଧିକ ନିଯୁକ୍ତି ସୁଯୋଗ ରହିଛି । ଏହି ଶିଳ୍ପ ମାନଙ୍କ ମାଧ୍ୟମରେ ରାଜ୍ୟରେ ଆର୍ଥିକ କାର୍ଯ୍ୟକଳାପ ବୃଦ୍ଧି ପାଇବ ବୋଲି ଶ୍ରୀ ସିଂ କହିଥିଲେ । ଏହି ଶିଳ୍ପ ପାଇଁ ଭୁବନେଶ୍ୱର ନିକଟବର୍ତ୍ତୀ ଗୋଠପାଟଣା, ଇନ୍‌ଫୋସିଟି, ଇନ୍‌ଫୋଭ୍ୟାଲି, ଡ଼େରାସ୍ ସାମୁଦ୍ରିକ ଖାଦ୍ୟ ପାର୍କ ସହ ଖୋର୍ଦ୍ଧା, ଖୋଲାଦ୍ୱାର, ଜୟମଙ୍ଗଳ, ଅଁଳାପାଟଣା, ଛତାବର, ଭଗବାନପୁର ଓ ମଞ୍ଚେଶ୍ୱର ଆଦି ଶିଳ୍ପାଞ୍ଚଳରେ ଜମି ନିମନ୍ତେ ସୁପାରିଶ କରାଯାଇଛି ବୋଲି ଶ୍ରୀ ସିଂ ଜଣାଇଥିଲେ । ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ଼ଃ ମୋନା ଶର୍ମା, ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ହେମନ୍ତ କୁମାର ଶର୍ମା, ଆଇନ୍ ବିଭାଗ ପ୍ରମୁଖ ଶାସନ ସଚିବ ଶଶୀକାନ୍ତ ମିଶ୍ର,କୌଶଳ ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂଙ୍କ ସମେତ ସଂପୃକ୍ତ ବିଭାଗର ବରିଷ୍ଠ ଅଧିକାରୀମାନେ ବୈଠକର ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ



**ଖୋର୍ଦ୍ଧା :** ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ୨୦୨୦ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ସୀତାଂଶୁ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ସାଧାରଣତନ୍ତ୍ର ଦିବସ କାର୍ଯ୍ୟକ୍ରମକୁ ଶାନ୍ତି ଶୃଙ୍ଖଳାର ସହିତ କରିବାକୁ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ । ୨୬.୦୧.୨୦୨୦ରିଖ ପ୍ରାତଃ ସମୟରେ ଖୋର୍ଦ୍ଧା ପୌରପରିଷଦ ଅଞ୍ଚଳରେ ରାମଧୁନ୍ ପ୍ରଚାର କରାଯିବ । ସକାଳ ୭.୩୦ମିନିଟ୍ ସମୟରେ ସମସ୍ତ ସରକାରୀ, ବେସରକାରୀ ପ୍ରତିଷ୍ଠାନ ଓ ଶିକ୍ଷାନୁଷ୍ଠାନରେ ଜାତୀୟ ପତାକା ଉତ୍ତୋଳନ କରାଯିବ ସାଧାରଣତନ୍ତ୍ର ଦିବସର ମୁଖ୍ୟ ଅତିଥି ସକାଳ ୯.୧୫ମିନିଟ୍ ସମୟରେ ବିଜେବି ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଆନୁଷ୍ଠାନିକ ଭାବରେ ଜାତୀୟ ପତାକା ଉତ୍ତୋଳନ କରି ସମ୍ମିଳିତ ପ୍ୟାରେଡ଼ରେ ଅଭିବାଦନ ଗ୍ରହଣ କରିବା ସହ କୃର୍ତ୍ତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରିବେ । ସାଧାରଣତନ୍ତ୍ର ଦିବସ ପ୍ୟାରେଡ଼ରେ ବିଭିନ୍ନ ବିଭାଗର ପ୍ରଜ୍ଞାପନ ମେଢ ସାମିଲ ହେବ । ଶିକ୍ଷାନୁଷ୍ଠାନଗୁଡ଼ିକର ଛାତ୍ର ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ । ଏହି ଅବସରରେ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀମାନଙ୍କୁ ଫଳ ଏବଂ ଜେଲରେ ଥିବା ଅନ୍ତେବାସୀମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯିବ । ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପ୍ରାଥମିକ ମଧ୍ୟଇଂରାଜି, ଉଚ୍ଚବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରରେ ବିଭିନ୍ନ ପ୍ରତିଯୋଗିତା ତା.୨୧.୦୧.୨୦୨୦ରିଖରେ ଅନୁଷ୍ଠିତ ହେବ । ଏହି ଦିବସଟିକୁ ସରସ ସୁନ୍ଦର କରିବା ନିମନ୍ତେ ବୈଠକରେ ଆଲୋଚନା ହୋଇଥିଲା । ଉପସ୍ଥିତ ଥିବା ଅଧିକାରୀମାନଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅଜେୟ ପ୍ରତାପ ସ୍ୱାଇଁ, ଅତିରିକ୍ତ ଜିଲ୍ଲାପାଳ ମନୋରଂଜନ ମଲ୍ଲିକ, ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଦିଗନ୍ତ ରାଉତରାୟ, ଉପଜିଲ୍ଲାପାଳ ସାନ୍ତନୁ ମହାନ୍ତି, ଖୋର୍ଦ୍ଧା ପୌରପରିଷଦର ନିର୍ବାହୀ ଅଧିକାରୀଣୀ ଡ଼ି.ଶ୍ୱେତପଦ୍ମା ଶତପଥୀ ଓ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଶିକ୍ଷାନୁଷ୍ଠାନର କର୍ମକର୍ତ୍ତା, ବରିଷ୍ଠ ନାଗରିକ ଏବଂ ବୁଦ୍ଧିଜୀବୀମାନେ ଯୋଗ ଦେଇଥିଲେ । ଏହି ପ୍ରସ୍ତୁତି ବୈଠକରେ ଖୋର୍ଦ୍ଧା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମାନସ ରଞ୍ଜନ ବିଶ୍ୱାଳ, ସାଧାରଣତନ୍ତ୍ର ଦିବସର କାର୍ଯ୍ୟକ୍ରମ ଗୁଡ଼ିକ ସମ୍ପର୍କରେ ସୂଚନା ଦେଇଥିଲେ ।

# ଓଡ଼ିଶାରେ ବଢୁଛି ହତ୍ୟା ଅପରାଧ

**ଭୁବନେଶ୍ୱର :** ରାଜ୍ୟରେ ହତ୍ୟାକାଣ୍ଡ ଅପରାଧ ଦିନକୁ ଦିନ ବଢ଼ିବାରେ ଲାଗିଛି । କୌଣସି ବିବାଦ ଏବଂ ଯୌତୁକଜନିତ କାରଣକୁ ନେଇ ଅଧିକାଂଶ ହତ୍ୟାକାଣ୍ଡ ଘଟୁଥିବା ଦେଖିବାକୁ ମିଳୁଛି । ତେବେ ନିକଟରେ ପ୍ରକାଶ ପାଇଥିବା ଜାତୀୟ କ୍ରାଇମ ରେକର୍ଡ ବ୍ୟୁରୋ (ଏନ୍‌ସିଆରବି) ତଥ୍ୟ ଅନୁସାରେ, ୨୦୧୮ ମସିହାରେ ଓଡ଼ିଶାରେ ୧୩୭୮ଜଣଙ୍କୁ ହତ୍ୟା କରାଯାଇଛି । ସେହିପରି ରାଜ୍ୟରେ୨୦୧୭ରେ ୧୨୬୭ ଏବଂ ୨୦୧୬ରେ ୧୩୨୮ ଟି ହତ୍ୟାକାଣ୍ଡ ଘଟିଥିଲା । ତେବେ ବିଗତ ବର୍ଷକୁ ତୁଳନା କଲେ ୨୦୧୮ ମସିହାରେ ରାଜ୍ୟରେ ହତ୍ୟାକାଣ୍ଡ ସଂଖ୍ୟା ବୃଦ୍ଧି ହୋଇଛି । ବିଭିନ୍ନ ଉଦ୍ଦେଶ୍ୟକୁ ନେଇ ହତ୍ୟାକାରୀ ହତ୍ୟାକାଣ୍ଡ ଘଟାଇଥାଏ । ତେବେ ରାଜ୍ୟରେ ଯୌତୁକଜନିତ ହତ୍ୟାକାଣ୍ଡର ସଂଖ୍ୟା ସର୍ବାଧିକ ଅଛି । ଯୌତୁକଜନିତ ହତ୍ୟାକାଣ୍ଡରେ ସମଗ୍ର ଦେଶରେ ଓଡ଼ିଶା ଦ୍ୱିତୀୟ ସ୍ଥାନରେ ରହିଛି । ୨୦୧୮ରେ ରାଜ୍ୟରେ ୧୧୯ଟି ଯୌତୁକଜନିତ ହତ୍ୟାକାଣ୍ଡ ଘଟିଛି । ସେହିପରି ଦେଶରେ ଯୌତୁକଜନିତ ହତ୍ୟାକାଣ୍ଡରେ ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗ ପ୍ରଥମରେ ରହିଥିବାବେଳେ, ତୃତୀୟରେ ଝାଡ଼ଖଣ୍ଡ ରହିଛି । ୨୦୧୮ରେ ପଶ୍ଚିମବଙ୍ଗରେ ୩୫୬ ଏବଂ ଝାଡ଼ଖଣ୍ଡରେ ୬୧ଟି ଯୌତୁକଜନିତ ହତ୍ୟାକାଣ୍ଡ ଘଟିଥିଲା । ତେବେ ୨୦୧୮ରେ ସମଗ୍ର ଦେଶରେ ୯୧୩ଟି ଯୌତୁକଜନିତ ହତ୍ୟାକାଣ୍ଡ ଘଟିଛି । ସେହିପରି ୨୦୧୮ମସିହାରେ ବିଭିନ୍ନ ପ୍ରକାର ବିବାଦକୁ ନେଇ ରାଜ୍ୟରେ ୫୫ଟି ହତ୍ୟାକାଣ୍ଡ ଘଟିଛି । ଏଥିମଧ୍ୟରୁ ଜମିଜମା ବିବାଦ କ୍ଷେତ୍ରରେ ୩୩ଜଣଙ୍କ ହତ୍ୟା ହୋଇଥିବାବେଳେ, ପାରିବାରିକ କଳହକୁ ନେଇ ୧୬ଜଣ ଏବଂ ସାମାନ୍ୟ ଝଗଡ଼ାକୁ ନେଇ ୬ଜଣଙ୍କ ହତ୍ୟା ହୋଇଥିଲା । ଅନ୍ୟପକ୍ଷରେ ୨୦୧୮ରେ ପ୍ରେମସମ୍ପର୍କକୁ ନେଇ ୩୮ ଏବଂ ପୂର୍ବଶତ୍ରୁତାକୁ ନେଇ ୫୪ଜଣଙ୍କ ହତ୍ୟାକାଣ୍ଡ ଘଟିଛି । ତଥ୍ୟ ଅନୁସାରେ, ୨୦୧୮ରେ ୨ଟି ୬ବର୍ଷର ଶିଶୁଙ୍କ ହତ୍ୟା ହୋଇଛି । ସେହିପରି ୬ରୁ ୧୨ବର୍ଷ ବୟସର ୪ଟି ଶିଶୁ, ୧୨ରୁ ୧୬ବର୍ଷର ୩ଜଣ, ୧୬ରୁ ୧୮ବର୍ଷର ୧୧ଜଣ, ୧୮ରୁ ୩୦ବର୍ଷର ୮୬୯ଜଣ, ୩୦ରୁ ୪୫ବର୍ଷର ୩୮୯ଜଣ, ୪୫ରୁ ୬୦ବର୍ଷର ୧୧୭ ଜଣ, ୬୦ବର୍ଷରୁ ଉର୍ଦ୍ଧ୍ୱ ୯ଜଣଙ୍କ ହତ୍ୟା ହୋଇଛି । ରିପୋର୍ଟ ଅନୁସାରେ, ୨୦୧୮ରେ ଓଡ଼ିଶାରେ ଅପରାଧର ମାତ୍ରା ପୁଣି ବଢ଼ିଛି । ହେଲେ ଦୁଷ୍କର୍ମ ଅହେତୁକ ଭାବେ ହ୍ରାସ ପାଇଛି । ଯାହା ପୁଲିସ ପାଇଁ ଆଶ୍ୱସ୍ତି ଆଣିଦେଇଛି । ରାଜ୍ୟରେ ୨୦୧୮ରେ ମୋଟ ୧ଲକ୍ଷ ୭ ହଜାର ୪୦୮ଟି ଅପରାଧିକ ମାମଲା ରୁଜୁ କରାଯାଇଛି । ୨୦୧୭ରେ ୧ଲକ୍ଷ ୩ହଜାର ୮୬୬ଟି ଅପରାଧିକ ମାମଲା ରୁଜୁ କରାଯାଇଥିଲା । ସେହିପରି ୨୦୧୬ରେ ୧ଲକ୍ଷ ୩ହଜାର ୫୬୫, ୨୦୧୫ରେ ୧ଲକ୍ଷ ୩ହଜାର ୨୦୮ଟି ମାମଲା ରୁଜୁ କରାଯାଇଥିଲା । ୨୦୧୮ରେ ମୋଟ ୧ଲକ୍ଷ ୭ ହଜାର ୪୦୮ଟି ଅପରାଧିକ ମାମଲା ମଧ୍ୟରୁ ନାବାଳକ ଓ ନାବାଳିକା କ୍ଷେତ୍ରରେ ୨୩ହଜାର ୬୩୯ଟି ମାମଲା ରୁଜୁ ହୋଇଛି । ୨୦୧୭ରେ ୨୦ହଜାର ୨୮୩, ୨୦୧୬ରେ ୨୨ହଜାର ୧୦୫ ଓ ୨୦୧୫ରେ ୧୯ହଜାର ୮୪୮ଟି ମାମଲା ରୁଜୁ କରାଯାଇଥିଲା । ୨୦୧୮ରେ ଆଇପିସି ଧାରାରେ ୮୩ ହଜାର ୭୬୯ଟି ମାମଲା ରୁଜୁ କରାଯାଇଛି । ୨୦୧୭ରେ ୮୩ ହଜାର ୫୮୩, ୨୦୧୬ରେ ୮୧ ହଜାର ୪୬୦ ଓ ୨୦୧୫ରେ ୭୩ ହଜାର ୩୬୦ଟି ମାମଲା ରୁଜୁ କରାଯାଇଥିଲା ।

**AFFIDAVIT**

BEFORE The Notary Public, Bhawanipatna, I, Archu Suna, aged about 58 years,S/o-Late Duaru Suna, resident of At/Po-Artal, Ps-Kegaon, District-Kalahandi (Odisha), do hereby solemnly affirm and state on oath as follows : That, I am the deponet of this affidavit and my permanent resident is At/Po-Artal, Ps-Kegaon, District-Kalahandi (Odisha) since my birth. That, I belongs to 'ST' by Caste and my sub caste is ' MAHALI' vide Sl. No. 45, as per the Scheduled Castes and Scheduled Tribes Order, 1950 as amended by Modification Order, 1956, Amendment Atc, 1976 and The Scheduled Castes and Scheduled Tribes Order (Amendment) Act 2002 No. 10 dated 8.1.2003 on Ministry of Law & Justice republished by the Notification No. 7799/ L Dated 7.6.2003 of Law Department, Govt. of Orissa. That, in land record of Mouza-Artal, Ps-Kegaon, Khata No.345/20, Plot No. 1225/1706, Kissam-Gharabari, measuring an area Ac. 0.04 dec stands recorded in my name. That, in the above said khata my sub caste is wrongly mentioned at 'MANGULI' which comes under 'SC' category. That, I swear this affidavit to produce before the Tahasildar, Kalahandi at Bhawanipatna in order to change the sub caste in the ROR as MAHALI instead of MANGULI.

DEPONENT

# ସ୍ୱାମୀ ବିବେକାନନ୍ଦ



ଡକ୍ଟର ବିଜୟଲକ୍ଷ୍ମୀ ଭୂୟାଁ



୧୮୬୩ ଖ୍ରୀଷ୍ଟାବ୍ଦ ଜାନୁଆରୀ ମାସ ୧୨ ତାରିଖ, ପୌଷ ସଂକ୍ରାନ୍ତି ଦିନ ସ୍ୱାମୀ ବିବେକାନନ୍ଦ କଲିକତାରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କ ପିତାଙ୍କ ନାମ ବିଶ୍ୱନାଥ ଦତ୍ତ ଓ ମାତାଙ୍କ ନାମ ଭୁବନେଶ୍ୱରୀ ଦେବୀ। ତାଙ୍କ ପିଲାଦିନର ନାମ ଥିଲେ ନରେନ୍ଦ୍ରନାଥ ଦତ୍ତ ଓ ଡାକନାମ ବିଲେ। ବିଶ୍ୱନାଥ କଲିକତା ହାଇକୋର୍ଟରେ ଓକିଲାତି କରୁଥିଲେ। ଉଭୟ ପିତାମାତା ଧର୍ମପରାୟଣ ଓ ପରୋପକାରୀ ଥିଲେ। ଶୈଶବରେ ନରେନ୍ଦ୍ର ଅତ୍ୟନ୍ତ ଚଞ୍ଚଳ ସ୍ୱଭାବର ଥିଲେ ହେଁ ଆଧ୍ୟାତ୍ମିକ ବିଷୟବସ୍ତୁ ପ୍ରତି ତାଙ୍କ ଯଥେଷ୍ଟ ଆକର୍ଷଣ ଥିଲା। ମାତାଙ୍କ ଠାରୁ ରାମାୟଣ, ମହାଭାରତର କାହାଣୀ ତାଙ୍କ ମନରେ ଅନେକ ପ୍ରଭାବ ପକାଇ ଥିଲା। ରାମ, ସୀତା ଓ ଶିବଙ୍କ ମୂର୍ତ୍ତି ପୂଜା କରିବାକୁ ଓ ତାଙ୍କ ଉପରେ ଧ୍ୟାନ କରିବାକୁ ସେ ଭଲ ପାଉଥିଲେ। ନରେନ୍ଦ୍ର ଜଣେ ସୁନ୍ଦର ଓ ଶକ୍ତିଶାଳୀ ଯୁବକରେ ପରିଣତ ହେଲେ। ତାଙ୍କର ବୁଦ୍ଧି ଥିଲା ପ୍ରଖର। ସେ ସୁନ୍ଦର କଣ୍ଠରେ ସଙ୍ଗୀତଗାନ କରିପାରୁଥିଲେ। ଧାର୍ମିକ ପରମ୍ପରା ପ୍ରତି ତାଙ୍କର ବିଶ୍ୱାସ ଓ ଶ୍ରଦ୍ଧା ଅଧିକ ମାତ୍ରାରେ ଥିଲେ ହେଁ ପ୍ରତ୍ୟେକ ବିଷୟରେ ଅକାଟ୍ୟ ପ୍ରମାଣ ପାଇଁ ତାଙ୍କର ମନ ଅଶାନ୍ତ ରହୁଥିଲା। ଶ୍ରୀରାମଙ୍କ ସହ ହନୁମାନଙ୍କର ପ୍ରଥମ ସାକ୍ଷାତ ଯେପରି ଗୁରୁତ୍ୱପୂର୍ଣ୍ଣ ଥିଲା, ୧୮୮୧ ଖ୍ରୀଷ୍ଟାବ୍ଦରେ



ରାମକୃଷ୍ଣଙ୍କ ସହିତ ବିବେକାନନ୍ଦଙ୍କ ମିଳନ ଅନୁରୂପ ଭାବରେ ବିବେକାନନ୍ଦଙ୍କ ଜୀବନଧାରାକୁ ପରିବର୍ତ୍ତନ କରିବା ସହିତ ଭାରତର ଆଧ୍ୟାତ୍ମିକ ଇତିହାସରେ ନବଜାଗରଣ ସୃଷ୍ଟି କଲା। ରାମକୃଷ୍ଣଙ୍କ ଶିଷ୍ୟତ୍ୱ ଗ୍ରହଣ କରି ସେ ନିଶ୍ଚିନ୍ତ ଭାବରେ ଜାଣିଲେ ଯେ ଈଶ୍ୱର ଅବଶ୍ୟ ଅଛନ୍ତି। ଧର୍ମଶାସ୍ତ୍ର ଗୁଡ଼ିକ କପୋଳକଳ୍ପିତ ନୁହେଁ। ତାଙ୍କର ବିଧି ନିର୍ଦ୍ଦିଷ୍ଟ ଗୁରୁଙ୍କ ସହିତ ସାକ୍ଷାତ ହେବା ପରେ ସମସ୍ତ ସନ୍ଦେହ ଦୂରୀଭୂତ ହୋଇଗଲା। ଏହାପରେ ଆଉଥରେ ଯେତେବେଳେ ନରେନ୍ଦ୍ର ଦକ୍ଷିଣେଶ୍ୱର ଆସିଲେ, ସେ ଦିନ ରାମକୃଷ୍ଣଙ୍କ ଦିବ୍ୟସ୍ପର୍ଶ ଲାଭ କରିବା ଦ୍ୱାରା ତାଙ୍କର ଦିବ୍ୟ ଜ୍ଞାନ ଲୁପ୍ତ ହୋଇଗଲା। ସେ ବୁଝିଲେ ପ୍ରତ୍ୟେକ ଧର୍ମ ହିଁ ସତ୍ୟ। ଶିବଜ୍ଞାନରେ ଜୀବସେବା ହିଁ ଭଗବାନଙ୍କ ଶ୍ରେଷ୍ଠ ପୂଜା। ତେଣୁ ସେ ଘୋଷଣା କରିଥିଲେ, 'ବହୁ ରୂପେ ସମ୍ମୁଖେ ତୁମର, ଛାଡ଼ି କାହିଁ ଖୋଜୁଛ ଈଶ୍ୱର? ଜୀବେ ପ୍ରେମ କରେ ଯେଉଁ ଜନ, ସେଇ ମାତ୍ର ସେବଇ ଈଶ୍ୱର।' ୧୮୮୪ ଖ୍ରୀଷ୍ଟାବ୍ଦରେ ବିଏ ପରୀକ୍ଷା ପରେ ନରେନ୍ଦ୍ରଙ୍କ ପିତାଙ୍କର ଦେହାନ୍ତ ହେଲା। ପିତାଙ୍କ ବଳକା ରୋଜଗାର ପରୋପକାରରେ ଖର୍ଚ୍ଚ କରୁଥିବାରୁ ପରିବାରରେ ଅଭାବ ଦେଖାଗଲା। ସେ ଚାକିରୀ ଅନ୍ୱେଷଣରେ ବାହାରିଲେ। ସ୍କୁଲରେ ଶିକ୍ଷକତା କରି ଆର୍ଥିକ ଅବସ୍ଥା ନ ସୁଧୁରିବାରୁ ଗୁରୁଦେବଙ୍କ ପାଖକୁ ଗଲେ। ରାମକୃଷ୍ଣଙ୍କ ଆଶୀର୍ବାଦରୁ ପରିବାରରେ ମୋଟା ଭାତ ଓ ଲୁଗାର ଅଭାବ ରହିଲା ନାହିଁ। ଗୁରୁଙ୍କ ଆଦେଶରେ, କାଳୀମାତାଙ୍କୁ ଦାରିଦ୍ର୍ୟ ବିଷୟରେ ଜଣାଇବାକୁ ଯାଇ ଓ ଆଶୀର୍ବାଦ ପାଇ ମଧ୍ୟ ମାଙ୍କୁ ଜାଗତିକ ବିତ୍ତ ମାଗିପାରୁ ନଥିଲେ। ପ୍ରତିଥର ସେ ଜ୍ଞାନ, ଭକ୍ତି ପାଇଁ ନିଜର କାମନା ଜଣାଉଥିଲେ।

ଫଳରେ ସେ ଦର୍ଶନ କଲେ ପାଷାଣ ପ୍ରତିମା ମଧ୍ୟରେ ଚୈତନ୍ୟରୂପିଣୀ ଭବତାରିଣୀଙ୍କୁ। ଏହାପରେ ସବୁ ତର୍କ ବିଚାର ଛାଡ଼ି ସେ ରାମକୃଷ୍ଣଙ୍କ ଚରଣରେ ଆତ୍ମସମର୍ପଣ କଲେ ଓ ତାଙ୍କ ମନ କ୍ରମେ କ୍ରମେ ନିର୍ବିକଳ୍ପ ସମାଧିରେ ପ୍ରବେଶ କଲା। ସେହିବର୍ଷ ଶ୍ରୀରାମକୃଷ୍ଣଙ୍କ ଗଳଦେଶରେ କ୍ୟାନସର ହେବାରୁ ଅନ୍ୟାନ୍ୟ ଗୁରୁଭାଇଙ୍କ ସାଙ୍ଗରେ ନରେନ୍ଦ୍ର ସେବା, ଜଗଧ୍ୟାନ ଓ ତୀବ୍ର ସାଧନାରେ ମଗ୍ନ ରହିଲେ। ରାମକୃଷ୍ଣ ଶେଷ ସମୟରେ ତାଙ୍କୁ ବିଭିନ୍ନ ସାଧନାରେ ସିଦ୍ଧ କଲେ ଓ ବହୁଜନ ହିତାୟ କର୍ମରେ ନିଜକୁ ନିୟୋଜିତ କରିବା ପାଇଁ ଆଦେଶ ଦେଲେ। ନରେନ୍ଦ୍ର ଯୁବକ ଗୁରୁଭାଇ ମାନଙ୍କୁ ଏକତ୍ରିତ କରି ବରାହ ନଗରରେ ଗୋଟିଏ ପରିତ୍ୟକ୍ତ ଭଡ଼ାଘରେ ମଠ ସ୍ଥାପନ କଲେ। ସେଠାରେ ଗୁରୁଦେବଙ୍କ ପୂଜା, ଭଜନ କୀର୍ତ୍ତନ, ସତସଙ୍ଗ ଇତ୍ୟାଦି ଅନୁଷ୍ଠିତ ହେଲା। ୧୮୮୭ ଖ୍ରୀଷ୍ଟାବ୍ଦରେ କେତେକ ଗୁରୁଭାଇଙ୍କ ସହିତ ବିରଜା ହୋମ କରି ସନ୍ନ୍ୟାସ ନେଲେ। ସେହିଦିନୁ ନୂତନ ନାମ ସ୍ୱାମୀ ବିବେକାନନ୍ଦ ନାମରେ ପରିଚିତ ହେଲେ ଓ ନୂତନ ଗୈରୀକ ବେଶରେ ଭୂଷିତ ହେଲେ। ଏହାପରେ ସେ ବାରାଣସୀ, ଅଯୋଧ୍ୟା, ଲକ୍ଷ୍ନୌ, ବୃନ୍ଦାବନ, ହରିଦ୍ୱାର ଆଦି ତୀର୍ଥ ଭ୍ରମଣ କରି ଅଶିକ୍ଷା, ଅନାହାର ସନଗ୍ନତାକ୍ଲିଷ୍ଟ କୋଟି କୋଟି ଭାରତବାସୀଙ୍କ ଦୁଃଖ ଦୁର୍ଦ୍ଦଶା ଦେଖି ତାର ପ୍ରତିକାର ଚିନ୍ତାରେ ଅସ୍ଥିର ହେଉଥିଲେ। ସେ ସମଗ୍ର ଭାରତ ବର୍ଷ ଯାତ୍ରା କରିଥିଲେ। ଶେଷରେ ଆସିଲେ କନ୍ୟାକୁମାରୀକୁ। ଦେବୀଙ୍କ ମନ୍ଦିର ଅଦୂରରେ ଭାରତର ଶେଷ ଶିଳାଖଣ୍ଡ ଉପରେ ବସି ସେ ଗଭୀର ଧ୍ୟାନମଗ୍ନ ହେଲେ। ଅନ୍ତରରେ ସେ ଶୁଣିବାକୁ ପାଇଲେ ଗୁରୁଦେବଙ୍କର କଣ୍ଠସ୍ୱର। ଲକ୍ଷ ଲକ୍ଷ ଭାରତବାସୀଙ୍କ ପ୍ରତିନିଧି ରୂପେ ସେ ପାଶ୍ଚାତ୍ୟ ଦେଶକୁ ଯିବାର ସଂକଳ୍ପ କଲେ। ୧୮୯୩ ଖ୍ରୀଷ୍ଟାବ୍ଦ ମେ ମାସ ୩୧ ତାରିଖରେ ସେ ଆମେରିକା ଅଭିମୁଖେ ଯାତ୍ରା କଲେ। ସେପ୍ଟେମ୍ବର ୧୧ ତାରିଖରେ ଚିକାଗୋ ଧର୍ମମହାସଭା ଆରମ୍ଭ ହେଲା। ସେ ଦିନ ସ୍ୱାମୀ ବିବେକାନନ୍ଦ ସନାତନ ବୈଦିକ ଧର୍ମ ତଥା ଭାରତକୁ ଶ୍ରେଷ୍ଠ ଆସନରେ ବସାଇଲେ। ତାଙ୍କ ବକ୍ତବ୍ୟର ଆରମ୍ଭରେ ସେ ଯେତେବେଳେ ସମ୍ବୋଧନ କଲେ 'ଆମେରିକାବାସୀ ଭଗିନୀ ଓ ଭ୍ରାତୃବୃନ୍ଦ' - ବିପୁଳ କରତାଳିରେ ତାଙ୍କୁ ଅଭିନନ୍ଦିତ କରାଗଲା। ତାଙ୍କ ବକ୍ତୃତା ସମସ୍ତଙ୍କ ପ୍ରାଣରେ ଏକ ଅଦ୍ଭୁତ ଉଦ୍ଦୀପନା ସଞ୍ଚାର କଲା। ପରଦିନ ସମ୍ବାଦପତ୍ରରେ ପ୍ରକାଶିତ ହେଲା ସ୍ୱାମୀଜୀଙ୍କ ଅଜସ୍ର ସାଧୁବାଦ। ସେ ହେଲେ ଧର୍ମ ମହାସଭାର ସର୍ବଶ୍ରେଷ୍ଠ ଆକର୍ଷଣ। ୧୭ ଦିନର ଧର୍ମ ସମ୍ମିଳନୀରେ ସେ ବିଭିନ୍ନ ଦିନରେ ୧୨ଟି ବକ୍ତୃତା ଦେଇଥିଲେ। ସେ ବିଶ୍ୱବାସୀଙ୍କୁ ଶୁଣାଇଲେ ଯେ ପ୍ରତ୍ୟେକ ଧର୍ମ ହିଁ ସତ୍ୟ। ମଣିଷ ମଧ୍ୟରେ ହିଁ ଭଗବାନ ବିଦ୍ୟମାନ। ଏହାପରେ ୟୁରୋପ ଭ୍ରମଣ କରି ଭାରତ ଅଭିମୁଖେ ପ୍ରତ୍ୟାବର୍ତ୍ତନ କଲେ।

୧୮୯୭ ଖ୍ରୀଷ୍ଟାବ୍ଦ ମେ ମାସ ୧ ତାରିଖରେ ଶ୍ରୀରାମକୃଷ୍ଣଙ୍କର ଶିଷ୍ୟ ମାନଙ୍କୁ ଏକତ୍ର କରି ସେ 'ଶ୍ରୀରାମକୃଷ୍ଣ ମିଶନ' ପ୍ରତିଷ୍ଠା କଲେ। ପରମହଂସଙ୍କ ବାଣୀକୁ ସମଗ୍ର ଜଗତ ସମ୍ମୁଖରେ ଉପସ୍ଥାପନ କରିବା ଥିଲା ମିଶନର ମୁଖ୍ୟ ଉଦ୍ଦେଶ୍ୟ। ଶ୍ରୀରାମକୃଷ୍ଣ ମଠ ଓ ମିଶନ ଧୀରେ ଧୀରେ ଦେଶ ବିଦେଶରେ ପ୍ରସାର ଲାଭ କରି ବିଶାଳ ସଂଘରେ ପରିଣତ ହେଲା। ସ୍ୱାମୀଜୀ ଭାରତର ଅନେକ ସ୍ଥାନ ଭ୍ରମଣ କରି ତାଙ୍କର ଓଜସ୍ୱିନୀ ବକ୍ତୃତା ପ୍ରଦାନ କଲେ। ଅମରନାଥ ଯାତ୍ରାରୁ ଫେରିବା ପରେ ବିବେକାନନ୍ଦ କଲିକତାରେ ବେଲୁରମଠରେ ରହିଲେ। ୧୮୯୯ ମସିହା ଜୁନ୍ ୨୦ ତାରିଖରେ ସେ ଦ୍ୱିତୀୟବାର ପାଶ୍ଚାତ୍ୟ ଦେଶ ଭ୍ରମଣ ନିମିତ୍ତ



ଯାତ୍ରା କଲେ। କଲମ୍ବୋ, ସାନ୍‌ଫ୍ରାନ୍‌ସିସ୍କୋ, କାଲିଫର୍ଣ୍ଣିଆ, ୟୁରୋପର ବିଭିନ୍ନ ଦେଶ ମିଶର ଇତ୍ୟାଦି ଦେଶରେ ଆଶ୍ରମ ତଥା ବେଦାନ୍ତ କେନ୍ଦ୍ରମାନ ପ୍ରତିଷ୍ଠା କଲେ। ତାପରେ ୧୯୦୦ ମସିହା ଡିସେମ୍ବର ମାସରେ ଭାରତ ଫେରି ଆସିଥିଲେ। ଅନେକ ପାଶ୍ଚାତ୍ୟ ଶିଷ୍ୟ ତାଙ୍କ ପାଖକୁ ଆସିଥିଲେ। ମିସ୍ ମାର୍ଗାରେଟ ନୋବେଲଙ୍କୁ ବ୍ରହ୍ମଚାରିଣୀ ବ୍ରତରେ ଦୀକ୍ଷିତ କରି ନାମ ଦେଲେ ନିବେଦିତା। ନିବେଦିତାଙ୍କୁ ସେ ସ୍ତ୍ରୀ ଶିକ୍ଷା ଭାରତ ଅର୍ପଣ କରିଥିଲେ। କ୍ରମେ କ୍ରମେ ସେ ଅସୁସ୍ଥ ହୋଇପଡ଼ିଲେ। ବେଲୁର ମଠ ସହିତ ସମସ୍ତ ସମ୍ପତ୍ତିକୁ ଗୁରୁଭାଇ ମାନଙ୍କୁ ହସ୍ତାନ୍ତର କରି ନିଜକୁ ଦୂରେଇ ରଖିଲେ। ୧୯୦୧ ମସିହା ଜୁଲାଇ ୪ ତାରିଖରେ ସନ୍ଧ୍ୟା ଆଠଟା ସମୟରେ ସେ ସ୍ୱେଚ୍ଛା ମୃତ୍ୟୁବରଣ କଲେ। ବାସ୍ତବିକ ରବିନ୍ଦ୍ରନାଥ ଠାକୁର କହିଛନ୍ତି, 'ତୁମେ ଯଦି ଭାରତ ବର୍ଷକୁ ଜାଣିବାକୁ ଚାହଁ, ତେବେ ବିବେକାନନ୍ଦଙ୍କୁ ଅଧ୍ୟୟନ କର'। ମହାତ୍ମାଗାନ୍ଧୀ କହିଛନ୍ତି, 'ମୁଁ ତାଙ୍କର ରଚନାବଳୀକୁ ଅତି ମନଯୋଗ ସହକାରେ ପଢ଼ିଛି ଏବଂ ଦେଶକୁ ଆଗରୁ ଯେତିକି ଭଲ ପାଉଥିଲି, ଏ ଗୁଡ଼ିକ ପଢ଼ିବା ପରେ ସେହି ଭଲପାଇବା ହଜାର ଗୁଣ ବଢ଼ିଯାଇଛି।'





*ପ୍ଲଟ ନଂ : ୧୦୮୨/ଡ଼ି, ସେକ୍ଟର-୬, ସିଡ଼ିଏ, କଟକ*
*ଦୂରଭାଷ : ୯୮୬୧୩୫୫୬୨୮*

## ତିନି ମାସ ପରିବର୍ତ୍ତେ ବିତିଗଲାଣି ଦୁଇ ବର୍ଷ

# ସରୁନି ପଞ୍ଚାୟତ ଗୃହ ନିର୍ମାଣ

**ବନ୍ତ,(ପି.କେ.ସିଂହ) :** ଗ୍ରାମପଂଚାୟତ ଗୁଡ଼ିକର ସର୍ବାଙ୍ଗିନ ଉନ୍ନତି ପାଇଁ ବିଭିନ୍ନ ପ୍ରକାର ଯୋଜନା ପ୍ରଣୟନ କରିବାସହ ଏହାର ସଫଳ ରୁପାୟନ କୁ ନଜିରରେ ରଖି ଓଡ଼ିଶା ସରକାର,ପଂଚାୟତରାଜ ବିଭାଗ ପକ୍ଷରୁ ଗ୍ରାମପଂଚାୟତ ପୁର୍ନଗଠନ ଆଇନ ଅନୁଯାୟୀ ୨୦୧୬ ମସିହାରେ ଭଦ୍ରକ ଜିଲ୍ଲା ବନ୍ତ ବ୍ଲକରେ ୩ଗୋଟି ନୂତନ ଗ୍ରାମପଂଚାୟତ ଗଠନ ଘୋଷଣା କରାଯାଇଥିଲା। ତଦନୁସାରେ ବନ୍ତ ବ୍ଲକ ଅଧିନରେ ୨୨ଟି ପଂଚାୟତ ପରିବର୍ତ୍ତେ ୨୫ଟି ପଂଚାୟତ କାର୍ଯ୍ୟ କରିଥିଲା। ତନ୍ମଧ୍ୟରୁ ପୁରୁଷଣ୍ଡ ପଂଚାୟତକୁ ଭାଗକରାଯାଇ ନୂତନ ଭାବେ ବଡ଼ହାଟତ୍ରିଲୋଚନପୁର(ବି.ଟି.ପୁର) ପଂଚାୟତ ଗଠନ କରାଯାଇଥିଲା । ୧୨ଟି ୱାର୍ଡ଼ ସମେତ ୭ଗୋଟି ହାମଲେଟ ବା କ୍ଷୁଦ୍ର ଗ୍ରାମର ପାଖାପାଖି ୬ହଜାର ଜନସଂଖ୍ୟାକୁ ନେଇ ନୂତନ ପଂଚାୟତ ଗଠନ ହେବାର ଇତି ମଧ୍ୟରେ ୩ବର୍ଷ ବିତିଯାଇଥିଲେ ସୁଦ୍ଧା ପଂଚାୟତରେ ଲାଗିରହିଥିବା ସମସ୍ୟାଗୁଡ଼ିକ ପ୍ରତି ସରକାର କିମ୍ବା ଲୋକପ୍ରତିନିଧି କେହି ଦୃଷ୍ଟି ନଦେବା ବଡ଼ ଦୁଃଖ ଓ ଅନୁତାପର ବିଷୟ ଅଟେ । ବିଭିନ୍ନ ସମସ୍ୟା ମଧ୍ୟରୁ ଏହାର ମୁଖ୍ୟ ସମସ୍ୟା ହେଲା ଆଜି ପର୍ଯ୍ୟନ୍ତ ପଂଚାୟତର ନିଜସ୍ୱ କାର୍ଯ୍ୟାଳୟ ଗୃହ ନିର୍ମାଣ ହୋଇନପାରିବା । ଏଠାରେ ପ୍ରକାଶ ଥାଉକି : ପଂଚାୟତ କାର୍ଯ୍ୟାଳୟ ନୂତନ ଗୃହ ନିମନ୍ତେ ଜମି ଅଧିଗ୍ରହଣ କରାଯିବା ପରେ ୩୩ ଲକ୍ଷ ୭୦ ହଜାର ଟଙ୍କା ମଂଜୁର ହୋଇଥିଲା । ୨୦୧୮ ମସିହା ଜାନୁୟାରୀ ୬ ତାରିଖରେ କନିଷ୍ଠ ଯନ୍ତ୍ରୀଙ୍କ ନାମରେ କାର୍ଯ୍ୟାଦେଶ ମିଳିବା ସହିତ ୯୦ ଦିନ ମଧ୍ୟରେ ଏହି କାର୍ଯ୍ୟ ସଂପୂର୍ଣ୍ଣ କରିବା ପାଇଁ ଉଲ୍ଲେଖ ରହିଥିଲା । ଅବଧି ସରିବାର ପ୍ରାୟ ୨ବର୍ଷ ପୁରିବାକୁ ବସିବା ପରେ ସୁଦ୍ଧା ଏହି ଗୃହ ଅଧପନ୍ତରିଆ ଅବସ୍ଥାରେ ପଡ଼ି ରହିଛି । ପୁରୁଷଣ୍ଡ ପଂଚାୟତ କାର୍ଯ୍ୟାଳୟର ଏକ ଛୋଟ କୋଠରୀରେ ବିଟିପୁର ପଂଚାୟତ କାର୍ଯ୍ୟାଳୟ ଚାଲିଛି । ଏହି କୋଠରୀରେ ସମସ୍ତ ନିର୍ବାଚିତ ପ୍ରତିନିଧିମାନେ ଏକ ସଙ୍ଗେ ବସିବା ମଧ୍ୟ ଅସମ୍ଭବ ହୋଇପଡ଼ିଛି । ଭତ୍ତା ଦିନ ମଧ୍ୟ ନାନାଦି ସମସ୍ୟାମାନ ଦେଖାଦେଉଛି । ପଂଚାୟତ ଗୃହ ସ୍ଥାନ ଅଭାବ ଯୋଗୁଁ ମଧ୍ୟ ଗତ ସ୍ୱାଧିନତା ଦିବସରେ ଆୟୋଜିତ ଗ୍ରାମସଭାକୁ ୱାର୍ଡ଼ସଭ୍ୟ/ସଭ୍ୟା ମାନେ ବର୍ଜନ କରିଥିଲେ । ଗୃହ ନିର୍ମାଣର ବିଳମ୍ବତାକୁ ନେଇ ଗତ ଅକ୍ଟୋବର ମାସ ୨ ତାରିଖରେ ସରପଂଚ ଓ ୱାର୍ଡ଼ସଭ୍ୟ/ସଭ୍ୟାମାନେ ପଂଚାୟତ କାର୍ଯ୍ୟାଳୟ ସାମ୍ନାରେ ଗଣଧାରଣା ଦେଇଥିଲେ । ପରେ ୱାର୍ଡ଼ସଭ୍ୟ ଶ୍ରୀ ରାଜୀବ ଲୋଚନ ରାୟ ଏହି ସମ୍ବନ୍ଧରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ସମେତ ବିଭାଗୀୟ ଅଧିକାରୀମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ଅଦ୍ୟାବଧି କିଛି ସୁଫଳ ପାଇପାରିନଥିବା ଆମ ପ୍ରତିନିଧିଙ୍କୁ କହିଛନ୍ତି । ସମସ୍ୟାକୁ ନେଇ ବିଭାଗୀୟ ଅଧିକାରୀ ମାନଙ୍କୁ ଯୋଗାଯୋଗ କରିବାରୁ ଏହି ଗୃହ ନିର୍ମାଣ ଏନଆରଜିଏସ ଅର୍ଥରେ ହେଉଥିବାରୁ ଓ କେନ୍ଦ୍ରରୁ ଅନୁଦାନ ମିଳିବାରେ ବିଳମ୍ବ ହେଉଥିବାରୁ ଗୃହନିର୍ମାଣ ସଂପୂର୍ଣ୍ଣ ହେବା ନେଇ ଅସୁବିଧା ସୃଷ୍ଟି ହେଉଥିବାର ଆମ ପ୍ରତିନିଧିଙ୍କୁ କହିଥିଲେ । ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ବି.ଟି.ପୁର ପଂଚାୟତ ବାସୀଙ୍କ ପକ୍ଷରୁ ଦାବୀ ହେଉଛି ।



# ପାରାଦୀପରେ ପ୍ରଦୂଷଣ ସ୍ଥିତି ଅନୁଧ୍ୟାନ କଲେ ସ୍ୱତନ୍ତ୍ର କମିଟି



**ପାରାଦୀପ :** ବନ୍ଦର ସହର ପାରାଦୀପରେ ପ୍ରଦୂଷଣ ମାତ୍ରା ଏତେ ବଢିଗଲାଣି ଯେ ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଲାଣି । ପାରାଦ୍ୱୀପ ଅଞ୍ଚଳରେ ପ୍ରଦୂଷଣର ସ୍ଥିତି ଅନୁଧ୍ୟାନ ପାଇଁ ଏକ ସ୍ୱତନ୍ତ୍ର କମିଟି ମଙ୍ଗଳବାର ଦିନ ପାରାଦ୍ୱୀପରେ ପହଞ୍ଚିଥିଲେ । ଅବସରପ୍ରାପ୍ତ ବିଚାରପତି ପି.କେ.ମହାନ୍ତି, ରାଜ୍ୟ ପ୍ରଦ୍ୟୁଷଣ ନିୟନ୍ତ୍ରଣ ବୋର୍ଡ ସଦସ୍ୟ ସଚୀବ ଦେବୀଦତ୍ତ ବିଶ୍ୱାଳ, ଜଙ୍ଗଲ ଓ ପରିବେଶ ସଚୀବ ମୋନା ଶର୍ମା ପାରଦ୍ୱୀପର କଠିନ ବର୍ଜବସ୍ତୁ ପରିଚାଳନା ସମ୍ପର୍କରେ ପାରାଦ୍ୱୀପ ବନ୍ଦର ଅଧକ୍ଷ ରିଙ୍କେଶ ରଏ, ମ୍ୟୁନିସିପାଲଟିର ଅଧକ୍ଷ ବସନ୍ତ ବିଶ୍ୱାଳ, ପାରାଦ୍ୱୀପ ଅତିରିକ୍ତ ଜିଲ୍ଲାପାଳ ଡ.କାହ୍ନୁଚରଣ ଧିର, ପାରାଦ୍ୱୀପ ବନ୍ଦର ମୁଖ୍ୟ ଚିକିତ୍ସାଧିକାରୀ ଡା.ପ୍ରହଲାଦ ପଣ୍ଡା, ଜିଲ୍ଲାପ୍ରକଳ୍ପ ନିର୍ଦ୍ଦେଶକ ଙ୍କ ସମେତ ବିଭିନ୍ନ ଅଧିକାରୀ ଓ ସାମାଜିକ ସଙ୍ଗଠନ ମାନଙ୍କ ସହିତ ଆଲୋଚନା କରିଥିଲେ।



# ଜାନୁଆରୀ ତୃତୀୟ ସପ୍ତାହରେ ପକ୍ଷୀ ମହୋତ୍ସବ

## ଚଳିତ ଋତୁରେ ହୀରାକୁଦ ଜଳଭଣ୍ଡାରକୁ ଅତିଥି ପକ୍ଷୀଙ୍କ ଆଗମନ ସଂଖ୍ୟା କମିଛି



**ସମ୍ବଲପୁର, (ଦାମୋଦର ପଣ୍ଡା) :** ଚଳିତ ଶୀତ ଋତରେ ହୀରାକୁଦ ଜଳଭଣ୍ଡାରକୁ ଆସୁଥିବା ବିଦେଶୀ ପକ୍ଷୀଙ୍କ ସଂଖ୍ୟା ହ୍ରାସ ପାଇଛି। ଏଥର ପର୍ଯ୍ୟାପ୍ତ ପରିମାଣର ଜଳ ଥିବାରୁ ଭିତରେ ଥିବା ଟାପୁମାନ ଜଳମଗ୍ନ ରହିଛି। ଏହା ସଂଖ୍ୟା ହ୍ରାସର କାରଣ ହୋଇଥାଇପାରେ ବୋଲି ବନ୍ୟପ୍ରାଣୀ ବିଭାଗ ଆଶଙ୍କା ପ୍ରକାଶ କରିଛି। ୭୪୬ବର୍ଗ କିଲୋମିଟର ବିଶିଷ୍ଟ ଏହି ଜଳଭଣ୍ଡାରକୁ ସାଇବେରିଆ ଅଞ୍ଚଳରେ ପ୍ରବଳ ଥଣ୍ଡା ପଡୁଥିବାରୁ ବିଦେଶୀ ପକ୍ଷୀମାନେ ନଭେମ୍ବରୁ ଆସି ଫେବୃଆରୀ ବେଳକୁ ଫେରି ଯାଇଥାନ୍ତି। ପ୍ରାୟତଃ ଲିଜର ହ୍ୱିସିଲଂଡକ, କମନ୍‌ପୋଚାର୍ଡ, ଟପଟେଡଡକ, କ୍ରେଷ୍ଟଡ୍‌ଗ୍ରେବ, କମନକୋଟ, ଲିଟିଲ କମୋରାଣ୍ଟ, ବ୍ରାଉଣ୍ଡ ହେଡେଡ୍ ଗଲ୍ ଆଦି ବିଦେଶୀ ପକ୍ଷୀ ପ୍ରତିବର୍ଷ ଆସୁଥିବାର ଜଣାଯାଇଛି। ଚଳିତ ୨୦୧୯ ବର୍ଷରେ ୯୨ ପ୍ରଜାତିର ୧,୪୫,୯୪୬ ପକ୍ଷୀ ଆସିଥିବାର ଗଣନାରୁ ଜଣାଯାଇଛି ବୋଲି ବିଭାଗୀୟ ସୂତ୍ରରୁ ପ୍ରକାଶ। ୨୦୧୮ ବର୍ଷରେ ୮୨ ପ୍ରଜାତିର ୧,୬୫,୮୩୫ ପକ୍ଷୀ ଆସିଥିଲେ। ଚଳିତବର୍ଷ ପକ୍ଷୀଗଣନାରେ ୧୮ଟି ଡଙ୍ଗା ତଥା ୧୦୮ କର୍ମଚାରୀ ସାମିଲ ଥିଲେ। ବନ୍ୟପ୍ରାଣୀ ବିଭାଗର ସମ୍ବଲପୁର ହୀରାକୁଦ ଓ ଝାରସୁଗୁଡା ଡିଭିଜନର ବରିଷ୍ଠ ଅଧିକାରୀ ନେତୃତ୍ୱ ନେଇଥିଲେ। ଆସନ୍ତା ଜାନୁଆରୀ ତୃତୀୟ ସପ୍ତାହରେ ପକ୍ଷୀ ମହୋତ୍ସବ ଆୟୋଜନ କରାଯିବା ପାଇଁ ପ୍ରସ୍ତୁତି ଚାଲିଛି। ଏହାସହ ପକ୍ଷୀ ମାନଙ୍କ ସୁରକ୍ଷା ବ୍ୟବସ୍ଥା ମଧ କରାଯାଇଛି। ଏହି ମହୋତ୍ସବ ବେଳେ ଦେଶୀ ତଥା ବିଦେଶୀ ପକ୍ଷୀଙ୍କ କଳରବ ଉପଭୋଗ କରାଯାଇ ପାରିବ ବୋଲି ଜଣାପଡିଛି।

# ଅଫିସର ହେବତ ଏମିତି



**ଭବାନୀପାଟଣା,(ଅନିଲ ପଟ୍ଟନାୟକ) :** ରାଜ୍ୟ ସରକାରଙ୍କ ଅଧିନରେ କାର୍ଯ୍ୟ କରୁଥିବା ଅଧିକାରୀ ଓ କର୍ମଚାରୀଙ୍କ କାର୍ଯ୍ୟଧାରାକୁ ନେଇ ବିଭିନ୍ନ ସମୟରେ ନାନା ପ୍ରଶ୍ନ ଉଠିଥାଏ। କେଉଁଠି ଅପାରଗ ଅଫିସରଙ୍କ ପାଇଁ ଜନସାଧାରଣ ହଇରାଣ ହରକତ ହୋଇଥାନ୍ତି ତ' ଆଉ କେଉଁଠି ଲାଞ୍ଚ କାରବାର ଯୋଗୁ ସାଧାରଣ ଲୋକ ଅଡୁଆରେ ପଡିଥାନ୍ତି। ଯେଉଁଥିପାଇଁ ସରକାରୀ ଯୋଜନାର ସୁଫଳ ସମସ୍ତଙ୍କ ନିକଟରେ ପହଞ୍ଚି ପାରେନାହିଁ। ଏହାଦ୍ୱାରା ବଦନାମ ହୁଅନ୍ତି ସରକାର। କିନ୍ତୁ ଆଜିକାଲି ଏଭଳି କିଛି ଅଫିସର ଅଛନ୍ତି ନିଜର ସଚ୍ଚୋଟ ପଣିଆ ଓ କର୍ତ୍ତବ୍ୟ ପରାୟଣତାକୁ ନେଇ ସାଧାରଣରେ ପ୍ରଶଂସା ଭାଜନ ହୋଇପାରନ୍ତି। ସେଭଳି ଜଣେ ଅଫିସର ହେଲେ ଲାଞ୍ଜିଗଡ ବ୍ଲକ ବିଡିଓ ଜିତେନ୍ଦ୍ର କୁମାର ମିଶ୍ର। ଦୁର୍ଗମ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଯେଉଁଠି ଆଗରୁ ସରକାରୀ ବାବୁଙ୍କ ପାଦ ପଡିନଥିଲା ସେଠାକୁ ସେ ପାଦରେ ଚାଲି ଚାଲି ଯାଇ ପହଞ୍ଚିବା ସହିତ ସେମାନଙ୍କୁ ରାଜ୍ୟ ସରକାରଙ୍କ ବିଭିନ୍ନ ଆଦିବାସୀ କଲ୍ୟାଣ ଯୋଜନା ସମ୍ପର୍କରେ କହିଥିଲେ। ନକ୍ସଲ ଭୟ ସତ୍ତ୍ୱେ ଶ୍ରୀ ମିଶ୍ର ନିର୍ଭୟରେ ପାହାଡ ଚଢ଼ି ଜଙ୍ଗଲ ରାସ୍ତା ଦେଇ ଦୟନୀୟ ଅବସ୍ଥାରେ ଥିବା ଝରଣିଆ ଓ କୁଟିଆ କନ୍ଧ ଆଦିବାସୀମାନଙ୍କ ନିକଟରେ ପହଞ୍ଚି ପାରିଥିଲେ। ଏଠାରେ ଥିବା ଭୂମିହୀନ ଆଦିବାସୀଙ୍କୁ ସ୍ଥାୟୀ ଜମିପଟ୍ଟା ଦେବା ସହ ଆବାସ ଆବାସ ଯୋଜନାରେ ସାମିଲ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ନିଜ ଅଞ୍ଚଳରେ ବିଡିଓଙ୍କ ଆଗମନକୁ ଦେଖି ଏଠାରେ ବସବାସ କରୁଥିବା ଆଦିବାସୀଙ୍କ ମୁହଁରେ ହସ ଫୁଟି ଉଠିଥିଲା। ଶ୍ରୀ ମିଶ୍ରଙ୍କ ସହ ପଞ୍ଚାୟତ ନିର୍ବାହୀ ଅଧିକାରୀ ଅଲେଖ ସା, ଗ୍ରାମ ରୋଜଗାର ସେବକ ଅରବିନ୍ଦ ମହାନ୍ତି ଉପସ୍ଥିତ ଥିଲେ। ବିଡିଓଙ୍କ ଏତାଦୃଶ୍ୟ କାର୍ଯ୍ୟକୁ ଲାଞ୍ଜିଗଡ ବ୍ଲକରେ ସମସ୍ତେ ଭୂୟସୀ ପ୍ରଶଂସା କରୁଛନ୍ତି।





ଇଂ. ମାନସ ରଞ୍ଜନ ମହାନ୍ତି
ପରିଚାଳନା ନିର୍ଦ୍ଦେଶକ

ଆଲୋକ କୁମାର ଜେନା
ନିର୍ଦ୍ଦେଶକ

ଏକମାତ୍ରର ୪ର୍ଥ ସ୍ୱନକ୍ଷତ୍ର ଦିବସରେ ଓମାକ୍ସ ପରିବାର ତରଫରୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ।

OMACS PROPERTIES Pvt. Ltd
Plot No : 23, District Centre, Chandrasekharpur, Bhubaneswar-751016, Odisha
E-mail : omacsbbsr@gmail.com, www.omacs.com
Cell : 9937099963, 9437209709, 9861197016

## ବକ୍ରବାଣୀ



ଦାଶପୁଅ କିବା ଅସୁର ହେଲା
କଚ୍ଛା ଖୋଲି ଭଲ ଦକ୍ଷିଣା ଦେଲା
ପିଲାବେଳ ରାଗ ମନେ ପଇଲା
ପାଠ ପଢ଼ି ତାଙ୍କ ଚୁଟି ଧଇଲା
ମାରୁ ମାରୁ ଶେଷେ ତାଙ୍କୁ ମାଇଲା
ମାଷ୍ଟ୍ରିଆ ଖୁସିକୁ ସବୁ ଖାଇଲା
ଏବେ ଠାରୁ ତାଡି ଦେଲା ବଢ଼େଇ
ଖରାଦିନ ଛୁଟି ନେଲା ଛଢ଼େଇ
କହିଥିବା କଥା ସତ ହବତ
ମନ୍ତିରୀ ପଦୁଟା ବଞ୍ଚିଥବତ।

—— ଟୁଟୁ



କେନ୍ଦ୍ରାପଡ଼ା : ଓଁ କ୍ଷେତ୍ର ଶ୍ରୀଶ୍ରୀ ଜଗନ୍ନାଥ ମନ୍ଦିର ସେବା ପରିଚାଳନା କମିଟି ପକ୍ଷରୁ ପବିତ୍ର ଦେବ ଅଭିଷେକ ମହୋତ୍ସବରେ ଅତିଥି ଭାବେ ସମାଜସେବୀ ଇଂ. ମାନସ ରଞ୍ଜନ ମହାନ୍ତି।

ନବବର୍ଷ - ୨୦୨୦ ଅବସରରେ
ଛତା ପିପଲ ପଞ୍ଚାୟତବାସୀଙ୍କୁ
ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ।




କୁନ୍ତଳା ପାତ୍ର
ସରପଞ୍ଚ
ଛତା ପିପଲ ଗ୍ରାମ ପଞ୍ଚାୟତ
ପୁଇଁତଲା ବ୍ଲକ, ବଲାଙ୍ଗିର

୪ର୍ଥ ସ୍ୱନକ୍ଷତ୍ର ଦିବସରେ ବଲାଙ୍ଗିର ଜିଲ୍ଲା ଏକମାତ୍ର ପରିବାର ତରଫରୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ।




ବିମଳ କିଶୋର ଯୋଶୀ
ଜିଲ୍ଲା ପ୍ରତିନିଧି,ବଲାଙ୍ଗିର

୪ର୍ଥ ସ୍ୱନକ୍ଷତ୍ର ଦିବସରେ ଖୋର୍ଦ୍ଧା ଜିଲ୍ଲା ଏକମାତ୍ର ପରିବାର ତରଫରୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ।




ସୟଦ ଲିଆକତ ଅଲ୍ଲୀ
ଜିଲ୍ଲା ପ୍ରତିନିଧି,ଖୋର୍ଦ୍ଧା

ଏକମାତ୍ରର ୪ର୍ଥ ସ୍ୱନକ୍ଷତ୍ର ଦିବସରେ
ଇଭୋସ ପରିବାର ତରଫରୁ
ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ।



Evos
EVOS BUILDCON PVT.LTD.
କଳିଙ୍ଗ କେଶରୀ ରଥ
www.evos.co.in
E-mail : support@evos.co.in
Cell : 9438383699/ 9040051152

ଏକମାତ୍ରର ୪ର୍ଥ ସ୍ୱନକ୍ଷତ୍ର ଅବସରରେ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ।

ଡୋର ସେଣ୍ଟର
ମଙ୍ଗଳା ମନ୍ଦିର ଛକ, ଶୈଳଶ୍ରୀ ବିହାର, ଭୁବନେଶ୍ୱର
ଦୂରଭାଷ : ୯୪୩୮୦୦୮୨୯୬ / ୯୮୫୩୮୦୮୨୯୬



ବିଜୟ କୁମାର ବେହେରା

୪ର୍ଥ ସ୍ୱନକ୍ଷତ୍ର ଦିବସରେ କଳାହାଣ୍ଡି ଜିଲ୍ଲା ଏକମାତ୍ର ପରିବାର ତରଫରୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ।







ଅଭିରାମ ପ୍ରସାଦ ପଟ୍ଟନାୟକ
ଜିଲ୍ଲା ପ୍ରତିନିଧି

ଶରତ କୁମାର ସାହୁ
ଜୁନାଗଡ଼ ପ୍ରତିନିଧି

ସନ୍ତୋଷ କୁମାର ସିଂହ
ଜୟପାଟଣା ପ୍ରତିନିଧି

ଅଙ୍ଗଦ କୁମାର ନାଏକ
ସ୍ୱତନ୍ତ୍ର ପ୍ରତିନିଧି, ଥୁ.ରାମପୁର

ବି.ବି.ସି. ନାଏକ
ଥୁ.ରାମପୁର ପ୍ରତିନିଧି

PLOT FOR SALE
MOUZA:BHOLA



N.H. Bye Pass (Old Trunk Road), Near ASBM College,
Chandaka, Bhubaneswar, Odisha
Contact : 8658607286

Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra**
ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର

Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ

Editor : **Tarak Mohanty**
ସମ୍ପାଦକ : ତାରକ ମହାନ୍ତି